


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-80 ◆SATURDAY ◆13 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୮୦ ◆ଶନିବାର ◆୧୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଏଥର ମହଙ୍ଗା ପାର୍ବଣ



## ଟ୍ରମ୍ପ୍ ଟାରିଫ୍ ମାଡ଼

### ବଢ଼ିଲାଣି ଖାଦ୍ୟ ସାମଗ୍ରୀ ଦର
### ସୁନା, ରୁପା ଦର ଆକାଶଛୁଆଁ
### ସୌଖୀନ ସାମଗ୍ରୀଠାରୁ ଡ୍ରାଏ ଫ୍ରୁଟ୍ ଯାଏଁ ସବୁ ମହଙ୍ଗା


■ **ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି):** ଗଣେଶ ପୂଜା ପରେ ଦେଶରେ ଆରମ୍ଭ ହୋଇଛି ପାର୍ବଣ ଋତୁ। ସ୍ୱାଭାବିକ ଭାବରେ ପାର୍ବଣ ଋତୁରେ ଦୁର୍ଗାପୂଜାଠାରୁ ଦଶହରା ଓ ଦୀପାବଳି ପର୍ଯ୍ୟନ୍ତ ବାଣିଜ୍ୟ ବ୍ୟବସାୟ ବଢ଼ିଥାଏ ଏବଂ ଲୋକମାନେ ବହୁ ସାମଗ୍ରୀ କ୍ରୟ କରିଥାଆନ୍ତି। ଚଳିତ ବର୍ଷ ପୂଜା ଋତୁ ପୂର୍ବରୁ ଜିଏସ୍‌ଟି ହ୍ରାସ ଲୋକଙ୍କ ଜୀବନଯାତ୍ରାକୁ ଅଧିକ ସ୍ୱଚ୍ଛନ୍ଦ କରିବ ଓ କାରବାର ବଢ଼ାଇବ ବୋଲି ଆଶା କରାଯାଉଥିବାବେଳେ ବାସ୍ତବିକତା କିନ୍ତୁ ଭିନ୍ନ। ବଜାର ଦର ଏଥର ପାର୍ବଣ ପରିବେଶରେ ଉପଭୋକ୍ତାଙ୍କୁ ବେହାଲ କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରୁଛନ୍ତି। ଗତ କେଇଦିନ ମଧ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିବା ସାଧାରଣ ଖାଉଟିଙ୍କୁ ଚିନ୍ତାଗ୍ରସ୍ତ କରିଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡିକର ବଜାର ଦର ବର୍ତ୍ତମାନ ଯେଉଁଭଳି ରହିଛି, ସେଥିରେ ଖାଉଟି ନୟାନ୍ତ। ଏହି ସମୟରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ଭବିଷ୍ୟତରେ ବିଭିନ୍ନ ସାମଗ୍ରୀକୁ ଅଧିକ ମହରଗ କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶିତ ରିପୋର୍ଟ ଅନୁସାରେ ଗତ ୯ ମାସ ଧରି ଖୁଚୁରା ମୁଦ୍ରାସ୍ଫୀତି ସ୍ଥିର ରହିବା ପରେ ଅଗଷ୍ଟ ମାସରେ ପୁନର୍ବାର ଉପରମୁହାଁ ହୋଇଛି। ଖାଦ୍ୟ ସାମଗ୍ରୀ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ଉର୍ଦ୍ଧ୍ୱମୁଖୀ ହୋଇଥିବା କୁହାଯାଉଛି । ଏହି ସମୟରେ ସୁନାରୁପା ବଜାର ଆକାଶ ଛୁଇଁଛି । ପ୍ରତିଦିନ ଏହି ଦୁଇ ଧାତୁର ମୂଲ୍ୟ ରେକର୍ଡ଼ ପରେ ରେକର୍ଡ଼ ଭାଙ୍ଗୁଛି । ୧୦ଗ୍ରାମ ରୁପା ମୂଲ୍ୟ ପାଖାପାଖି ୧୪୦୦ ଟଙ୍କାରେ ପହଞ୍ଚିଥିବାବେଳେ ୧୦ ଗ୍ରାମ ସୁନା (୨୨) କ୍ୟାରେଟ୍ ୧୦୧୩୦୦ ଟଙ୍କା ଅତିକ୍ରମ କରିଛି। ଏପଟେ ଟ୍ରମ୍ପ ଟାରିଫ୍ ମାଡରେ ଉଭୟ ଧନୀକ ବର୍ଗ ଓ ଗରିବ ଲୋକମାନେ ପ୍ରଭାବିତ ହୋଇଛନ୍ତି। ରପ୍ତାନୀ ହ୍ରାସ ଯୋଗୁଁ ଏମ୍‌ଏସ୍‌ଏମ୍‌ଇ ଶିଳ୍ପଗୁଡ଼ିକ ବନ୍ଦ ହେବାରେ ଲାଗିଛି ଓ ଏହି ନିଯୁକ୍ତିଭିତ୍ତିକ ଶିଳ୍ପ ବନ୍ଦ ହେବା ସାଧାରଣ ଶ୍ରମିକ ଶ୍ରେଣୀର ଲୋକଙ୍କ ଜୀବନ ଜୀବିକା ଛଡ଼ାଇ ନେଇଛି। ଅନ୍ୟପକ୍ଷରେ ଅତି ଧନୀକ ଗୋଷ୍ଠୀଙ୍କ ପାଇଁ ଟିକସ ମହଙ୍ଗା ହୋଇଛି। ମୁଦ୍ରାସ୍ଫୀତି ତାତିରୁ ଖାଲି ସହର କାହିଁକି ଗ୍ରାମାଞ୍ଚଳ ବି ବାଦ୍ ପଡିନି। ଦେଶର ଅଧିକାଂଶ ଭାଗରେ ପ୍ରବଳ ବର୍ଷା ଏବଂ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ଖରିଫ ଫସଲ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରାଯାଉଛି।

ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ଜୁଲାଇ ମାସର ୧.୬୧%ରୁ ୨.୦୭%କୁ ବୃଦ୍ଧି ପାଇଛି। ହାଟ ବଜାରରେ କୌଣସି ବି ପନିପରିବାର ଦର ▶ପୃଷ୍ଠା-୭

# ଶପଥ ନେଲେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍

ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ସିପି ରାଧାକ୍ରିଷ୍ଣନ୍ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି।



# ଘାରିଲାଣି ମିଛ ଖବର ଚିନ୍ତା

## ଗଣମାଧ୍ୟମ ପାଇଁ ବାଧ୍ୟତାମୂଳକ ହେବ ଫ୍ୟାକ୍ଟ ଚେକିଂ ସିଷ୍ଟମ

### ଭୁଲ୍ ତଥ୍ୟ ପାଇଁ ଦାୟୀ ରହିବେ ଗଣମାଧ୍ୟମ ସଂପାଦକ, ମାଲିକ
### ଭାରତକୁ ବାଂଲାଦେଶ, ନେପାଳ ହେବାକୁ ଦିଆଯିବନି: ଦୁବେ




■ **ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି):** ମିଥ୍ୟା ଖବର ବା ଫେକ୍ ନ୍ୟୁଜ୍ ପରିବେଷଣ ଗଣତନ୍ତ୍ର ଓ ଆଇନ୍ ବ୍ୟବସ୍ଥା ପ୍ରତି ବିପଦ। ଏହାକୁ ରୋକିବା ଲାଗି ଠୋସ ଓ କଡ଼ା ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଗଣମାଧ୍ୟମ ସଂସ୍ଥା ଏଥିପାଇଁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା କରନ୍ତୁ। ମିଥ୍ୟା ବା ଫେକ୍ ଖବର ପରିବେଷଣ କରୁଥିବା ଗଣମାଧ୍ୟମ ସଂସ୍ଥା ପାଇଁ ଦଣ୍ଡ ବ୍ୟବସ୍ଥା ମଧ୍ୟ ହେଉ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତ ସଂସଦୀୟ କମିଟି ଏଭଳି ସୁପାରିସ କରିଛି। କମିଟି ଏହାର ରିପୋର୍ଟ ଲୋକସଭା ବାଚସ୍ପତିଙ୍କୁ ଦେଇଛି ଏବଂ ସଂସଦର ଆଗାମୀ ଅଧିବେଶନରେ ଏସଂପର୍କରେ ସରକାର ବିଲ ଆଗତ କରିପାରନ୍ତି ବୋଲି ଖବର ମିଳିଛି।

କମିଟିର ଅଧ୍ୟକ୍ଷ ବିଜେପି ସାଂସଦ ନିଶିକାନ୍ତ ଦୁବେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ▶ପୃଷ୍ଠା-୭



# ସୁଶୀଳା ଧରିଲେ ନେପାଳ ମଙ୍ଗ

■ **କାଠମାଣ୍ଡୁ, ୧୨।୯ (ଏଜେନ୍ସି):** ନେପାଳର ମଧ୍ୟବର୍ତ୍ତିକାଳୀନ ପ୍ରଧାନମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି ସୁଶୀଳା କାର୍କି। ଏହାସହିତ ସେ ଇତିହାସ ରଚିଛନ୍ତି। ସେ ମଧ୍ୟ ନେପାଳ ସୁପ୍ରିମ କୋର୍ଟର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଥିଲେ। ଆଜି ରାତିରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ସମାରୋହରେ ରାଷ୍ଟ୍ରପତି ରାମଚନ୍ଦ୍ର ତାଙ୍କୁ ଶପଥ ପାଠ କରାଇଛନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏସନ ଡିଗ୍ରୀ ହାସଲ କରିଥିବା ୭୩ ବର୍ଷୀୟା ସୁଶୀଳା ଆଜି ଶପଥ ନେବାପରେ ନେପାଳରେ ରାଜନୈତିକ ଅନିଶ୍ଚିତତାର ଅବସାନ ଘଟିଛି।

### ଦିନକରେ ଭିଜିଲାନ୍ସ ଜାଲରେ ୩ ସରକାରୀ ଅଫିସର

# ତହସିଲଦାର, ଶ୍ରମ ଅଧିକାରୀ, ପିଇଓ ଗିରଫ



### ୧୫ ହଜାର ପାଇଁ ଫଶିଲେ ଓଏଏସ୍ ଟପ୍ପର ତହସିଲଦାର
### ବାର୍ଦ୍ଧକ୍ୟ ଭତ୍ତା ବାବଦରେ ପିଇଓ ଖାଇଥିଲେ ୬ ଲକ୍ଷ

■ **ଭୁବନେଶ୍ୱର/ କୁଚିଣ୍ଡା, ୧୨।୯ (ସମିସ):** ଲାଞ୍ଚ କାରବାର ଅଭିଯୋଗରେ ଗୋଟିଏ ଦିନରେ ଧରା ପଡ଼ିଛନ୍ତି ୩ ସରକାରୀ ଅଧିକାରୀ ଓ ଜଣେ ଡ୍ରାଇଭର। ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ବାମରା ତହସିଲଦାର ତଥା ୨୦୧୯ ବ୍ୟାଚ୍‌ର ଓଏଏସ୍ ଟପ୍ପର ଅଶ୍ୱିନୀ କୁମାର ପଣ୍ଡା ଓ ତାଙ୍କ ଡ୍ରାଇଭର ପି.ପ୍ରବୀଣ କୁମାର ୧୫ ହଜାର ଟଙ୍କା ପାଇଁ ଗିରଫ ହୋଇଛନ୍ତି । ଅଭିଯୋଗ ଅନୁସାରେ ବାମରା ବ୍ଲକ ଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର ଏକ ଜମି ଦାଖଲଖାରଜ ଓ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ଏହି କାମ କରିବା ପାଇଁ ଲାଞ୍ଚ ମାଗିଥିଲେ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା। ସମ୍ପୃକ୍ତ ବ୍ୟକ୍ତି ଏହା ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଆଜି ଦିନ ପ୍ରାୟ ୧୧ଟା ବେଳେ ତହସିଲଦାରଙ୍କ ପରାମର୍ଶକ୍ରମେ ଅଭିଯୋଗକାରୀ ୧୫ ହଜାର ଟଙ୍କା ତ ଡ୍ରାଇଭର ପି.ପ୍ରଭିନ୍ କୁମାରଙ୍କୁ ଦେଇଥିଲେ। ଡ୍ରାଇଭର ଏହି ଟଙ୍କା ନେଇ ତହସିଲଦାରଙ୍କୁ ▶ପୃଷ୍ଠା-୭

# ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ



■ **ଭୁବନେଶ୍ୱର, ୧୨।୯ (ସମିସ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ହୋଇଛନ୍ତି କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଶ୍ରୀ ମଲ୍ଲିକଙ୍କ ନିଲମ୍ବନ ଆଦେଶ ଜାରି କରିଛନ୍ତି । ଶ୍ରୀ ମଲ୍ଲିକ କାମାକ୍ଷାନଗର ବିଧାନସଭା କ୍ଷେତ୍ରରୁ ବିଜେଡି ଟିକଟରେ ୪ ଥର ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାରରେ ସେ ଗୁରୁତ୍ୱପୂର୍ଣ୍ଣ ଖଣି ଓ ଇସ୍ପାତ, ପୂର୍ତ୍ତ ଓ ଗୃହନିର୍ମାଣ ପରି ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ମାତ୍ର ବିଜେଡି ସରକାରରୁ ଯିବା ପରେ ସେ କିଛି ଦିନ ହେବ ଦଳ ବିରୋଧରେ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ମତମନ୍ତବ୍ୟ ଦେଉଥିଲେ।

### ଉତ୍ପାଦନଠାରୁ ବିକ୍ରି ହେଉଛି ଦେଢ଼ଗୁଣ କ୍ଷୀର

# ଆମଦାନୀ ଗୁଣ୍ଡ ଦୁଗ୍ଧରେ ଶ୍ୱେତ ବିପ୍ଳବ

■ **ଭୁବନେଶ୍ୱର, ୧୨।୯ (ସମିସ):** ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଉଛି; ମାତ୍ର ଉତ୍ପାଦନର ଦେଢ଼ଗୁଣ କ୍ଷୀର ଓଡ଼ିଶାରେ ବିକ୍ରି ହେଉଛି। ବଜାରରେ ଛେନା, ଖୁଆ, ଦହି, ପନୀର ବି ଯାହାକୁ ଯେତେ ମିଳୁଛି। ଏଥିସହ ମିଠା ଦୋକାନଗୁଡ଼ିକରେ ଭଳିକି ଭଳି ଦୁଗ୍ଧଜାତ ମିଠା ମଧ୍ୟ ବିକ୍ରି ହେଉଛି। ତେଣୁ ଉପଲବ୍ଧ କ୍ଷୀର ବା କ୍ଷୀରରୁ ଉତ୍ପାଦିତ ସାମଗ୍ରୀ ଯେ ଅପମିଶ୍ରିତ ହେଉଛି, ଏଥିରେ କୌଣସି ସନ୍ଦେହ ନାହିଁ। ଆମଦାନୀ ହେଉଥିବା ଗୁଣ୍ଡଦୁଗ୍ଧକୁ ଅପମିଶ୍ରିତ କରି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର କ୍ଷୀର ପ୍ୟାକେଟ୍ କ୍ଷୀର ସହ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ବିକ୍ରି ହେଉଛି।

ତଥ୍ୟ ଅନୁସାରେ, ରାଜ୍ୟରେ ଗାଈଙ୍କ ସଂଖ୍ୟା ୯୯ ଲକ୍ଷ ଓ ମଇଁଷି ସଂଖ୍ୟା ୫ ଲକ୍ଷ। ଏହି ଗୋରୁଙ୍କ ମଧ୍ୟରୁ ଦେଶୀ ଶ୍ରେଣୀର ୮୪ ପ୍ରତିଶତ ଓ ଶଙ୍କର ଜାତୀୟ ଗୋରୁଙ୍କ ସଂଖ୍ୟା ମାତ୍ର ୧୬%। ଏମାନଙ୍କ ମଧ୍ୟରେ ଜର୍ସି ଗାଈଙ୍କ ସଂଖ୍ୟା ପ୍ରାୟ ୧୩ ଲକ୍ଷ ଅର୍ଥାତ୍ ପ୍ରାୟ ୯୦ ପ୍ରତିଶତ। ସେହିପରି ରାଜ୍ୟରେ ଥିବା ମଇଁଷି ମଧ୍ୟରୁ ୮୦ ପ୍ରତିଶତ ଦେଶୀ ଓ ୨୦ ପ୍ରତିଶତ 'ନନ୍ ଡେସ୍କ୍ରିପ୍ଟ କ୍ରସ୍‌ବ୍ରିଡ୍' ଶ୍ରେଣୀର। ପରିସଂଖ୍ୟାନ ଅନୁସାରେ ରାଜ୍ୟରେ ଏହି ଗୋରୁଗୁଡ଼ିକଙ୍କଠାରୁ ବାର୍ଷିକ ମାତ୍ର ୨୬୫ କୋଟି ଲିଟର କ୍ଷୀର ଉତ୍ପାଦନ ହେଉଛି। ରାଜ୍ୟର ଜନସଂଖ୍ୟା ଅନୁସାରେ ଉତ୍ପାଦିତ କ୍ଷୀର ଦୈନିକ ଚାହିଦା ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହା ସତ୍ତ୍ୱେ ରାଜ୍ୟରେ ପନୀର୍, ରାବିଡ଼ି ଓ ଖୁଆ ଆଦି ବିକ୍ରିବଟାର ପରିମାଣକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ତଥ୍ୟରୁ ଆମଦାନୀ ଗୁଣ୍ଡଦୁଗ୍ଧରେ ଯେ ରାଜ୍ୟରେ ଶ୍ୱେତ ବିପ୍ଳବ ଚାଲିଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ପୁଷ୍ଟିସାଧନ ଦୃଷ୍ଟିରୁ ମୁଣ୍ଡପିଛା ୩୦୦ ଗ୍ରାମ୍ ଦୁଗ୍ଧ ଉପଲବ୍ଧ କରାଇବା ଲାଗି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ସୁପାରିସ କରିଛି। ମାତ୍ର ଓଡ଼ିଶାରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଜାତୀୟ ହାରଠାରୁ ବହୁ ପଛରେ ରହିଛି। ▶ପୃଷ୍ଠା-୭




# ଇତିହାସ ରଚିଲେ ସୁଶୀଳା



କାଠମାଣ୍ଡୁ, ୧୨।୯: ନେପାଳରେ ହିଂସାତ୍ମକ ଆନ୍ଦୋଳନ ପରେ ଗତ ୯ ତାରିଖରେ ପ୍ରଧାନମନ୍ତ୍ରୀ ଓଲି ସରକାରର ପତନ ଘଟିଲା। ଏହାପରେ ଦେଶରେ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ନେପାଳର ଗଠିତ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ସରକାରରେ ପ୍ରଧାନମନ୍ତ୍ରୀ କିଏ ହେବ, ତାହାକୁ ନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଶେଷରେ ଆଜି ଏଭଳି ଅନିଶ୍ଚିତତାର ଅବସାନ ଘଟିଛି। ନେପାଳ ସୁପ୍ରିମ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ସୁଶୀଳା କାର୍କି ଆଜି ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଏହାସହିତ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇ ଇତିହାସ ରଚିଛନ୍ତି। ସେ ମଧ୍ୟ ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଥିଲେ।

ଆଜି ସନ୍ଧ୍ୟାରେ ୭୩ ବର୍ଷୀୟା ସୁଶୀଳାଙ୍କ ଚୟନ ନେଇ ରାଷ୍ଟ୍ରପତି ରାମଚନ୍ଦ୍ର ପୋଡେଲଙ୍କ ପକ୍ଷରୁ

### ଅନିଶ୍ଚିତତାର ଅବସାନ; ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସୁଶୀଳା

ସୂଚନା ଦିଆଯାଇଥିଲା। କୁହାଯାଇଥିଲା ଯେ ଜେନ-ଜେଡ୍ ନାମରେ ପରିଚିତ ଆନ୍ଦୋଳନକାରୀ ନେତା, ରାଷ୍ଟ୍ରପତି ରାମଚନ୍ଦ୍ର ଓ ସେନା ଅଧ୍ୟକ୍ଷ ଅଶୋକ ରାଜଙ୍କ ମଧ୍ୟରେ ଆଜି ଦୀର୍ଘ ସମୟରେ ବିଚାର ଆଲୋଚନା ହୋଇଥିଲା। ଏଥିରେ ସୁଶୀଳାଙ୍କ ନାମକୁ ନେଇ ସହମତି ପ୍ରକାଶ ପାଇଥିଲା। ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇ ସୁଶୀଳା ଇତିହାସ ସୃଷ୍ଟି କରିଛନ୍ତି। ସେ ଶପଥ ନେବା ପରେ ଆଜି ରାତିରେ ମନ୍ତ୍ରିମଣ୍ଡଳ ବୈଠକ ହେବ ଏବଂ ଏଥିରେ ଜାତୀୟ ସଂସଦ ଓ ସମସ୍ତ ପ୍ରାଦେଶିକ ସଂସଦକୁ ଭଙ୍ଗ କରିବା ଲାଗି ସୁପାରିସ କରାଯିବ। ଏହାସହିତ ମଧ୍ୟରାତିରୁ ଦେଶରେ ଜରୁରୀ ପରିସ୍ଥିତି ମଧ୍ୟ ଜାରି କରାଯିବ।

ସୂଚନାଯୋଗ୍ୟ ଯେ ନେପାଳରେ ଦୁର୍ନୀତି ଓ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ଗତ ୮ ତାରିଖରୁ ତିନି ଦିନ ଧରି ବଡ଼ ଧରଣର ହିଂସାତ୍ମକ ଆନ୍ଦୋଳନ ହୋଇଥିଲା। ଆନ୍ଦୋଳନର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେଇଥିଲେ। ଏହି ହିଂସାକାଣ୍ଡରେ ଜଣେ ଭାରତୀୟଙ୍କ ସମେତ ୫୧ ଜଣ ପ୍ରାଣ ହରାଇଥିଲେ।

# ଶପଥ ନେଲେ ନୂଆ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ନବ ନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପୋନ୍ନୁସ୍ୱାମୀ ରାଧାକ୍ରିଷ୍ଣନ ଭାରତର ୧୫ତମ ଉପରାଷ୍ଟ୍ରପତି ପଦର ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଧାକ୍ରିଷ୍ଣନଙ୍କୁ ଶପଥ ପାଠ କରାଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୩୦ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଜାରି ରହିବ। ଶପଥପାଠ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ କେତୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନସାରୀ ଓ ଭେଙ୍କୟା ନାଇଡୁ ମଧ୍ୟ ଶପଥ ସମାରୋହରେ ଉପସ୍ଥିତ ଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୨୧ ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ ସ୍ୱାସ୍ଥ୍ୟାଗତ ଦୃଷ୍ଟିରୁ ଇସ୍ତଫା ଦେବା ପରେ ଏହି ସାମ୍ବିଧାନିକ ପଦ ଖାଲି ପଡ଼ିଥିଲା। ଏନ୍‌ଡିଏ ମେଣ୍ଟର ପ୍ରାର୍ଥୀ ଭାବେ ରାଧାକ୍ରିଷ୍ଣନ ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ସେ ବିପକ୍ଷ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ଅନ୍ତରରେ ପରାସ୍ତ କରିଥିଲେ। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ ମିଳିଥିଲା। ତାଙ୍କୁ ଆଶାଠାରୁ ଅଧିକ ୧୪ଟି ଭୋଟ ମିଳିଥିଲା। ଏହା ପୂର୍ବରୁ ରାଧାକ୍ରିଷ୍ଣନ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱରେ ଥିଲେ। ସେ ଗୁରୁବାର ରାଜ୍ୟପାଳ ପଦରୁ ଔପଚାରିକ ଭାବେ ଇସ୍ତଫା ଦେଇଥିଲେ। ରାଧାକ୍ରିଷ୍ଣନ ୧୪ ବର୍ଷ ବୟସରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ସହିତ ଜଡ଼ିତ ଥିଲେ। ସେ ଦୁଇଥର ତାମିଲନାଡୁର କୋଏମ୍ବାଟୁର ସାଂସଦ ଭାବେ ବିଜେପି ଟିକଟ୍‌ରେ ୧୯୯୮ ଓ ୧୯୯୯ରେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ତାମିଲନାଡୁ ବିଜେପିର ଅଧ୍ୟକ୍ଷ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ।



ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କ ଶପଥଗ୍ରହଣ ଉତ୍ସବରେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ଭେଙ୍କୟା ନାଇଡୁ ଏବଂ ହମିଦ ଅନସାରୀ। ଜୁଲାଇ ୨୧ରେ ଇସ୍ତଫା ପରେ ଧନଖଡ଼ଙ୍କୁ ପ୍ରଥମ ଥର ଦେଖିବାକୁ ମିଳିଛି।

## ଭାରତର ଉପରାଷ୍ଟ୍ରପତିଙ୍କ ତାଲିକା

| | | |
|---|---|---|
| ୧. | ସର୍ବପଲ୍ଲୀ ରାଧାକୃଷ୍ଣନ | ୧୯୫୨ରୁ୧୯୫୭<br>୧୯୫୭ରୁ୧୯୬୨ |
| ୨. | ଜାକିର ହୁସେନ୍ | ୧୯୬୨ରୁ୧୯୬୭ |
| ୩. | ଭିଭି ଗିରି | ୧୯୬୭ରୁ୧୯୬୯ |
| ୪. | ଗୋପାଳ ପାଠକ | ୧୯୬୯ରୁ୧୯୭୪ |
| ୫. | ବିଡି ଜତ୍ତି | ୧୯୭୪ରୁ୧୯୭୯ |
| ୬. | ମହମ୍ମଦ ହିଦାୟତୁଲ୍ଲା | ୧୯୭୯ରୁ୧୯୮୪ |
| ୭. | ଆର. ଭେଙ୍କଟରମଣ | ୧୯୮୪ରୁ୧୯୮୭ |
| ୮. | ଏସ୍‌ଡି ଶର୍ମା | ୧୯୮୭ରୁ୧୯୯୨ |
| ୯. | କେଆର. ନାରାୟଣନ | ୧୯୯୨ରୁ୧୯୯୭ |
| ୧୦. | କୃଷ୍ଣକାନ୍ତ | ୧୯୯୭ରୁ୨୦୦୨ |
| ୧୧. | ଭୈରୋଁସିଂ ଶେଖାୱତ | ୨୦୦୨ରୁ୨୦୦୭ |
| ୧୨. | ହମିଦ ଅନସାରୀ | ୨୦୦୭ରୁ୨୦୧୨<br>୨୦୧୨ରୁ୨୦୧୭ |
| ୧୩. | ଭେଙ୍କିଆ ନାଇଡୁ | ୨୦୧୭ରୁ୨୦୨୨ |
| ୧୪. | ଜଗଦୀପ ଧନଖଡ଼ | ୨୦୨୨ରୁ୨୦୨୫ |
| ୧୫. | ସିପି ରାଧାକ୍ରିଷ୍ଣନ | ୨୦୨୫ରୁ.... |

# ଉପରାଷ୍ଟ୍ରପତିମାନଙ୍କ ସଂପର୍କରେ କିଛି ରୋଚକ ତଥ୍ୟ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି):ଭାରତୀୟ ଇତିହାସରେ ମହମ୍ମଦ ହିଦାୟତୁଲ୍ଲା ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଦେଶର ତିନିଟି ଯାକ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ଭାରତର ପ୍ରଧାନ ବିଚାରପତି ପଦବୀରେ ଆସୀନ ହୋଇଛନ୍ତି। ସେ ଦୁଇ ଥର କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ।୧୯୬୮ରୁ୧୯୭୦ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନ ବିଚାରପତି ଥିଲେ। ୧୯୬୯ରେ ରାଷ୍ଟ୍ରପତି ଜାକିର ହୁସେନଙ୍କ ପରଲୋକ ପରେ ଉପରାଷ୍ଟ୍ରପତି ଭିଭି ଗିରି କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ନେଇଥିଲେ। ତେବେ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାପରେ ସେ ଉଭୟ ପଦରୁ ଇସ୍ତଫା ଦେଇଥିଲେ। ତେଣୁ ପ୍ରଧାନ ବିଚାରପତି ଜଷ୍ଟିସ ହିଦାୟତୁଲ୍ଲାଙ୍କୁ ପ୍ରଥମ ଥର ଲାଗି କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ୨୦ ଜୁଲାଇରୁ ୨୪ ଅଗଷ୍ଟ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ। ପୁଣି ହିଦାୟତୁଲ୍ଲା ୧୯୭୯ରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ୧୯୮୨ରେ ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଚିକିତ୍ସା ଲାଗି ଆମେରିକା ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ହିଦାୟତୁଲ୍ଲା ୬ ଅକ୍ଟୋବର ୧୯୮୨ରୁ ୩୧ ଅକ୍ଟୋବର ୧୯୮୨ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ଭାରତର ପ୍ରଥମ ଉପରାଷ୍ଟ୍ରପତି ରାଧାକୃଷ୍ଣନ ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ଦୁଇ ଥର ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ତାଙ୍କ ପରେ କେବଳ ମହମ୍ମଦ ହିଦାୟତୁଲ୍ଲା ଏବଂ ଶଙ୍କର ଦୟାଳ ଶର୍ମା ହେଉଛନ୍ତି ଯେଉଁମାନେ କି ବିନା ପ୍ରତିଦ୍ୱନ୍ଦ୍ୱିତାରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ରାଧାକୃଷ୍ଣନଙ୍କ ପରେ ହମିଦ ଅନସାରୀ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଦୁଇ ଥର ଉପରାଷ୍ଟ୍ରପତି (୨୦୦୭ରୁ ୨୦୧୭) ହୋଇଥିଲେ। ଉପରାଷ୍ଟ୍ରପତି ପଦବୀ ଲାଗି ଯେତେଥର ପ୍ରତିଦ୍ୱନ୍ଦ୍ୱିତା ହୋଇଛି ସେଥିରେ କେବଳ ଶାସକ ଦଳର ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି।

# ଆମେରିକାରେ ଭାରତୀୟଙ୍କୁ ମୁଣ୍ଡ କାଟି ହତ୍ୟା



ଟେକ୍ସାସ୍, ୧୨।୯(ଏଜେନ୍ସି): ଆମେରିକା ଟେକ୍ସାସ ରାଜ୍ୟର ଡଲାସ ସହରରେ ମୋଟେଲ ମ୍ୟାନେଜର ଭାବେ କର୍ଯ୍ୟକରୁଥିବା ଜଣେ ଭାରତୀୟଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ୫୦ ବର୍ଷୀୟ ଚନ୍ଦ୍ରମୌଳି ନାଗାମାଲେୟା ନାମକ ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ତାଙ୍କ ପତ୍ନୀ ଓ ପୁଅଙ୍କ ସାମ୍ନାରେ ମୁଣ୍ଡ କାଟି ହତ୍ୟା କରାଯାଇଛି। ଏହି ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଆକ୍ରମଣକାରୀ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିବା ପରେ ତାହାକୁ ଗୋଇଠା ମାରୁଛି ଓ ପରେ ଏହାକୁ ଡଷ୍ଟବିନ୍‌ରେ ଫିଙ୍ଗୁଥିବାର ଦେଖାଯାଇଛି। ଏହି କାଣ୍ଡ ଘଟାଇଛନ୍ତି ୩୭ ବର୍ଷୀୟ ୟୋର୍ଡାନିସ୍ କୋବୋସ- ମାର୍ଟିନଜ। ପୁଲିସ ତାକୁ ଗିରଫ କରିଛି। କର୍ଣ୍ଣାଟକର ଚନ୍ଦ୍ରମୌଳି ଡଲାସ୍‌ରେ ଡାଉନଟାଉନ୍ ସୁଇଟ୍ସ ମୋଟେଲରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏକ ଭଙ୍ଗା ୱାସିଂ ମେସିନକୁ ନେଇ ଚନ୍ଦ୍ରମୌଳି ଓ ତାଙ୍କର ସହକର୍ମୀ ମାର୍ଟିନେଜଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ବୋଲି ପୁଲିସ କହିଛି। ଚନ୍ଦ୍ରମୌଳି ଏହି ଭଙ୍ଗା ୱାସିଂ ମେସିନ ବ୍ୟବହାର ନ କରିବାକୁ କହିଥିଲେ। କିନ୍ତୁ ଏନେଇ ବିବାଦ ବହୁତ ଆଗକୁ ବଢ଼ିଯାଇଥିଲା। ଉତକ୍ଷିପ୍ତ ହୋଇ ମାର୍ଟିନେଜ ଛୁରୀରେ ଚନ୍ଦ୍ରମୌଳିଙ୍କୁ ବାରମ୍ବାର ଆଘାତ ଦେଇଥିଲା। ଫଳରେ ସେ ସାହଯ୍ୟ ପାଇଁ ମୋଟେଲ ପାର୍କି ଅଞ୍ଚଳରେ ପାଟି କରି ଦୌଡ଼ିଥିଲେ। କିନ୍ତୁ ମାର୍ଟିନେଜ ତାଙ୍କର ପିଛା କରିଥିଲା ଓ ମାଚେଟ ଅର୍ଥାତ ଏକ ଧାରୁଆ ବ୍ଲେଡ୍ ଥିବା ଏକ ଛୁରୀରେ ବାରମ୍ବାର ଆକ୍ରମଣ କରିଥିଲା। ମୋଟେଲ ସାମ୍ନା ଅଫିସ୍‌ରେ ଥିବା ଚନ୍ଦ୍ରମୌଳିଙ୍କ ପତ୍ନୀ ଓ ପୁଅ ଦୌଡ଼ିଆସି ତାଙ୍କ ବଞ୍ଚାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ମାର୍ଟିନେଜ ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ସେ ଚନ୍ଦ୍ରମୌଳିଙ୍କ ମୁଣ୍ଡକାଟି ଦେଇଥିଲା। ଏହାପରେ ନିକଟରେ ଥିବା ଡଲାସ ଦମକଳ କର୍ମଚାରୀମାନେ ରକ୍ତରେ ଜୁଡୁବୁଡୁ ମାର୍ଟିନେଜକୁ ପିଛା କରିଥିଲେ। ପୁଲିସ ତାକୁ ଗିରଫ କରିଛି ଓ ସେ ମଧ୍ୟ ନିଜର ଅପରାଧ ସ୍ୱୀକାର କରିଛି। ପୁଲିସ ତା ଠାରୁ ରକ୍ତ ଲାଗିଥିବା ଏକ ଟି ସାର୍ଟ, ଏକ ଛୁରୀ, ଚନ୍ଦ୍ରମୌଳିଙ୍କ ଫୋନ୍ ଓ କି- କାର୍ଡ ଜବତ କରିଛି। ମାର୍ଟିନେଜ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ କହିଛି। ସେ ପୂର୍ବରୁ ଏକାଧିକ ଅପରାଧ ସହ ଜଡିତ। ଏହାପୂର୍ବରୁ ସେ କାଲିଫର୍ଣ୍ଣିଆରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ତାପୂର୍ବରୁ ଫ୍ଲୋରିଡା ଓ ହଷ୍ଟନରେ ତାକୁ ଗିରଫ ମଧ୍ୟ କରାଯାଇଥିଲା ବୋଲି ପୁଲିସ କହିଛି। ଏହି ଘଟଣାରେ ହଷ୍ଟନସ୍ଥିତ ଭାରତୀୟ ଦୂତାବାସ ଚନ୍ଦ୍ରମୌଳିଙ୍କ ହତ୍ୟା ପରେ ଦୁଃଖ ପ୍ରକାଶ କରିଛି ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଦେବାକୁ କହିଛି।

# ହାଇକୋର୍ଟଙ୍କୁ ବୋମା ଧମକ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଦିଲ୍ଲୀ ଓ ବମ୍ବେ ହାଇକୋର୍ଟକୁ ଶୁକ୍ରବାର ବୋମା ଧମକ ମିଳିଥିଲା। କିନ୍ତୁ ଏହି ଧମକ ଶେଷରେ ମିଥ୍ୟା ବୋଲି ଜଣା ପଡ଼ିଛି। ପ୍ରଥମେ ଦିଲ୍ଲୀ ହାଇକୋର୍ଟକୁ ଇମେଲ ଜରିଆରେ କୋର୍ଟ ରୁମ୍‌ରେ ୩ଟି ବମ୍ ରଖାଯାଇଛି ବୋଲି ସୂଚନା ମିଳିଥିଲା। ଅପରାହ୍ଣ ୨ଟା ପରେ କୋର୍ଟ ପରିସରକୁ ଖାଲି କରିବାକୁ କୁହାଯାଇଥିଲା। ଏହାପରେ ପୁଲିସ କୋର୍ଟକୁ ଖାଲି କରିଥିଲା। ବୋମା ନିଷ୍କ୍ରିୟକାରୀ ଦଳ ବମ୍ ଖୋଜିଥିଲେ। କିନ୍ତୁ କିଛି ମିଳି ନଥିଲା। ଶେଷରେ ବୋମା ବିସ୍ଫୋରଣ ଧମକ ମିଥ୍ୟା ସାବ୍ୟସ୍ତ ହୋଇଛି। ଇତିମଧ୍ୟରେ ବମ୍ବେ ହାଇକୋର୍ଟଙ୍କୁ ମଧ୍ୟ ସମାନ ଧମକ ମିଳିଥିଲା। ଫଳରେ କୋର୍ଟ ପରିସରକୁ ଖାଲି କରାଯାଇଥିଲା ଓ କିଛି ମିଳି ନଥିଲା। ଦୁଇଟି ସ୍ଥାନରେ ପାଖାପାଖି ୨ ଘଣ୍ଟା ଖୋଜାଖୋଜି କରାଯାଇଥିଲା।

ବମ୍ବେ ହାଇକୋର୍ଟ ବ୍ୟତୀତ ବିହାରରେ ମଧ୍ୟ ବୋମା ବିସ୍ଫୋରଣ ଧମକ ମିଳିଥିଲା। ସେପ୍ଟେମ୍ବର ୧୧ରେ ଏଠାରେ ବୋମା ଧମକ ମିଳିଥିଲା। ଶୁକ୍ରବାର ସର୍ବସାଧାରଣ ସ୍ଥାନରେ ବିସ୍ଫୋରଣରେ ଉଡାଇ ଦେବାକୁ କୁହାଯାଇଥିଲା। ଏହାପରେ ପୂରା ରାଜ୍ୟରେ ଆଲର୍ଟ ଜାରି କରାଯାଇଥିଲା। ପାକିସ୍ତାନର ଏକ ଏକ୍ସ ହ୍ୟାଣ୍ଡଲ୍‌ରୁ ଏହି ଧମକ ମିଳିଥିଲା। ଶୁକ୍ରବାର ସନ୍ଧ୍ୟା ୪ଟାରେ ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା। ଯଦି ରୋକି ପାରିବ ତ ରୋକ ବୋଲି କୁହାଯାଇଥିଲା। ଏହି ଏକ୍ସ ହ୍ୟାଣ୍ଡଲ ପାକିସ୍ତାନର ତହରିକ୍ ଲବ୍ବେକ ନାମକ ଏକ ସଂଗଠନ ସହିତ ଜଡିତ ବୋଲି କୁହାଯାଇଛି। ଧମକ ମିଳିବା ପରେ ସର୍ବସାଧାରଣ ସ୍ଥାନ, ଜନଗହଳି ଅଞ୍ଚଳ, ଧାର୍ମିକ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଥାଉ କି, ଅଗଷ୍ଟ ୨୦ରେ ଦିଲ୍ଲୀର ପାଖାପାଖି ୫୦ଟି ସ୍କୁଲ୍‌ରେ ବୋମା ବିସ୍ଫୋରଣ ଧମକ ମିଳିଥିଲା। କିନ୍ତୁ ଏହା ମିଥ୍ୟା ସାବ୍ୟସ୍ତ ହୋଇଥିଲା। ଫଳରେ କେତୋଟି ସ୍କୁଲ ଅନ୍‌ଲାଇନ୍ କ୍ଲାସ ଆରମ୍ଭ କରିଥିଲେ।

# କେବଳ ଦିଲ୍ଲୀ ନୁହେଁ, ସାରା ଦେଶ ସ୍ୱଚ୍ଛ ବାୟୁର ହକ୍‌ଦାର୍

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ଦିଲ୍ଲୀରେ ବାଣକୁ ବ୍ୟାନ କରିବା ନେଇ ଦିଆଯାଇଥିବା ଆଦେଶକୁ ଚ୍ୟାଲେଞ୍ଜ୍ କରିଥିବା ଆବେଦନଗୁଡିକର ଶୁଣାଣି କରିଥିଲେ। କେବଳ ଦିଲ୍ଲୀ-ଏନ୍‌ସିଆରର ସହରଗୁଡିକୁ ସ୍ୱଚ୍ଛ ଓ ନିର୍ମଳ ବାୟୁ ମିଳିବାର ଅଧିକାର ଅଛି, ତେବେ ଦେଶର ଅନ୍ୟ ସହରଗୁଡିକୁ କାହିଁକି ନୁହଁ ବୋଲି ମୁଖ୍ୟ ବିଚାରପତି ବିଆର ଗବାଇ ପ୍ରଶ୍ନ କରିଛନ୍ତି। ପ୍ରଦୁଷଣ ନିୟନ୍ତ୍ରଣକୁ ନେଇ ମୁଖ୍ୟ ବିଚାରପତି ଗବାଇ ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଶୁଣାଣି କରି କହିଥିଲେ ଯେ, ଯଦି ବାଣ ବ୍ୟାନ କରିଯିବ, ତେବେ ସାରା ଦେଶରେ ବ୍ୟାନ କରାଯିବ। ନିର୍ମଳ ବାୟୁ କେବଳ ଦିଲ୍ଲୀ-ଏନ୍‌ସିଆର ପର୍ଯ୍ୟନ୍ତ ସୀମିତ ରହିବା ଉଚିତ ନୁହଁ। ବରଂ ଏହା ଦେଶର ସବୁ ନାଗରିକଙ୍କୁ ମିଳିବା ଉଚିତ ବୋଲି ଏହି ଖଣ୍ଡପୀଠ କହିଥିଲେ। ପ୍ରଦୂଷଣ ଓ ପର୍ଯ୍ୟାବରଣ ସମ୍ପର୍କରେ ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଛି ତାହା ସାରା ଭାରତରେ ଲାଗୁ ହେବା ଉଚିତ। କେବଳ ଦିଲ୍ଲୀ ପାଇଁ ଆମେ ଏହି ନୀତି ନିର୍ଦ୍ଧାରଣ କରିବୁ ନାହୁଁ। ଦିଲ୍ଲୀରେ କେବଳ ଉଚ୍ଚ ପଦ ପଦବୀରେ ରହୁଥିବା ବ୍ୟକ୍ତି ବା ଏଲିଟ କ୍ଲାସ ପାଇଁ ଏହି ନିଷ୍ପତ୍ତି ନିଆଯାଇ ପାରିବନାହିଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ରେ ହେବ। ଉଲ୍ଲେଖଥାଉ କି, ସୁପ୍ରିମକୋର୍ଟ ୨୦୨୫ ଏପ୍ରିଲ ୩ରେ ଦେଇଥିବା ଆଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଆଦେଶ ଅନୁସାରେ ଦିଲ୍ଲୀ ଓ ଏନ୍‌ସିଆରରେ ବାଣର ବିକ୍ରି, ସଂରକ୍ଷଣ, ପରିବହନ ଓ ତିଆରି ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ଆଦେଶକୁ ସଂଶୋଧନ କରିବା ନେଇ ଆବେଦନ କରାଯାଇଥିଲା।

# ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବାକୁ ଦେବୁନି: ନେତାନ୍ୟାହୁ

ତେଲ ଅଭିଭ୍, ୧୨।୯(ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପାଲେଷ୍ଟାଇନ୍ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଆମେ କେବେବି ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବାକୁ ଦେବୁନି ଓ ଏହି ସମଗ୍ର ଅଞ୍ଚଳ ଆମର। ୱେଷ୍ଟବ୍ୟାଙ୍କରେ ଏକ ବିବାଦୀୟ ବନ୍ଦୋବସ୍ତ ପ୍ରସସ୍ତୀକରଣ ପ୍ରକଳ୍ପ ନେଇ ଏକ ମହତ୍ତ୍ୱପୂର୍ଣ୍ଣ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ସେ ଏହି କଥା କହିଛନ୍ତି। ଏହି ଚୁକ୍ତି ଅନୁସାରେ ୱେଷ୍ଟବ୍ୟାଙ୍କ ଅଞ୍ଚଳରେ ଇ୧ ସେଟେଲମେଣ୍ଟ ପ୍ରକଳ୍ପକୁ ଆଗକୁ ବଢ଼ାଯିବ। ଫଳରେ ପୂର୍ବ ଜେରୁଜେଲମ ନିକଟରେ ୧୨ ବର୍ଗ କିମି ଅଞ୍ଚଳରେ ହଜାର ନୂଆ ଘର, ସଡକ ଓ ବିଭିନ୍ନ ସ୍ଥାୟୀ ଢ଼ାଞ୍ଚା ନିର୍ମାଣ କରାଯିବ। ୮, ୪୦୦ କୋଟି ଟଙ୍କା ବିନିୟମରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏହି ଜମି ହେଉଛି ଆମର ଓ ଆମେ ଆମର ପରମ୍ପରା ଓ ଜମିକୁ ରକ୍ଷା କରିବାକୁ ବଦ୍ଧପରିକର ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପକୁ ଇସ୍ରାଏଲ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୋଜନା କମିଟି ନିକଟରେ ମଞ୍ଜୁରି ପ୍ରଦାନ କରିଥିଲା। ଏହି ପ୍ରକଳ୍ପ ପୂର୍ବରୁ ୨୦୧୨ ଓ ୨୦୨୦ରେ ଆମେରିକା ଓ ୟୁରୋପିୟ ୟୁନିୟନର ବିରୋଧ କାରଣରୁ ଆଗକୁ ବଢ଼ି ପାରି ନଥିଲା। କିନ୍ତୁ ଏବେ ଏହାକୁ ପୁଣି ଥରେ ଆରମ୍ଭ କରାଯିବ।

## ସିକ୍କିମରେ ଭୂସ୍ଖଳନ; ୪ ମୃତ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ ଭୂସ୍ଖଳନ ଯୋଗୁଁ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ଜଣ ନିଖୋଜ ହୋଇଛନ୍ତି। ପଶ୍ଚିମ ସିକ୍କିମର ୟଙ୍ଗଥଙ୍ଗର ଅପର ରିମ୍ବି ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଶୁକ୍ରବାର ରାତିରେ ଭୂସ୍ଖଳନ ହୋଇଥିଲା। ଏହାର ଏକ ଭିଡିଓ ସାମ୍ନାକୁ ଆସିଛି। ପ୍ରବଳ ସ୍ରୋତରେ ବହୁଥିବା ଏକ ନଦୀରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଗାମୀ କେତୋଟି ଦିନରେ ଆହୁରି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ଆଲର୍ଟ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଆଗ୍ରାରେ ଯମୁନା ନଦୀର ବନ୍ୟା ଆସିଛି। ଏଠାରେ ୨୫ କଲୋନୀ ଓ ୪୦ଟି ଗାଁରେ ୨ରୁ ୫ ଫୁଟ ଉଚ୍ଚର ପାଣି ପଶିଛି। ତାଜମହଲ ପଛରେ ଥିବା ପାର୍କ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି। ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ଆଗ୍ରାରେ ୪୭ ବର୍ଷ ପରେ ଏଭଳି ବନ୍ୟା ଆସିଛି। ହିମାଚଳ ପ୍ରଦେଶରେ ଜୁନ୍ ୨୦ରୁ ଆରମ୍ଭ ହୋଇଥିବା ମୌସୁମୀ ବର୍ଷା, ବନ୍ୟା ଓ ଭୂସ୍ଖଳନ କାରଣରୁ ଏପର୍ଯ୍ୟନ୍ତ ୩୮୦ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪୦ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ସବୁଠାରୁ ଅଧିକ ୪୮ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ବାଦଲଫଟା ବର୍ଷାରେ ୧୭ ଜଣ ପ୍ରାଣ ହରାଇଛନ୍ତି।

# ପୂର୍ବତନ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ୨୭ ବର୍ଷ ଜେଲ୍



ସାଓପାଓଲୋ, ୧୨।୯(ଏଜେନ୍ସି): ବ୍ରାଜିଲ ପୂର୍ବତନ ରାଷ୍ଟ୍ରପତି ଜାଏର ବୋଲସୋନାରୋଙ୍କୁ ଗୁରୁବାର ୨୭ ବର୍ଷ ୩ ମାସ ଜେଲ ଦଣ୍ଡାଦେଶ ହୋଇଛି। ଦେଶର ସୁପ୍ରିମେକୋର୍ଟ ତାଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ରେ ନିର୍ବାଚନରେ ପରାଜୟ ବରଣ କରିବା ପରେ ମଧ୍ୟ ଶାସନରେ ରହିବା ପାଇଁ ସରକାର ପରିବର୍ତ୍ତନ କରିବାକୁ ସେ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟର ୫ ଜଣିଆ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠାରୁ ୪ ଜଣ ବିଚାରପତି ତାଙ୍କୁ ଆପରାଧିକ ସଂଗଠନରେ ସାମିଲ ହେବା, ଗଣତନ୍ତ୍ରକୁ ଉପାଡି ଫୋପାଡିବା, ସରକାରର ପତନ ଘଟାଇବାକୁ ଷଡ଼ଯନ୍ତ୍ର କରିବା, ସରକାରୀ ସମ୍ପତ୍ତିକୁ ନଷ୍ଟ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ବ୍ରାଜିଲ ଇତିହାସରେ ପ୍ରଥମଥର ପାଇଁ କୌଣସି ପୂର୍ବତନ ରାଷ୍ଟ୍ରପତିଙ୍କୁ ଗଣତନ୍ତ୍ର ଉପରେ ଆକ୍ରମଣ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି। ଅବଶ୍ୟ ୫ ଜଣଙ୍କ ମଧ୍ୟରୁ ଜଣେ ବିଚାରପତି ତାଙ୍କୁ ଖଲାସ କରିବା ପାଇଁ ମତ ରଖିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଆଜି

ଇମ୍ଫାଲ, ୧୨।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତର ଦୁଇ ଦିନ ପୂର୍ବରୁ ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ହିଂସା ସୃଷ୍ଟି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଚୁରାଚାନ୍ଦପୁରରେ ଉତ୍ତ୍ୟକ୍ତ ଲୋକେ ମୋଦୀଙ୍କ ସ୍ୱାଗତ ପାଇଁ ଲଗାଯାଇଥିବା ପୋଷ୍ଟର, ବ୍ୟାନର ଚିରିବା ସହ ବ୍ୟାରିକେଡିଂକୁ ହଟାଇବା ସହ ସେଠାରେ ନିଆଁ ଲଗାଇଛନ୍ତି। ଚୁରାଚାନ୍ଦପୁର ଥାନାଠାରୁ ପାଖାପାଖି ୫ କିମି ଦୂରରେ ଥିବା ପିସୋନୋମୁନ ଗାଁରେ ଏହି ଘଟଣା ଘଟିଛି। ପୁଲିସ ଲୋକଙ୍କୁ ସେଠାରୁ ବାହାର କରିବା ସହ ଲାଠିଚାର୍ଜ କରିଥିଲା। ତେବେ ଏଥିରେ କେତେଜଣ ଆହତ ହୋଇଛନ୍ତି ସେ ନେଇ କୌଣସି ସୂଚନା ମିଳିନାହିଁ। ମୋଦୀ ଶନିବାର ମଣିପୁର ଗସ୍ତ କରିବେ ଓ ୮, ୫୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିବେ। ୨୦୨୩ରେ ମଣିପୁରରେ ମେତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଆରମ୍ଭ ହେବା ପରେ ମୋଦୀ ପ୍ରଥମଥର ପାଇଁ ମଣିପୁର ଗସ୍ତ କରିଥିଲେ। ଏହି ହିଂସାରେ ଏପର୍ଯ୍ୟନ୍ତ ୨୬୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି ଓ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଫଳରେ ଫେବୃଆରୀରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା।

# ପୁରୁଣା ରୋଗରେ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଉଛି

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଭାରତରେ କ୍ରନିକ ଅର୍ଥାତ ପୁରୁଣା ରୋଗ କାରଣରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। କିନ୍ତୁ ବିଶ୍ୱରେ ଏହି ସଂଖ୍ୟାରେ ହ୍ରାସ ପାଉଛି। କରୋନା ମହାମାରୀ ପୂର୍ବରୁ ୨୦୧୦ରୁ ୨୦୧୯ ମଧ୍ୟରେ ହାର୍ଟ, କର୍କଟ, ପୁରୁଣା ଶ୍ୱାସ ସମନ୍ଧୀୟ ରୋଗରେ ଭାରତରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଜଣାଶୁଣା ମେଡିକାଲ ପତ୍ରିକା 'ଦି ଲାନସେଟ୍' ତା'ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛି। ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଏହା ଯଥାକ୍ରମେ ୨.୧ ଓ ୦.୧ ପ୍ରତିଶତ ବୃଦ୍ଧି ପାଇଛି। ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୫୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ବୃଦ୍ଧି ପାଇଛି। ଜନ୍ମରୁ ୮୦ ବର୍ଷ ବୟସର ମହିଳାଙ୍କ ମଧ୍ୟରେ ଗତ ୩ଟି ଦଶନ୍ଧିରେ ଭିନ୍ନ ଭିନ୍ନ ତଥ୍ୟ ମିଳିଛି। ୨୦୦୧ରେ ଏହା ୪୬.୭ ଓ ୨୦୧୧ରେ ଏହା ୪୬.୬ ପ୍ରତିଶତ ଥିଲା। କିନ୍ତୁ ୨୦୧୯ରେ ଏହା ୪୮.୭ ପ୍ରତିଶତରେ ପହଞ୍ଚିଥିଲା। ପୁରୁଷଙ୍କ କ୍ଷେତ୍ରରେ ଏହା ଅପେକ୍ଷାକୃତ ଭାବେ କମ୍ ରହିଛି। କିନ୍ତୁ ବିଶ୍ୱର ଅନ୍ୟ ୧୮୫ଟି ଦେଶରେ ପୁରୁଣା ରୋଗରେ ମହିଳାଙ୍କ ମୃତ୍ୟୁ ହାର ୩୩ ଓ ପୁରୁଷଙ୍କର ୩୮ ରହିଛି।

# ଅଭିନେତ୍ରୀ ଦିଶା ପଟାନୀଙ୍କ ଘରକୁ ଗୁଳିମାଡ଼

ବରେଲି, ୧୨।୯(ଏଜେନ୍ସି): ଉତ୍ତରପ୍ରଦେଶର ବରେଲିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ଗୁଳିମାଡ଼ ହୋଇଛି। ଦୁଇଜଣ ଅଜ୍ଞାତ ଲୋକ ବାଇକ୍‌ରେ ଆସି ଦିଶାଙ୍କ ପରିବାର ରହୁଥିବା ଘର ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ଓ ଗୋଲ୍ଡି ବରାଡ ଗ୍ୟାଙ୍ଗ ସାମାଜିକ ଗଣମାଧ୍ୟମରେ ଏହି ଆକ୍ରମଣ ପାଇଁ ନିଜକୁ ଦାୟି କରିଛନ୍ତି। ସନ୍ଥ ପ୍ରେମାନନ୍ଦ ମହରାଜ ଓ ଅନିରୁଦ୍ଧଚାର୍ଯ୍ୟ ମହାରାଜଙ୍କୁ ଅପମାନର ପ୍ରତିଶୋଧ ନେବାକୁ ଏହି ଆକ୍ରମଣ କରାଯାଇଛି ବୋଲି ଏହି ଗ୍ୟାଙ୍ଗ ଦାବି କରିଛି। ସୂଚନା ମିଳିବା ମାତ୍ରେ ବରିଷ୍ଠ ପୁଲିସ ଅଧିକାରୀ ଅନୁରାଗ ଆର୍ଯ୍ୟ ଯାଞ୍ଚ୍ ଆରମ୍ଭ କରିଛନ୍ତି। ସାମାଜିକ ଗଣମଧମରେ କରାଯାଇଥିବା ପୋଷ୍ଟରେ ବୀରେନ୍ଦ୍ର ଚରଣ ଓ ମହେନ୍ଦ୍ର ସରଣ ନାମକ ଦୁଇଜଣ ବ୍ୟକ୍ତି ଏହି ସମ୍ପୂର୍ଣ୍ଣ ଫିଲ୍ମ ଇଣ୍ଡଷ୍ଟ୍ରୀକୁ ଚେତାବନୀ ଦେଇଛନ୍ତି।

# ନୌକା ବୁଡ଼ିବାରୁ କଙ୍ଗୋରେ ୧୦୦ ମୃତ

କିନ୍‌ଶାସା, ୧୨।୯(ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ମୋଟର ଚାଳିତ ନୌକା ଦୁର୍ଘଟଣାରେ ପାଖାପାଖି ୧୦୦ ଲୋକ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ। ଇକ୍ୱାଟେଉର ରାଜ୍ୟର ଏନ୍‌ସୋଲୋ ଓ ମରିଙ୍ଗ ନଦୀର ସଂଗମରେ ହିଁ ନୌକାଟି ବୁଡି ଯାଇଥିଲା। ନୌକାରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ ଯାତ୍ରୀ ଥିଲେ ଓ ରାତିରେ ଏହି ଯାତ୍ରା କରିଥିବାରୁ ଦୁର୍ଘଟଣା ଘଟିଛି ବୋଲି ଶୁକ୍ରବାର ସରକରୀ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। କଙ୍ଗୋରେ ନୌକା ଦୁର୍ଘଟଣା ନୂଆ ନୁହଁ। କିଛି ଦିନତଳେ ଏକ ନୌକାରେ ନିଆଁ ଲାଗିବା ଫଳରେ ବୁଡିଯାଇଥିଲା ଓ ୫୦ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ବହୁ ଲୋକ ନିଖୋଜ ଥିଲେ। ନୌକାର କ୍ଷମତାଠାରୁ ଅଧିକ ସଂଖ୍ୟରେ ଲୋକ ଯାତ୍ରା କରିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି କୁହାଯାଇଛି। କଙ୍ଗୋରେ ଏଭଳି କେତୋଟି ସ୍ଥାନ ଅଛି ଯେଉଁଠାରେ ଖରାପ ରାସ୍ତା କାରଣରୁ ଲୋକେ ନୌକାରେ ଯିବାକୁ ପସନ୍ଦ କରିଥାନ୍ତି।

ସକାଳ THE SAKALA
ଶନିବାର
୧୩ ସେପ୍ଟେମ୍ବର, ୨୦୨୫



## ସୃଷ୍ଟି ହେଲା ଲଘୁଚାପ

# ଦକ୍ଷିଣ ଓଡ଼ିଶାରେ ବର୍ଷା

ଭୁବନେଶ୍ୱର,୧୨।୯ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପଶ୍ଚିମ କେନ୍ଦ୍ରୀୟ ଓ ପାଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନ ଏହା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଉପକୂଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିଛି। ଶୁକ୍ରବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୫ ଟା ମଧ୍ୟରେ ରାୟଗଡ଼ାରେ ସର୍ବାଧିକ ୪୧ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ ୩୩, ଛତ୍ରପୁର ୨୪, କୋରାପୁଟ ୨୦, ଝାରସୁଗୁଡ଼ା ୧୮, କଟକ ୧୨ ଓ ଗୋପାଳପୁରରେ ୧୦ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨ ଦିନ ମଧ୍ୟରେ ଲଘୁଚାପଟି ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୧୫ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି। ତେବେ ଆଗାମୀ ୪୮ ଘଣ୍ଟାରେ ଲଘୁଚାପର ପ୍ରଭାବ ସବୁଠୁ ଅଧିକ ରହିବାକୁ ଥିବାରୁ ଶନିବାର ପାଇଁ ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲା ପାଇଁ ବର୍ଷା ଜନିତ ଆଲର୍ଟ ଜାରି ହୋଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଲଘୁଚାପ ପ୍ରଭାବର ଉତ୍ତର ପଶ୍ଚିମବଙ୍ଗୋପସାଗରରେ ପବନର ବେଗ ୩୫-୪୫ କିମି ଓ ଝଟକା ପବନ ୫୫ କିମି ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଦକ୍ଷିଣ ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି।


ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ

ଅନ୍ୟପଟେ ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହୋଇଛି। ଆସନ୍ତା ୧୫ ତାରିଖ ମଧ୍ୟରେ ଦେଶର ଉତ୍ତର ପଶ୍ଚିମ ଭାଗ ଯଥା ପଶ୍ଚିମ ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ସମ୍ଭାବନା ରହିଛି। ସାଧାରଣତଃ ଲଗାତାର ୫ ଦିନ ପର୍ଯ୍ୟନ୍ତ ବର୍ଷା କମିବା ପରେ ମୌସୁମୀ ପ୍ରତ୍ୟାବର୍ତ୍ତନ ଜନିତ ସ୍ଥିତି ସୃଷ୍ଟି ହୋଇଥାଏ। ଗୁରୁଚାପ ବଳୟ ସୃଷ୍ଟି ହେବା ସହ ଆକାଶ ନିର୍ମଳ ମଧ୍ୟ ରହିବ। ସେପ୍ଟେମ୍ବର ୧ ପରେ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥାଏ। ଓଡ଼ିଶାରୁ ମୌସୁମୀ ଅକ୍ଟୋବର ୧୦-୧୫ ତାରିଖ ମଧ୍ୟରେ ବିଦାୟ ନେଇଥାଏ। ଯେହେତୁ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ସମୟରେ ଦେଶରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଛି, ଓଡ଼ିଶାରୁ ମଧ୍ୟ ସଠିକ୍ ସମୟରେ ମୌସୁମୀ ବିଦ୍ୟାୟ ନେବା ନେଇ ଆକଳନ କରାଯାଉଛି।

## ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍

# କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

ପୁରୀ,୧୨।୯ (ସମିସ): ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍। ଏ ନେଇ ବାରମ୍ବାର ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ସେମାନେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ବେନିୟମ ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଆକ୍ଟିଭ୍ ହେବା ନେଇ ସୂଚନା ଦିଆଯାଇଥିଲା। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?



ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବାବେଳେ ଏବେ ଚିନ୍ତା ବଢ଼ାଇ ଦେଲାଣି ଡ୍ରୋନ୍ ଉଡ଼ାଣ। କିଛିଦିନର ବ୍ୟବଧାନ ପରେ ଗୁରୁବାର ରାତିରେ ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଥିଲା। ପ୍ରାୟ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ନିକଟରେ ଡ୍ରୋନ୍‌ଟି ପଇଁତରା ମାରିଥିଲା। ଡ୍ରୋନ୍‌ଟି ନୀଳଚକ୍ରଠାରୁ ସିଂହଦ୍ୱାର, ପୁଣି ସିଂହଦ୍ୱାରରୁ ଉତ୍ତରଦ୍ୱାର ପର୍ଯ୍ୟନ୍ତ ପରିକ୍ରମା ମାର୍ଗ ଉପରି ଭାଗରେ ଉଡ଼ି ବୁଲୁଥିଲା। ତେବେ ଡ୍ରୋନ୍‌ଟି କେଉଁଠାରୁ ଅପରେଟ୍ ହେଉଛି, କିଏ ଅପରେଟ୍ କରୁଛି ତାହା ଜଣାପଡ଼ି ନ ଥିଲା। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଶୁକ୍ରବାର ସକାଳେ ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଥିଲା ଡ୍ରୋନ୍। ନୀଳଚକ୍ର ଉପର ଦେଇ ଏହି ଡ୍ରୋନ୍ ପ୍ରାୟ ୧୦ ମିନିଟ୍ ଧରି ସେଠାରେ ଉଡ଼ି ବୁଲିଥିଲା। ଏହାକୁ କିଏ ଏବଂ କେଉଁଠୁ ଅପରେଟ୍ କରୁଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ମଧ୍ୟ କୌଣସି ସୁରାକ୍ ପାଇପାରି ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। କେତେଜଣଙ୍କୁ ମଧ୍ୟ ପୁଲିସ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ଏହାସତ୍ତ୍ୱେ ଏଥିରେ ରୋକ୍ ଲାଗିପାରୁ ନାହିଁ। ତେବେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଯେପରି ଡ୍ରୋନ୍ ଉଡ଼ାଣ ନ ହେବ ସେଥିଲାଗି ଆଣ୍ଟି ଡ୍ରୋନ୍ ସିଷ୍ଟମ ଆକ୍ଟିଭ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଥିଲା। ଚଳିତବର୍ଷ ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ଗତ ଜୁନ୍ ୨୬ ତାରିଖରେ ଶ୍ରୀମନ୍ଦିର ନୋ ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବା ପାଇଁ ଏହି ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ହିଁ ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉଡୁଥିବା ଗୋଟିଏ ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଥିଲା। ଦକ୍ଷିଣ ଦ୍ୱାର ପାର୍ଶ୍ୱରେ ଉଡୁଥିବା ଏକ ଡ୍ରୋନକୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଖସାଇ ଦେଇଥିଲା। ଏହି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଦ୍ୱାରା ଏକ ନେଟ୍‌ୱର୍କ କ୍ଷେତ୍ର ସୃଷ୍ଟି ହେବ। ବେଆଇନ ଭାବେ ଡ୍ରୋନ୍ ଉଡ଼ିଲେ ଏହାକୁ ଚିହ୍ନଟ କରି ତୁରନ୍ତ ନିଷ୍କ୍ରିୟ କରିବ ଏହି ସିଷ୍ଟମ୍ ବୋଲି କୁହାଯାଇଥିଲା। ହେଲେ ଏହା ପରେ ଏକାଧିକଥର ଉଡ଼ିଲାଣି ଡ୍ରୋନ୍। କିନ୍ତୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ନିଷ୍କ୍ରିୟ କରିବାରେ ଫେଲ୍ ମାରିଛି। ଫଳରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

## ସାର ନିଅଣ୍ଟ; ବର୍ଷିଲା ବିଜେଡି

# ୧୫ରେ ରାଜଭବନ ଆଗରେ ବିଶାଳ ଗଣଧାରଣା

ଭୁବନେଶ୍ୱର,୧୨।୯ (ସମିସ): ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରହିଛି ବୋଲି ରାଜ୍ୟ ସରକାର ବାରମ୍ବାର ଦାବି କରୁଛନ୍ତି। ହେଲେ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ସାର ସଂକ୍ରାନ୍ତ ସରକାରଙ୍କ ସବୁ ଦାବି ମିଥ୍ୟା ପ୍ରମାଣିତ ହୋଇଛି। ଏହାର ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟରେ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ ସାରର କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ ସାର ସମସ୍ୟା ଉପରେ ସମୀକ୍ଷା କରିବା ପରେ ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ସମୀକ୍ଷା କରିବା ପରେ ସାର ମହଜୁଦ ଥିବା କଥା କହିଥିଲେ। ମାତ୍ର ସାର ନମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ସରକାର ସମସ୍ୟାର ସମାଧାନ ନକରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି। ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଦାବି ଏକ ପ୍ରହସନ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ସାର ସ୍ଥିତି ଅତ୍ୟାବଶ୍ୟକୀୟ ପରିମାଣ ଠାରୁ ବହୁତ କମ ପରିମାଣର ସାର ମିଳି ପାରିଛି। ମାତ୍ର ସରକାର ଲୋକଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ପ୍ରମିଳା ମଲ୍ଲିକ କହଛନ୍ତି ଯେ ରାଜ୍ୟର ୭୦ ପ୍ରତିଶତ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭର କରେ। ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ସାରର ନିଅଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀକୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ; କିନ୍ତୁ କୌଣସି ସମାଧାନର ରାସ୍ତା ବାହାରି ନାହିଁ। ପ୍ରାୟ ସାତ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଳଚେର ସାର କାରଖାନା କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଏହି କାରଖାନା ୩୬ ମାସରେ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। କିନ୍ତୁ ସାତ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସାର କାରଖାନା କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ରାଜ୍ୟର କୃଷକ ସମାଜର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସ୍ୱର ଉତ୍ତୋଳନ କରିବ। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ, ଆଗାମୀ ୧୫ ତାରିଖରେ ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ସେ କହିଛନ୍ତି।




**ସରକାରଙ୍କ ବେପରୁଆ ମନୋଭାବ ଯୋଗୁଁ ସାର ସମସ୍ୟା**

**୮୪ ମାସ ପରେ ବି କାର୍ଯ୍ୟକ୍ଷମ ହେଲାନି ସାର କାରଖାନା**

# ନଭେମ୍ବର ୫ରୁ ଐତିହାସିକ କଟକ ବାଲିଯାତ୍ରା

## କେବଳ ତଳ ପଡ଼ିଆରେ ଯାତ୍ରା, ତିଆରି ହେବ ଗ୍ରୀନ୍ କରିଡର୍

କଟକ, ୧୨।୯ (ସମିସ): କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା କଟକ ଉତ୍ସବ-୨୦୨୫ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ -୨୦୨୫ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ସୁରକ୍ଷିତ ବାଲିଯାତ୍ରା ଆୟୋଜନକୁ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ବାଲିଯାତ୍ରା କେବଳ ତଳ ପଡ଼ିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଅଣାଯାଇସାରିଛି। ଏନଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟର ନିୟମାବଳୀ ଅନୁଯାୟୀ ବାଲିଯାତ୍ରା ପରିଚାଳନାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ସୂଚାରୁ ପରିଚାଳନା ନିମନ୍ତେ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ଏଥି ସହ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ପାଇଁ ଲଗାତାର ତୃତୀୟ ବର୍ଷ ନିମନ୍ତେ ଚଳିତ ଥରର ବାଲିଯାତ୍ରା ସମ୍ପର୍କିତ ରିପୋର୍ଟ ୟୁନେସ୍କୋକୁ ପଠାଯିବ। ଏହାସହ ଗ୍ରୀନ୍ କରିଡର, ପାର୍କିଂ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ମାନ ଯାଞ୍ଚ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରୀନ୍ କରିଡରର ଦୁଇ ପାଶ୍ୱର୍ରେ ଉଠା ଦୋକାନୀଙ୍କୁ ବସିବାକୁ ନ ଦେଇ ଅନ୍ୟତ୍ର ସ୍ୱତନ୍ତ୍ର ସ୍ଥାନ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ପାର୍କିଂସ୍ଥାନରୁ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ନେବା ଆଣିବା ପାଇଁ ଅତି କମରେ ୪୦ଟି ବସ୍ ସେବା ପାଇଁ ସ୍ଥିର କରାଯାଇଛି। ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ସମ୍ପୂର୍ଣ୍ଣ ଟ୍ରାଫିକ୍ ନିୟନ୍ତ୍ରଣର ରୂପରେଖ ଉପସ୍ଥାପନ କରିଥିଲେ।



## ଆଇଏଏସ୍ ସ୍ତରରେ ଛୋଟ ଅଦଳବଦଳ

# ଅନ୍ୱେଷା ରେଡ୍ଡୀ ଆଇଜି ରେଜିଷ୍ଟ୍ରେସନ

ଭୁବନେଶ୍ୱର,୧୨।୯ (ସମିସ): ରାଜ୍ୟ ସରକାର ଶୁକ୍ରବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତିଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଦଳବଦଳରେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟ ଅମୃତା କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଉଥିଲେ। ଅନ୍ୟପଟେ ବର୍ତ୍ତମାନ ସେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି ଆୟୁକ୍ଷର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଓ ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଞ୍ଜନା ପଣ୍ଡାଙ୍କୁ ଆୟୁକ୍ଷର ନିର୍ଦ୍ଦେଶିକା ଭାବେ ନିଯୁକ୍ତି ଦିଆଯାଇଛି। ସେ ଏବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଅବକାରୀ କମିଶନର ଥିବା ୨୦୧୭ ବ୍ୟାଚ୍‌ର ଆଇଏଏସ୍ ପି. ଅନ୍ୱେଷା ରେଡ୍ଡୀଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ଛାତ୍ର ସଂସଦ ନିର୍ବାଚନ

# ମଉଳୁଛି ଆଶା; ଆଶଙ୍କାରେ ଛାତ୍ରନେତା

ଭୁବନେଶ୍ୱର, ୧୨।୯ (ସମିସ): ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବାର ଆଶା ମଉଳି ଯାଉଛି। ସାଧାରଣତଃ ଦୁର୍ଗାପୂଜା ଛୁଟି ପୂର୍ବରୁ ନିର୍ବାଚନ ହେଉଥିବାବେଳେ ଏହି ପ୍ରକ୍ରିୟା ନିମନ୍ତେ ଅନ୍ୟୂନ ୩ ସପ୍ତାହ ଲାଗିଥାଏ। ତେଣୁ ହାତରେ ଆଉ ସମୟ ନ ଥିବାରୁ ଏ ବର୍ଷ ଛାତ୍ର ସଂସଦ ନିର୍ବାଚନ ହୋଇ ନପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। କ୍ଷମତାକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ବିଜେପିର ଘୋଷଣା ପାଣିର ଗାର ପାଲଟିବାକୁ ଯାଉଛି।

ଛାତ୍ର ସଂସଦ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବାର ଦୁଇଦିନ ପରେ ମତଦାତାଙ୍କ ଏକ ପ୍ରାଥମିକ ସୂଚୀ ପ୍ରକାଶ ପାଇଥାଏ। ମତଦାତା ସୂଚୀ ଉପରେ ଆପତ୍ତି ଅଭିଯୋଗ କରିବାକୁ ୩ଦିନ ସମୟ ଦିଆଯାଏ। ଏହା ପରଦିନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥାଏ। ମତଦାତା ସୂଚୀ ପ୍ରକାଶ ପରେ ଆଶାୟୀଙ୍କୁ ନାମାଙ୍କନ ପାଇଁ ୩ ଦିନ ସମୟ ମିଳେ। ଏହା ପରଦିନ ପ୍ରାର୍ଥିପତ୍ର ଯାଞ୍ଚ କରିବା ସହ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଏ। ଏହି କ୍ରମରେ ପ୍ରଚାର କରିବା ପାଇଁ ପ୍ରାର୍ଥୀମାନେ ୭ରୁ ୮ ଦିନ ସମୟ ପାଇଥା'ନ୍ତି। ନିର୍ବାଚନ ସରିବା ପରେ ଫଳ ଘୋଷଣା ସହ ଉଚ୍ଚ ଶିକ୍ଷାନୁଷ୍ଠାନରେ ଦୁର୍ଗାପୂଜା ଛୁଟି ହୋଇଥାଏ। ଏହି ସମସ୍ତ ପ୍ରକ୍ରିୟା ପାଇଁ ପ୍ରାୟ ୩ ସପ୍ତାହ ଲାଗିଥାଏ। ଏଣୁ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ନ ଥିବାରୁ ନିର୍ବାଚନ ନ ହେବାର ଆଶଙ୍କା କ୍ରମଶଃ ଦୃଢ଼ୀଭୂତ ହେଉଛି।

ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଚଳିତ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରିଥିଲେ। ଏହାକୁ ନେଇ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ନାମଲେଖା ଆରମ୍ଭ ହେଉହେଉ ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯାତନା ଓ ଆତ୍ମଦାହ ଘଟଣା ଛାତ୍ର ସଂସଦ ନିର୍ବାଚନ ଉପରେ କଳା ବାଦଲ ଢାଙ୍କି ଦେଇଛି। ପୁନଶ୍ଚ ଆତ୍ମଦାହ ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୁଇଜଣ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) କାର୍ଯ୍ୟକର୍ତ୍ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ବାନ୍ଧିବା ଶାସକ ଦଳକୁ ଅଡୁଆରେ ପକାଇଛି। ପୁନଶ୍ଚ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବହୁ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ତାକୁ ଚାପି ଦେଇଥିବା ଅଭିଯୋଗ ଜଣା ପଡ଼ିବା ପରେ ଛାତ୍ରମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି ଓ ଛାତ୍ର ସଂସଦ ନିର୍ବାଚନ କରିବା ନେଇ ସରକାର ଆଉ ମୁହଁ ଖୋଲୁ ନାହାନ୍ତି। ଅପରପକ୍ଷରେ ଶିକ୍ଷାବର୍ଷକୁ ୫ମାସ ବିତିଥିଲେ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗର ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ ପାଇ ନ ଥିବାରୁ ଛାତ୍ର ସଂସଦ ନିର୍ବାଚନ ଆଶା କ୍ଷୀଣ ହେଉଛି।

# ବ୍ଲାକମେଲିଂ ଓ ଦୁଷ୍କର୍ମ ଅଭିଯୋଗରେ ଜେଲ୍‌ଗଲେ ଅଧ୍ୟାପକ

ଲାଞ୍ଜିଗଡ଼,୧୨।୯ (ସମିସ): ଗାଧୋଇବା ସମୟରେ ମୋବାଇଲରେ ଫଟୋ ଉଠାଇ ଜଣେ ମହିଳାଙ୍କୁ ବ୍ଲାକମେଲିଂ କରିବା ସହ ବାରମ୍ବାର ଦୁଷ୍କର୍ମ କରିବା ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକଙ୍କୁ ଜେଲ୍ ଯିବାକୁ ପଡ଼ିଛି। ମହିଳା ଜଣକ ଅଧ୍ୟାପକ ବିକ୍ରମ ସ୍ୱାଇଁଙ୍କ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ପୁରୀ ଅସ୍ତରଙ୍ଗ ଥାନା ଅଞ୍ଚଳର।



ସୂଚନା ଅନୁସାରେ, ସମ୍ପୃକ୍ତ ପୀଡ଼ିତା ଓ ଅଭିଯୁକ୍ତ ଅଧ୍ୟାପକ ପାଖାପାଖି କ୍ୱାର୍ଟର୍ସରେ ରହୁଥିଲେ। ବର୍ଷକ ତଳେ ମହିଳା ଜଣକ ଗାଧୋଉଥିବା ବେଳେ ଅଭିଯୁକ୍ତ ଅଧ୍ୟାପକ ହଠାତ୍ ପଶିଆସି ମୋବାଇଲରେ ମହିଳାଙ୍କ ନଗ୍ନଫଟୋ ଉଠାଇଥିଲେ। ସେଇଦିନଠୁ ସେ ମହିଳାଙ୍କୁ ଫଟୋ ଦେଖାଇ ବ୍ଲାକମେଲ କରିବା ସହିତ ବାରମ୍ବାର ଦୁଷ୍କର୍ମ କରୁଥିବା ପୀଡ଼ିତା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏପରିକି ମହିଳା ଜଣକ ନିଜ ଗାଁକୁ ଯାଇ ଫେରିବା ପରେ ବି ଅଧ୍ୟାପକ ଜଣକ ତାଙ୍କୁ ବ୍ଲାକମେଲ କରିବା ଛାଡ଼ି ନ ଥିଲେ। ଏନେଇ ମାନସିକ ଚାପର ବଶବର୍ତ୍ତୀ ହୋଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ମଧ୍ୟ ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ତାଙ୍କ ନଗ୍ନ ଫଟୋକୁ ସମ୍ପୃକ୍ତ ଅଧ୍ୟାପକ ନିଜର ସାଙ୍ଗସାଥୀଙ୍କୁ ପଠାଇ ତାଙ୍କୁ ବଦନାମ୍ କରୁଥିବା ସେ ଅଭିଯୋଗ କରିଛନ୍ତି।

ମହିଳାଙ୍କ ଯୌନ ଉତ୍ପୀଡ଼ନ ଅଭିଯୋଗ ପରେ ଅଭିଯୁକ୍ତ ଅଧ୍ୟାପକ ଦୀର୍ଘ ୧୧ମାସ ପର୍ଯ୍ୟନ୍ତ ଛୁଟି ନେଇ ପଳାଇଥିଲେ। ତେବେ ଗତ ୯ ତାରିଖ ଦିନ ସେ ଶିକ୍ଷାନୁଷ୍ଠାନକୁ ଫେରିବା ଦିନ ମହିଳାଜଣକ ଲାଞ୍ଜିଗଡ଼ ଥାନାରେ ତାଙ୍କ ନାମରେ ଅଭିଯୋଗ କରିଥିଲେ। ଲାଞ୍ଜିଗଡ଼ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହିତ ୧୦ ତାରିଖ ଦିନ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଅଧ୍ୟାପକ ଏବେ ବିଚାର ବିଭାଗୀୟ ଜେଲ୍‌ରେ ଅଛନ୍ତି। ତାଙ୍କୁ ମିଥ୍ୟା ମାମଲାରେ ଫଶାଇ ଦିଆଯାଇଛି ବୋଲି କିଛି ସହକର୍ମୀ ଓ ପୁରାତନ ଛାତ୍ର କହିଛନ୍ତି।

## ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଘଟଣ

# କନିଷ୍ଠ କିରାଣିଙ୍କ ଆତ୍ମାହୁତି ଉଦ୍ୟମ

ମାର୍ଶାଘାଇ,୧୨।୯ (ସମିସ): ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କନିଷ୍ଠ କିରାଣି (ଟାଇପିଷ୍ଟ) ଅରୁଣ କୁମାର ରଥ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିବା ଘଟଣା ଆଜି ମାର୍ଶାଘାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଶ୍ରୀ ରଥ ଦେହରେ ପେଟ୍ରୋଲ ଢାଳିବା ବେଳେ ସେଠାରେ ଉପସ୍ଥିତ ଥିବା ମାଜିଷ୍ଟ୍ରେଟ୍ ଶ୍ରୀକାନ୍ତ ପରିଜା ତାଙ୍କୁ ଏଥିରୁ କ୍ଷାନ୍ତ କରିଥିଲେ।

ସୂଚନା ମୁତାବକ, ଶ୍ରୀ ରଥ ୨୩ ବର୍ଷ ଧରି ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କିରାଣି (ଟାଇପିଷ୍ଟ) ଭାବେ କାର୍ଯ୍ୟ କରିବା ସତ୍ତ୍ୱେ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେ ଏହାକୁ ବିରୋଧ କରି ଅଦାଲତର ଆଶ୍ରୟ ନେଇ ବିଫଳ ହୋଇଥିଲେ। ଫଳରେ ଅରୁଣଙ୍କୁ ସ୍ଥାୟୀ ନିଯୁକ୍ତି ମିଳି ନ ଥିଲା। ଅରୁଣ ନ୍ୟାୟ ପାଇଁ ଅନଶନ କରିଥିବାବେଳେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଅରୁଣ ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ, ମାର୍ଶାଘାଇ ଥାନା ଅଧିକାରୀ, ତହସିଲଦାର, ଉଚ୍ଚମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୨ ତାରିଖ ବିଦ୍ୟାଳୟ ସ୍ୱନକ୍ଷତ୍ର ଅବସରରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ଫଳରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଅଗ୍ନିଶମ କର୍ମଚାରୀ, ପୁଲିସ କର୍ମଚାରୀ, ମାଜିଷ୍ଟ୍ରେଟ ମାର୍ଶାଘାଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସଜାଗ ଥିଲେ। ତେବେ ସୁରକ୍ଷା ବଳୟ ଭେଦ କରି ଧାର୍ଯ୍ୟ ସମୟ ୧୨ଟାର ବହୁ ବିଳମ୍ବରେ ଅରୁଣ ମୁହଁରେ ମାସ୍କ ପିନ୍ଧି ବିଦ୍ୟାଳୟ ପଶ୍ଚିମପାର୍ଶ୍ୱ ଜଙ୍ଗଲିଆ ରାସ୍ତାରେ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରିଥିଲେ। ବିଦ୍ୟାଳୟ ସମ୍ମୁଖରେ ଆତ୍ମାହୁତି ପାଇଁ ଉଦ୍ୟମ କରୁଥିବାବେଳେ ମାଜିଷ୍ଟ୍ରେଟ ଶ୍ରୀ ପରିଜା ପେଟ୍ରୋଲ ବୋତଲ ଜବତ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ପେଟ୍ରୋଲ କେଉଁଠୁ ଆଣିଲ ବୋଲି ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ବାଇକରୁ ପେଟ୍ରୋଲ ନିଗାଡ଼ି ଆଣିଥିବା କହିଥିଲେ।


ଦେହରେ ପେଟ୍ରୋଲ ଢାଳିବା ବେଳେ ଅଟକାଇଲେ ମାଜିଷ୍ଟ୍ରେଟ୍

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଛାତ୍ରଙ୍କ ଆତ୍ମହତ୍ୟା

ବାଲେଶ୍ୱର,୧୨।୯ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଜଣେ ନର୍ସିଂ ଛାତ୍ର ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ନର୍ସିଂ ଛାତ୍ର ଜଣଙ୍କ ହେଲେ ସୋର ଅଞ୍ଚଳର ରୋମିଓ ରଞ୍ଜନ ସାମଲ(୨୦)। ମୃତ୍ୟୁର କାରଣ ଏଯାଏଁ ଅସ୍ପଷ୍ଟ ଥିବାବେଳେ ଅନଲାଇନ୍ ଗେମ୍‌ରେ ଟଙ୍କା ହରାଇବା ଦୁଃଖରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ମୃତ୍ୟୁକୁ ନେଇ ପରିବାର ଲୋକ ମୁହଁ ଖୋଲିନଥିବା ବେଳେ ପୁଲିସ ମଧ୍ୟ ଏହାର କାରଣ ସ୍ପଷ୍ଟ କରିନାହିଁ।

ସୂଚନାନୁଯାୟୀ, ବିଏସ୍‌ସି ନର୍ସିଂର ଛାତ୍ର ରୋମିଓ ପୁରୀର ଏକ ଘରୋଇ କଲେଜରେ ପାଠ ପଢୁଥିଲେ। ତାଙ୍କ ବାପା ମୃତ୍ୟୁଞ୍ଜୟ ସାମଲ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ। ତେଣୁ ରୋମିଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାପାଙ୍କୁ ନେବାଆଣିବା କରିବା ସହ ସେଠାରେ ନର୍ସିଂ ଟ୍ରେନିଂ ନେଉଥିଲେ। ହଠାତ୍ ଗତକାଲି ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସର୍ଜରୀ ୱାର୍ଡର ଡ୍ରେସିଂରୁମ୍ ଫ୍ୟାନ୍‌ରେ ସେ ଝୁଲିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଫ୍ୟାନରୁ ଓହ୍ଲାଯାଇ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଅନ୍‌ଲାଇନ୍ ଗେମ୍ ଖେଳି ଆତ୍ମହତ୍ୟା କରିଥିବା ସନ୍ଦେହ**

ଜିଏସ୍‌ଟି ସଂସ୍କାର ୨.୦ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ: ଧର୍ମେନ୍ଦ୍ର

**ସମ୍ବଲପୁର, ୧୨।୯ (ସମିସ)**

ଜିଏସ୍‌ଟି ସଂସ୍କାର ୨.୦ ମୋଦୀ ସରକାରଙ୍କ ଐତିହାସିକ ନିଷ୍ପତ୍ତି। ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବରେ ଲାଭବାନ ହେବା ସହ ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ ବୋଲି ଶୁକ୍ରବାର 'ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ' ପକ୍ଷରୁ ଆୟୋଜିତ ଜିଏସଟି ସଂସ୍କାର ସମ୍ପର୍କିତ କନଭେସନ ୨.୦ ଫର୍ମ ୨୦୨୫ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ଭାରତ ଜର୍ମାନୀକୁ ପଛରେ ପକାଇ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି। ଆଗାମୀ ଦୁଇରୁ ୩ ବର୍ଷ ମଧ୍ୟରେ ଆମର ଅର୍ଥନୀତି ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ତାହା ୭୭ ପ୍ରତିଶତ ବଢ଼ି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି। ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ହୋଇଛି। ସେହିପରି ୨୦୧୯ରେ ଦେଶରେ ପ୍ରାୟ




୪.୯ କୋଟି ନିବେଶକ ଥିଲେ। ଏହି ସଂଖ୍ୟା ୫ ବର୍ଷରେ ୩ ଗୁଣା ବଢ଼ି ୧୩.୨ କୋଟି ହୋଇଛି। ଏହା ହିଁ ଜିଏସଟି କ୍ରିୟାନ୍ୱୟନର ବଡ ଉପଲବ୍ଧି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢ଼ି ୩୩୧.୦୩ କୋଟି ହୋଇଛି। ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି।

ଜିଏସଟି ୨.୦ରେ ଦୈନନ୍ଦିନ ବ୍ୟବହାର କରୁଥିବା ପେଷ୍ଟ, ସାବୁନ ଭଳି ସାମଗ୍ରୀ ଶସ୍ତା ହେବ। ସ୍କୁଲ

**ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ବୃଦ୍ଧି ହୋଇଛି**

ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଦେଶର ଗରିବ ଓ ସମାଜର ମଧ୍ୟମ ବର୍ଗର ନାଗରିକ, କୃଷକ, ଏମ୍‌ଏସ୍‌ଏମ୍‌ଇ, ମଧ୍ୟବିତ୍ତ, ମହିଳା ଏବଂ ଯୁବକମାନେ ଲାଭବାନ ହେବେ। କେନ୍ଦୁ ପତ୍ର ଉପରେ ଜିଏସଟି ସ୍ଲାବ ୧୮% ରୁ ୫%କୁ ହ୍ରାସ କରାଯାଇଛି। ଏହି ନିଷ୍ପତି ଦ୍ୱାରା କେନ୍ଦୁ ପତ୍ର ଶିଳ୍ପ ସହିତ ଜଡିତ ୧୫ ଲକ୍ଷରୁ ଅଧିକ ଲୋକମାନେ ଉପକୃତ ହେବେ। ସୂତା ଉପରେ ଜିଏସଟି ୧୨%ରୁ ହ୍ରାସ ପାଇ ୫% ହୋଇଛି ଏବଂ ଏହାଦ୍ୱାରା ଓଡ଼ିଶା ବିଶେଷ ଭାବରେ ରାଜ୍ୟର ପଶ୍ଚିମାଞ୍ଚଳର ବୁଣାକାର ମାନେ ଲାଭବାନ ହେବେ। କୋଇଲା ଉପରେ ଜିଏସଟି ୧୮%କୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ଓଡ଼ିଶା ବିଶେଷ ଲାଭବାନ ହେବ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ବିଭିନ୍ନ କୃଷି ଉପକରଣ ଯଥା ଔଷଧ ସିଞ୍ଚନକାରୀ ଯନ୍ତ୍ର, ଅମଳ କାମରେ ଲାଗୁଥିବା ଯନ୍ତ୍ରପାତି, ଟ୍ରାକ୍ଟର ଓ ଏହାର ଟାୟାର ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ ଉପରୁ ଜିଏସଟି ହ୍ରାସ ନିମନ୍ତେ ପ୍ରସ୍ତାବିତ ପଦକ୍ଷେପ କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚକୁ ହ୍ରାସ କରିବ। ସମ୍ବଲପୁରକୁ ନ୍ୟୁ ଏଜ୍ ଇକୋନାମୀକୁ କରିବା ଦିଗରେ ଶ୍ରୀ ପ୍ରଧାନ ମତ ପ୍ରକାଶ କରିବା ସହ ସ୍ଥାନୀୟ ଉତ୍ପାଦ ବିଶେଷ ଭାବରେ ସମ୍ବଲପୁରୀ ଶାଢୀ, ବସ୍ତ୍ର, କୃଷି ଉତ୍ପାଦିତ ସାମଗ୍ରୀକୁ ସମ୍ବଲପୁରୀ ବ୍ରାଣ୍ଡରେ ପ୍ରୋତ୍ସାହନ ଦେବା ଦିଗରେ ଆଲୋକପାତ କରିଥିଲେ। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

୨୧ରେ ଧବଳମୁଖୀ, ଅକ୍ଟୋବର ୨ରେ ବିଜୟା ଦଶମୀ ଓ ୬ରେ ରାଜରାଜେଶ୍ୱରୀ ବେଶ


# ୧୪ରୁ ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା

**ସମ୍ବଲପୁର, ୧୨।୯ (ସମିସ) :** ଚଳିତ ପାର୍ବଣ ଋତୁରେ ଚଳଚଞ୍ଚଳ ହୋଇଉଠିଛି ସମସ୍ତ ଦେବୀପୀଠ। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଆସନ୍ତା ୧୪ ତାରିଖ ମୂଳାଷ୍ଟମୀଠାରୁ ଆରମ୍ଭ ହେବ। ଏହା ମହାଷ୍ଟମୀରେ ସରିବ। ଏହି ଷୋଡ଼ଶ ଉପଚାର ପୂଜା ପଶ୍ଚିମ ଓଡ଼ିଶାର ପର୍ବ ପୁଓଜିଉଁତିଆରୁ ଆରମ୍ଭ କରି ଭାଏଜିଉଁତିଆରେ ଶେଷ ହୁଏ। ଏହି ସମୟରେ ମା' ସମଲେଶ୍ୱରୀଙ୍କୁ ଷୋହଳ ଜ୍ୟୋତି ରୂପରେ ପୂଜା କରାଯାଏ।

**୧୪ରେ ପୁଓଜିଉଁତିଆ ଓ ୨୯ରେ ଭାଇଜିଉଁତିଆ**

ଆଶ୍ୱିନ ମୂଳାଷ୍ଟମୀ ତିଥିରେ ମା'ଙ୍କୁ ଦୁର୍ଗା ଜ୍ୟୋତି ରୂପରେ ପୂଜାର୍ଚ୍ଚନା କରାଯାଇ ସ୍ୱତନ୍ତ୍ର ନୈବେଦ୍ୟ ଅର୍ପଣ କରାଯାଇଥାଏ। ଏହାପରେ ପ୍ରତିଦିନ ମା' ଭିନ୍ନ ଭିନ୍ନ ଜ୍ୟୋତି ରୂପରେ ପୂଜିତ ହୋଇଥାନ୍ତି।

ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସୂଚନାନୁଯାୟୀ, ଆସନ୍ତା ୧୪ ତାରିଖ ମୂଳାଷ୍ଟମୀ, ପୀଠେ ଷୋଡ଼ଶ ଦିବସୀୟ ପୂଜାରମ୍ଭ, ପୁଓଜିଉଁତିଆ, ଷୋଡ଼ଶ ଦିବସୀୟ ଦୀପ ପ୍ରଜ୍ୱଳନ ହେବ। ଏହାପରେ ୨୧ ତାରିଖ ମହାଳୟାରେ ମା' ଧବଳମୁଖୀ ବେଶରେ ଦର୍ଶନ ଦେବେ। ୨୨ ତାରିଖ ପ୍ରତିପଦାରେ ଶାରଦୀୟ ନବଦିନାତ୍ମକ ପୂଜାରମ୍ଭ ଓ ନବରାତ୍ର ଅଖଣ୍ଡ ଦୀପ ପ୍ରଜ୍ୱଳନ, ୨୩ରେ ଦ୍ୱିତୀୟା, ୨୪ରେ ତୃତୀୟା, ୨୫ରେ ଚତୁର୍ଥୀ, ୨୬ରେ ପଞ୍ଚମୀ ଓ ପଞ୍ଚଦିନାତ୍ମକ ପୂଜାରମ୍ଭ, ୨୭ରେ ଷଷ୍ଠୀ, ୨୮ରେ ପୀଠେ ମହାସପ୍ତମୀ ପୂଜା ଓ ତ୍ରିଦିନାତ୍ମକ ଦୀପ ପ୍ରଜ୍ୱଳନ, ୨୯ରେ ପୀଠେ ମହାଷ୍ଟମୀ, ଭାଇଜିଉଁତିଆ ପର୍ବ, ମା' ସମଲେଶ୍ୱରୀଙ୍କ



ଖଣ୍ଡାଧୂଆ, ଆଖାଡ଼ା ନଗର ପରିକ୍ରମା, ୩୦ରେ ପୀଠେ ମହାନବମୀ ପୂଜା, ମା' ସମଲେଶ୍ୱରୀଙ୍କ ଆଖାଡ଼ା ନଗର ପରିକ୍ରମା, ଅକ୍ଟୋବର ୧ ତାରିଖରେ ପୀଠେ ବିଶ୍ରାମ, ୨ରେ ପୀଠେ ଦଶହରା, ବିଜୟା ଦଶମୀ, ନବରାତ୍ର ଦୀପ ବିସର୍ଜନ ଓ ରଣଜିତା ଉତ୍ସବ ଏବଂ ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା, ମା' ସମଲେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ ତଥା ମା' ସମଲେଶ୍ୱରୀ ମନ୍ଦିରରେ ଧ୍ୱଜାରୋହଣ ହେବ ବୋଲି ଜଣାପଡ଼ିଛି।

ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା

# ଗୋଟିଏ ବର୍ଷରେ ଭାଙ୍ଗିଗଲା ଦୁଇଟି କଲ୍‌ଭର୍ଟ

**କୁଚିଣ୍ଡା, ୧୨।୯ (ସମିସ):** ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ପଞ୍ଚାୟତ ସମିତି ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା



ଯୋଗୁଁ କାମ ଗୁଡ଼ିକ ନିମ୍ନମାନର ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ହେଲେ ବିଭାଗୀୟ ଅଧିକାରୀମାନେ ନିଦାବିଷ୍ଟୁ ସାଜୁଥିବାରୁ ସରକାରଙ୍କ ଯୋଜନା ଲୋକଙ୍କ କାମରେ ନ ଆସି ଲକ୍ଷଲକ୍ଷ ଟଙ୍କା ପାଣିରେ ପଡୁଛି ବୋଲି ଅଭିଯୋଗ ହେଉଛି। ପାରୁଆଭାଡ଼ି ଗ୍ରାମରେ ଦୁଇ ବର୍ଷ ତଳେ ନିର୍ମାଣ ହୋଇଥିବା ଦୁଇଟି କଲଭର୍ଟ ଗୋଟିଏ ବର୍ଷାରେ ଭାଙ୍ଗିଯିବା ଘଟଣା ଏହି ଅଭିଯୋଗକୁ ସତ ବୋଲି ପ୍ରମାଣିତ କରୁଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି। ଗତ ୨୦୨୧-୨୦୨୨ ଏବଂ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ପାରୁଆଭାଡ଼ି ଗ୍ରାମରେ ଦୁଇଟି କଲଭର୍ଟ ନିର୍ମାଣ ପାଇଁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଗୋଟିଏ କଲଭର୍ଟ ପାରୁଆଭଡ଼ି ରାଜୀବଭବନ ନିକଟରେ ହୋଇଥିବା ବେଳେ ଅନ୍ୟଟି ପାରୁଆଭାଡ଼ି ମୁଡ଼ା ନିକଟରେ ନିର୍ମାଣ ହୋଇଥିଲା। ଏହି ବର୍ଷ ଜୁଲାଇ ମାସ ହୋଇଥିବା ବର୍ଷାରେ ଦୁଇଟି ଯାକ କଲଭର୍ଟ ଭାଙ୍ଗି ଯାଇଛି। ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଗ୍ରାମବାସୀଙ୍କ ଏହି ଅଭିଯୋଗ ବାବଦରେ ମତାମତ ପାଇଁ କୁଚିଣ୍ଡା ବିଡିଓ ଜୟନ୍ତ ସାହୁଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କର ଫୋନ ନ ଲାଗିବାରୁ ତାଙ୍କର ମତାମତ ନିଆ ଯାଇପାରି ନାହିଁ।

## ଗଛକୁ ଧକ୍କା ଦେଲା ବାଇକ୍, କଲେଜ ଛାତ୍ର ମୃତ

**କୁଚିଣ୍ଡା, ୧୨।୯ (ସମିସ):** ଜଣେ ଛାତ୍ରଙ୍କ ସଡ଼କ ଦୁର୍ଘଟଣାରେ ଗୁରୁବାର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ କୁସମୀ ଫାଣ୍ଡି ଅନ୍ତର୍ଗତ ସାନ ମୁଣ୍ଡାଲୋଇ ଗ୍ରାମର ରୋଶନ ଜୟପୁରିଆ (୧୯)। ବୁଧବାର ସନ୍ଧ୍ୟାରେ ଝିପିଝିପି ବର୍ଷାରେ ଏକ ଚାରିଚକିଆ ଗାଡ଼ିରେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ କୋଦପଡ଼ା ରାସ୍ତାକଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଗାଡ଼ିର ଷ୍ଟିୟରିଂ ଛାତିରେ ଚାପି ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ରୋଶନଙ୍କୁ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୁସମୀ ଫାଣ୍ଡିରେ ଏ ନେଇ ଏକ ମାମଲା ରୁଜୁ ହୋଇଥିବାବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ୯୮ ବୋତଲ କଫ୍‌ସିରପ ଜବତ, ୨ ଗିରଫ

**ସମ୍ବଲପୁର, ୧୨।୯ (ସମିସ):** ସମ୍ବଲପୁର ମହାନଗର ନିଗମ ହୀରାକୁଦ ଥାନା ଅନ୍ତର୍ଗତ ଲରପଙ୍କଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ୯୮ ବୋତଲ ଓିନସେରାକ୍ସ କଫସିରପ, ଗୋଟିଏ ମୋଟର ସାଇକଲ ଓ ୨ଟି ମୋବାଇଲ ଫୋନ ଜବତ କରିବାସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ବଙ୍ଗମୁଣ୍ଡା ବିହାରୀପଡ଼ାର ପରମାନନ୍ଦ ମେହେର (୨୬) ଓ ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲ୍ଲା ମାନ୍ଧାତା ଥାନା କୋହଲାର ବ୍ରିଜେଶ କୁମାର ସରୋଜ (୨୭)। ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।



## ମା'ର ତଣ୍ଟିଚିପି ହତ୍ୟା କଲା ପୁଅ

**ରେଢ଼ାଖୋଲ, ୧୨।୯ (ସମିସ):** ନିଜ ମା'ର ତଣ୍ଟିଚିପି ହତ୍ୟା କଲା ପୁଅ। ଦୁଇଦିନ ପରେ ପରିବାରଲୋକେ ମୃତଦେହ ପାଇବାପରେ ହତ୍ୟା କରିଥିବା ସ୍ୱୀକାର କରିଛି ପୁଅ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ହତ୍ୟାକାରୀ ପୁଅକୁ ରେଢ଼ାଖୋଲ ଥାନାରେ ଅଟକ ରଖିଛି। ଏଭଳି ଏକ ଅଭାବନୀୟ ଘଟଣାଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କଦଳିଗଡ଼ ପଞ୍ଚାୟତ ଅଧୀନ ତନ୍ତଗାଡ଼ ଗ୍ରାମରେ। ମୃତକ ହେଲେ ତନ୍ତଗାଡ଼ ଗ୍ରାମର ବାସିନ୍ଦା ନିବାସ ସାହୁଙ୍କ ଧର୍ମପତ୍ନୀ ଇନ୍ଦୁମତି ସାହୁ(୫୫)। ହତ୍ୟାକାରୀ ହେଉଛି ମହିଳାଙ୍କ ବଡ଼ପୁଅ ଲିପୁନ ସାହୁ। ସୂଚନା ଯୋଗ୍ୟ ଯେ ମୃତ ମହିଳା ଇନ୍ଦୁମତି ସାହୁ ଓ ତାଙ୍କ ବଡ଼ପୁଅ ଲିପୁନ ମଧ୍ୟରେ କୌଣସି ଘରୋଇ କଳହକୁ କେନ୍ଦ୍ରକରି ଚାଷ କାର୍ଯ୍ୟ କରୁଥିବା ସମୟରେ ବଚସା ହୋଇଥିଲା। ଲିପୁନ ଉତ୍ତେଜିତ ହୋଇ ଏକ ଗାମୁଛାରେ ମା ଇନ୍ଦୁମତିଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। ସେଠାରୁ ଚୁପଚାପ କାହାକୁ କିଛି ନ କହି ଦୁଇଦିନ ଧରି ଘରେ ଆସି ରହିଥିଲା। ଇନ୍ଦୁମତି ଘରକୁ ନ ଆସିବାରୁ ପରିବାରଲୋକେ ଚିନ୍ତିତ ହୋଇ ଖୋଜାଖୋଜି ପରେ ଚାଷ ଜମିରେ ଇନ୍ଦୁମତିଙ୍କ ଗଳିତ ଶବ ପାଇଥିଲେ। ଚାଷ ଜମିରେ ଶବ ମିଳିବା ପରେ ବଡ଼ପୁଅ ହତ୍ୟା କରିଥିବା ସ୍ୱୀକାର କରିଥିଲା। ଗ୍ରାମବାସୀ ଏବଂ ପରିବାର ଲୋକେ ରେଢ଼ାଖୋଲ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ଶବ ଉଦ୍ଧାର କରିବା ସହିତ ବଡ଼ପୁଅ ଲିପୁନକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉ କି ଦୀର୍ଘ ୯ ମାସ ତଳେ ସାନପୁଅ ମାନସିକ ଭାରସାମ୍ୟ ହରାଇ ନିଜ ଆଈଙ୍କୁ ଏକ ଟାଙ୍ଗିଆରେ ମାରି ହତ୍ୟା କରିଥିଲା। ଆଜି ପର୍ଯ୍ୟନ୍ତ ସାନପୁଅ ଜେଲରେ ରହିଛି।

## ହୀରାକୁଦ ଜଳସ୍ତର ୬୨୯ ଡେଇଁଲା, ଖୋଲିଲା ୫ ଗେଟ୍

**ସମ୍ବଲପୁର, ୧୨।୯ (ସମିସ) :** ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ଜଳଭଣ୍ଡାରର ଜଳସ୍ତର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ୬୨୯ ଫୁଟ୍ ବଜାୟ ରଖାଯିବ। ଉଲ୍ଲେଖଯୋଗ୍ୟ ଯେ, ଜଳଭଣ୍ଡାରର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ଅଟେ। ଆଜି ସକାଳ ୮ଟା ସମୟରେ ଜଳସ୍ତର ୬୨୯ ଫୁଟ୍ ଡେଇଁବା ପରେ ପର୍ଯ୍ୟାୟକ୍ରମେ ୨ଟି ଲେଖାଏ ଗେଟ୍ ଖୋଲି ଏବେ ମୋଟ ୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୦୨ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୦୬, ୨୧୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୧୮, ୯୨୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୮୧, ୮୧୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨, ୫୧୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୦.୦୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୨.୨୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୩୯ ଫୁଟ୍ ରହିଥିଲା।

## ପୂଜା ପେଣ୍ଡାଲରେ ଆଇନସମ୍ମତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ପରାମର୍ଶ

**ସମ୍ବଲପୁର, ୧୨।୯ (ସମିସ) :** ଚଳିତ ପାର୍ବଣ ଋତୁରେ ବିଭିନ୍ନ ଦେବାଦେବୀଙ୍କ ନିମନ୍ତେ ପେଣ୍ଡାଲ୍ ତିଆରି କରାଯାଇ ଉତ୍ସବ ପାଳନ କରାଯାଇଥାଏ। ଏହି ପେଣ୍ଡାଲମାନଙ୍କରେ ଆଲୋକର ସାଜସଜ୍ଜା ମଧ୍ୟ କରାଯାଇଥାଏ। ଏହିସବୁ ପେଣ୍ଡାଲକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଆୟୋଜକ କମିଟିମାନଙ୍କୁ ଟିପିଡବ୍ଲୁଓଡିଏଲ୍ ତରଫରୁ ଅନୁରୋଧ କରାଯାଇଛି ଯେ, ସମସ୍ତ କମିଟି ନିକଟସ୍ଥ ବିଦ୍ୟୁତ୍ ବିତରକ କମ୍ପାନୀ କାର୍ଯ୍ୟାଳୟରେ ଯୋଗାଯୋଗ କରି ଆଇନସମ୍ମତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ। ଅସ୍ଥାୟୀ ରୂପେ ବିଦ୍ୟୁତ୍ ଯୋଗାଇ ଦେବାପାଇଁ ଆଇନରେ ପ୍ରାବଧାନ ଉପଲବ୍ଧ ଅଛି। ଏଣୁ ବିଦ୍ୟୁତ୍ ସଂଯୋଗ ପାଇଁ କୌଣସି ପ୍ରକାରର ଅନୈତିକ ଉପାୟ କିମ୍ବା ହୁକିଂ କରନ୍ତୁ ନାହିଁ। ବେଆଇନ ଭାବରେ ବିଦ୍ୟୁତ୍ ସଂଯୋଗ କରିବା ଦ୍ୱାରା ଅସୁରକ୍ଷିତ ପରିସ୍ଥିତି ସୃଷ୍ଟି ହୋଇଥାଏ ଏବଂ କୌଣସି ପ୍ରକାର ବୈଦ୍ୟୁତିକ ଦୁର୍ଘଟଣା ଦ୍ୱାରା ଧନଜୀବନ ହାନୀ ହେବା ସମ୍ଭାବନା ହେବା ସଙ୍ଗେ ଉତ୍ସବ ପରିବେଶ ନଷ୍ଟ ହୋଇପାରେ। ଏହାଦ୍ୱାରା ଆବଶ୍ୟକ ଥିବା ବିଦ୍ୟୁତ୍ ଚାହିଦାର ଅନୁମାନ କରାଯାଇପାରେନାହିଁ। ଫଳରେ ସେହି ଅଞ୍ଚଳର ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଲୋଡ୍ ପଡ଼ିଲେ, ତାହା ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ ବି କରିପାରେ। ଏଣୁ ନୈତିକ ଉପାୟରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଦରଖାସ୍ତ ଦିଆଯାଇ ଆଇନ ସମ୍ମତ ପ୍ରକ୍ରିୟାରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଚାରାରୋପଣ



**ସମ୍ବଲପୁର, ୧୨।୯ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୁଢ଼ାରଜା ନଗର ସମ୍ବଲପୁର ତରଫରୁ ଯୋଗୀପାଲି ପାହାଡ଼ରେ ୫୦ଟି ଚାରା ରୋପଣ କରାଯାଇଛି। ଚଳିତବର୍ଷ ୬୦୦ରୁ ଅଧିକ ଚାରା ଲଗାଯାଇଛି। ଭୀମଭୋଇ ଶାଖା ୧୦୦୦ ଚାରା ଲଗାଇବା ପାଇଁ ସଙ୍କଳ୍ପ ରଖିଛି। ସୁରଥ ଭୋଇ, ବିଶ୍ୱରଞ୍ଜନ ଜେନା, ରଶ୍ମି ରଞ୍ଜନ ଜେନା, ବିବେକା ନନ୍ଦ ଦାସ, ସତ୍ୟବ୍ରତ କର୍ଣ୍ଣ, ବ୍ୟୋମକେଶ ସାହୁ, ଭାସ୍କର ମାର୍ଥା, ସୁଶୀଲ ସାହୁ, ରୁଦ୍ର କର୍ଣ୍ଣ, ଆକାଶ ପାଢ଼ୀ, ଧର୍ମେନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଷଣ୍ଡାସିଂହା ଗ୍ରାମ୍ୟ ଜଙ୍ଗଲ କମିଟିର ଚାରା ରୋପଣ

**ସମ୍ବଲପୁର, ୧୨।୯ (ସମିସ):** ଷଣ୍ଡାସିଂହା ଗ୍ରାମ୍ୟ ଜଙ୍ଗଲ କମିଟି ପକ୍ଷରୁ ଏକ ପେଡ୍ ମା କେ ନାମ ଅଧିନରେ ଶାସନ ଗ୍ରାମ ରାସ୍ତାରୁ ଷଣ୍ଡାସିଂହା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୩୦୦ରୁ ଅଧିକ ଚାରାରୋପଣ କରାଯାଇଛି। ଗ୍ରାମବାସୀ ମାନେ ସବୁଜ ପୃଥିବୀର ବାର୍ତ୍ତା ଦେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସମସ୍ତେ ମିଳି ମିଶି ବିଭିନ୍ନ ପ୍ରକାରର ଚାରା ଲଗାଇଥିଲେ। ଏଥିରେ ଶାସନ ଜିପି ଏଡିଇଓ ସୁଶାନ୍ତ କୁମାର ବାରିକ, ପ୍ରକୃତି ବନ୍ଧୁ ତ୍ରିବିକ୍ରମ ପୋଢ, ପ୍ରକୃତିପ୍ରେମୀ ଦୟାନିଧି ଲାକ୍ରା, ଶିବଲାଲ ପିଙ୍ଗ, ପ୍ରକୃତି ବନ୍ଧୁ ଏବଂ ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ କିଶୋର ଛତର, ଆଦିତ୍ୟ ରେସିଡେନସିଏଲ ସ୍କୁଲ ଉପାଧକ୍ଷ ସଞ୍ଜୀବ ନାଏକ, ମଧୁସୁଦନ ପ୍ରଧାନ, ଦୁର୍ଯ୍ୟୋଧନ କିଶାନ, ଲକ୍ଷ୍ମଣ ବାଗ, ପ୍ରଦୀପ ପ୍ରଧାନ, କେଶବ ଧୁରୁଆ, ଲକ୍ଷ୍ମଣ ନାଏକ, ସମ୍ଭବ ନାଏକ, ସୁରଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



## ଖଟେଶ୍ୱର ପାଣ୍ଡେଙ୍କ ଶ୍ରାଦ୍ଧଦିବସ

**ସମ୍ବଲପୁର, ୧୨।୯ (ସମିସ):** ସ୍ଥାନୀୟ ୯ସକେତନ ସାହୁ ସନ୍ତରଣଗାରରେ ଖଟେଶ୍ୱର ପାଣ୍ଡେଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ପ୍ରଥମେ ସ୍ୱର୍ଗତ ପାଣ୍ଡେଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ସଭାପତି ପ୍ରେମରଞ୍ଜନ ପ୍ରଧାନ, ସମ୍ପାଦକ ସୁନ୍ଦରମଣୀ ବାରିକ, ସ୍ୱର୍ଗତ ପାଣ୍ଡେଙ୍କ ପୁତ୍ର ଜୟନ୍ତ ପାଣ୍ଡେ ସଭାରେ ଯୋଗଦେଇ ସ୍ୱର୍ଗତ ପାଣ୍ଡେଙ୍କୁ ସ୍ମୃତିଚାରଣ କରିଥିଲେ। ହରେକୃଷ୍ଣ ପଣ୍ଡା, ଲକ୍ଷ୍ମୀଚନ୍ଦ୍ର ମହାକୁର, ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ସନ୍ତରଣ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ସ୍ୱର୍ଗତ ପାଣ୍ଡେଙ୍କ ସ୍ମୃତିରେ ଆସନ୍ତା ୧୪ ତାରିଖରୁ ରାଜ୍ୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ।

■ କେନ୍ଦୁପତ୍ର ଶ୍ରମିକ ମଙ୍ଗଳ ପାଣ୍ଠି କମିଟି ବୈଠକ

# ୩୬ ହିତାଧିକାରୀ ପାଇବେ ୭୨ ଲକ୍ଷ ଟଙ୍କା

**ସମ୍ବଲପୁର, ୧୨।୯ (ସମିସ) :** ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଗୌରୀଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ବନଖଣ୍ଡ କେନ୍ଦୁପତ୍ର କାର୍ଯ୍ୟାଳୟରେ ୨ୟ ଡିଭିଜନସ୍ତରୀୟ କେନ୍ଦୁପତ୍ର ଶ୍ରମିକ ମଙ୍ଗଳ ପାଣ୍ଠି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୩୬ ଜଣ ହିତାଧିକାରୀଙ୍କ ସକାଶେ ପ୍ରତ୍ୟେକ ହିତାଧିକାରୀ ମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ମୋଟ ୭୨ ଲକ୍ଷ ଟଙ୍କା ମଞ୍ଜୁର କରାଗଲା। ଏହି ଅର୍ଥ ଦେବାପାଇଁ ରାଜ୍ୟର ପ୍ରଧାନ ମୁଖ୍ୟବନ ସଂରକ୍ଷକ (କେନ୍ଦୁପତ୍ର), ଭୁବନେଶ୍ୱର ପାଖକୁ ଚିଠି ଦ୍ୱାରା ଅବଗତ କରାଗଲା। ବୈଠକରେ କମିଟି ନିକଟକୁ ଆସିଥିବା ତିନି ଜଣ ତୋଳାଳୀ ଓ ସିଜିନାଲ କର୍ମଚାରୀଙ୍କ ମୃତ୍ୟୁଜନିତ ଅନୁକମ୍ପା ରାଶିକୁ ଯାଞ୍ଚ କରାଯାଇ ତାହା ପିସିସିଏଫ୍ (କେନ୍ଦୁପତ୍ର)ଙ୍କୁ ପ୍ରଦାନ ନିମନ୍ତେ ସୁପାରିଶ କରାଗଲା। ଏହି ବୈଠକରେ କମିଟି ସଭ୍ୟ ସମ୍ବଲପୁର, ବରଗଡ଼ ଓ ସୁବର୍ଣ୍ଣପୁରର ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନ ସମ୍ପାଦକ ଗୋକୁଳ ମେହେର ଉପସ୍ଥିତ ଥିଲେ।



ଶ୍ରୀ ରାମ ବିଜୟା ଦଶମୀ ମହୋତ୍ସବ ସମିତିର ରାବଣ ପୋଡ଼ି

# ଆକର୍ଷଣ ସାଜିବ ଶହେ ଫୁଟିଆ ଡିଜିଟାଲ ରାବଣ

**ସମ୍ବଲପୁର, ୧୨।୯ (ସମିସ)**

ବିଜୟା ଦଶମୀ ଅବସରରେ ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡ଼ିଆରେ ୧୦୦ ଫୁଟର ଡିଜିଟାଲ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହେବ। ଏହା ଏଥିପାଇଁ ଡିଜିଟାଲ, ରାବଣର ଗୋଟେ ଗୋଟେ ମୁଣ୍ଡ ନିହତ ହେବ। ଡିଜିଟାଲ ପ୍ରକ୍ରିୟାରେ ଏହି ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜକ ଶ୍ରୀ ରାମ ବିଜୟାଦଶମୀ ମହୋତ୍ସବ କମିଟି ପକ୍ଷରୁ ସଭାପତି ଗିରୀଶ ପଟେଲ ସୂଚନା ଦେଇଛନ୍ତି। ଏହା ସହ ୯ ଦିନ ଧରି ଭାରତର ଶେଷ୍ଠ ଲବକୁଶ କମିଟି ପକ୍ଷରୁ ରାମଲୀଳା ପ୍ରଦର୍ଶିତ କରାଯିବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି କହିଛନ୍ତି, ବିଜୟା ଦଶମୀ ସନ୍ଧ୍ୟା ୬ ଟା ବେଳେ ରାବଣ ଦହନ ହେବ। ପଶ୍ଚିମବଙ୍ଗ, ଯାଜପୁର, ରାୟପୁର ପ୍ରମୁଖ ସ୍ଥାନରୁ ବାଣ କାରିଗର ଆସି ଏହାକୁ ନିର୍ମାଣ କରିବେ। ଶ୍ରୀ ରାମ, ଲକ୍ଷ୍ମଣ ଓ ହନୁମାନ ସହ ବିରାଟ ଶୋଭାଯାତ୍ରାରେ ଆସି ପଡ଼ିଆରେ ପହଞ୍ଚିବେ। ଶୋଭାଯାତ୍ରାରେ ରାୟପୁରର ବଡ ଡିଜେ ସହ ପ୍ରାୟ ୨୦୦ ଜଣ ବାନରସେନା ସାମିଲ ହେବେ। ଆସନ୍ତା ୨୨ ତାରିଖରୁ ରାମଲୀଳା ଅନୁଷ୍ଠିତ ହେବ। ଏହା ସହ ସହରର ଆଳତୀ କରିବାର ସୁଯୋଗ ସହରର ପ୍ରତିଷ୍ଠିତ ଲୋକମାନଙ୍କୁ ଦିଆଯିବ। ପରେ ପିଏଚଡି ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ନଜରରେ ରଖି ରାବଣ ଦହନ କରାଯିବ। ଏଥର ସହରରେ ନୂଆଁ ଢଙ୍ଗରେ ରାବଣ ଦହନ ଦେଖିବେ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ଉପସଭାପତି ସୀମାଞ୍ଚଳ ଖଟେଇ, ସମିତିର ଉପଦେଷ୍ଟା ସତ୍ୟନାରାୟଣ ପଣ୍ଡା, ପଣ୍ଡିତ ଅମରନାଥ ମିଶ୍ର ଓ ବୁଲୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



**୯ ଦିନ ରାମଲୀଳା**

**ଶୋଭାଯାତ୍ରାରେ ୨୦୦ ବାନର ସେନା**

# ଜିଲ୍ଲାସ୍ତରୀୟ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ କର୍ମଶାଳା

**ବରଗଡ଼, ୧୨।୯ (ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ ଠାରେ ଜିଲ୍ଲା ସ୍ତରୀୟ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଓ ବିନୟ ପ୍ରକାଶ ସଏ ଯୋଗ ଦେଇଥିଲେ। ୨୦୨୪ ଡିସେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ପରଖ ସର୍ବେକ୍ଷଣରେ ତୃତୀୟ, ଷଷ୍ଠ ଓ ନବମ ଶ୍ରେଣୀର ଭାଷା, ଗଣିତ ଓ ବିଜ୍ଞାନ, ସାମାଜିକ ବିଜ୍ଞାନ ବିଷୟରେ ବରଗଡ଼ ଜିଲ୍ଲାର ଶିକ୍ଷଣ ଫଳାଫଳକୁ ବିଶ୍ଳେଷଣ କରି ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଜାତୀୟ ଉପଲବ୍ଧି ସର୍ବେକ୍ଷଣରେ ଛାତ୍ରଛାତ୍ରୀ କିଭଳି ଆହୁରି ଅଧିକ ଭଲ ପ୍ରଦର୍ଶନ କରିବେ ସେ ବିଷୟରେ ପ୍ରଶିକ୍ଷକ ବେଣୁଧର ବରିହା ଓ ସସ୍ମିତା ସାହୁ, ବରୁଣ କୁମ୍ଭକାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲା ସାଧନ କର୍ମୀ ଓ ସିଆରସିସି ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରିବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ପ୍ରତ୍ୟେକ ବ୍ଲକର ବିଇଓ ଓ ଏବିଇଓ ଓ ସମଗ୍ରଶିକ୍ଷାର ପେଡ଼ାଗୋଜୀ ସଂଯୋଜିକା ପୁଷ୍ପାଞ୍ଜଳି ଦାଶ ଯୋଗ ଦେଇଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ରଶ୍ମିତା ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଆବାସିକ ବିଦ୍ୟାଳୟ କଳା ବିଭାଗର ଆଲୋଚନାଚକ୍ର




**ବରଗଡ଼, ୧୨।୯ (ସମିସ):** ବିକାଶ ଆବାସିକ ବିଦ୍ୟାଳୟ ବରଗଡ଼ର କଳା ବିଭାଗ ପକ୍ଷରୁ ଶୁକ୍ରବାର 'ଭାରତୀୟ ଅର୍ଥନୀତିଅ୧୦୦:ଲକ୍ଷ୍ୟ ଓ ଦୃଷ୍ଟିକୋଣ ୨୦୪୭' ଶୀର୍ଷକ ଉପରେ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଅର୍ଥନୀତିର ଆସିଷ୍ଟାଣ୍ଟ ପ୍ରଫେସର ଡ.ସୁଜିତ ପଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସଭାରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଅଧ୍ୟାପକ ଏସ କାନ୍ତରାଓ, ସୁଜିତ ଦୋରା, ପବିତ୍ର ମୋହନ ସାହୁ, ରାଜେଶ ମେହେର, ଗୋଲାପ ସାହୁ, ଆଦିତ୍ୟ ମେହେର, ପ୍ରସନ୍‌ଜିତ୍ ଦତ୍ତ, ଅଧ୍ୟାପିକା ନିବେଦିତା ଭୋଇ ଏବଂ ସୋନାଲି ମେହେତା, ଓ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ବୃନ୍ଦ ଉପସ୍ଥିତ ଥିଲେ। ଆଲୋଚନା ଚକ୍ରକୁ ଆଦ୍ୟାଶା ସାହୁ, ନୈନା ସାହୁ ଏବଂ ଜିଜ୍ଞାସା ଜ୍ୟୋତିର୍ମୟୀ ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ଉଭୟ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଯଥା ସୁଶ୍ରୀ, ସମୀକ୍ଷା, ବୈଷ୍ଣବୀ, ଶୁଭଲକ୍ଷ୍ମୀ, ଅନନ୍ୟା, ଆନ୍ୟା, ସିମରନ, ଅନ୍ୱେଷା, ସ୍ନିଗ୍ଧା, ପ୍ରଜ୍ଞା, ଆକାଂକ୍ଷା, ରଶ୍ମି ଓ ପ୍ରୀୟାନ୍ସି ଆଲୋଚନା ଚକ୍ରର ବିଷୟ ବସ୍ତୁ ଉପରେ ନିଜର ବିସ୍ତୃତ ଧାରଣା ଉପସ୍ଥାପନା କରିଥିଲେ। ଶେଷରେ କଳା ବିଭାଗର ସଂଯୋଜକ ଅଧ୍ୟାପକ ରାଜେଶ ମେହେର ଧନ୍ୟବାଦ ଅର୍ପଣ କରି ସଭାକୁ ଶେଷ କରିଥିଲେ।

# ଦୁର୍ଗାପାଲି ରେଳ ଓଭରବ୍ରିଜ ନିର୍ମାଣର ତଦନ୍ତ ଦାବି

**ସମ୍ବଲପୁର, ୧୨।୯ (ସମିସ)**



ସମ୍ବଲପୁର ଦୁର୍ଗାପାଲିଠାରେ ଦୁର୍ଗାପାଲି-ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକ ରେଳ ଓଭରବ୍ରିଜ (ଆର୍‌ଓବି) ଗତ ମେ' ୨୫ରେ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନକୁ ୨୪ ଘଣ୍ଟା ନବିତୁଣୁ ଓଭରବ୍ରିଜ୍ ରାସ୍ତାକଡ଼ର ପିଚୁ ତଳକୁ ଦବି ଖାଲ ସୃଷ୍ଟି ହୋଇଥିଲା। ଏହାପରେ ଗତ ସାଢ଼େ ୩ ମାସ ମଧ୍ୟରେ ବାରମ୍ବାର ଫାଟ ସୃଷ୍ଟି ହେବାସହ ଏହାର ମରାମତି ଚାଲିଛି। ଆଇନଜୀବୀ ପ୍ରଶାନ୍ତ ପାଢ଼ୀ ଏହି ରେଳ ଓଭରବ୍ରିଜ୍‌ର ତଦନ୍ତ ଦାବି କରିଛନ୍ତି। ଦାବିପତ୍ର ଅନୁଯାୟୀ, ନିକଟ ଅତୀତରେ ଉଦ୍‌ଘାଟିତ ହୋଇଥିବା ଦୁର୍ଗାପାଲି ରେଳ ଓଭରବ୍ରିଜ୍ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ରହିଛି। ଏହି ଓଭରବ୍ରିଜକୁ ରେଳବିଭାଗ ଓ ରାଜ୍ୟ ପୂର୍ତ୍ତ ବିଭାଗ ମିଳିତ ଭାବେ ନିର୍ମାଣ କରିଥିଲେ। ବହୁବର୍ଷ ଧରି ନିର୍ମାଣ ଚାଲିବାପରେ ଏହାକୁ ଜନସାଧାରଣଙ୍କ ନିମନ୍ତେ ଖୋଲା ଯାଇଥିବାବେଳେ ଯେଉଁଭଳି ଭାବେ ସାମାନ୍ୟ ବର୍ଷାରେ ଖାଲଖମା ହେଉଛି, ଏହା ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଓଭରବ୍ରିଜ୍‌ର ମୌଳିକ ଡିଜାଇନ ଏବଂ ନିର୍ମାଣ ତ୍ରୁଟିପୂର୍ଣ୍ଣ ହୋଇଥିବା ଅନୁମାନ କରାଯାଉଛି ବୋଲି ଆଇନଜୀବୀ ଶ୍ରୀ ପାଢ଼ୀ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ସଣମାଧ୍ୟମରେ ଏହି ଓଭରବ୍ରିଜ ବିଷୟରେ ବାରମ୍ବାର ପ୍ରକାଶ ଓ ପ୍ରସାରଣ ହେଲେ ସୁଦ୍ଧା ସମ୍ପୃକ୍ତ ଅଧିକାରୀ କିମ୍ବା ଠିକାଦାର ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଭଳି ଏକ ବଡ଼ ପ୍ରକଳ୍ପ ସକାଶେ କାହାରି ଦାୟିତ୍ୱବୋଧ ନରହିବା ଏକ ବିଡ଼ମ୍ବନା ବୋଲି ସେ କହିଛନ୍ତି। ଏଣୁ ଆଇନଜୀବୀ ପ୍ରଶାନ୍ତ ପାଢ଼ୀ ଏହି ଓଭରବ୍ରିଜ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା, ଡିଜାଇନ ଏବଂ ନିର୍ମାଣର ମାନକୁ ନେଇ ଏକ ସବିଶେଷ ଓ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ସହିତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ଭିଜିଲାନ୍ସ ନିର୍ଦ୍ଦେଶକ, ଏନ୍‌ଫୋର୍ସମେଣ୍ଟ ଡିରେକ୍ଟୋରେଟ୍ (ଇଡି) ନିର୍ଦ୍ଦେଶକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର, ସମ୍ବଲପୁର ଜିଲ୍ଲାପାଳ, ପୂର୍ବତଟ ରେଳବାଇର ଜେନେରାଲ ମ୍ୟାନେଜର, ସମ୍ବଲପୁର ରେଳମଣ୍ଡଳର ରେଳପ୍ରବନ୍ଧକ ତଥା ପୂର୍ତ୍ତବିଭାଗର ସଚିବଙ୍କୁ ପଠାଇଛନ୍ତି।

# ଜାହ୍ନବୀ ପୁରୋହିତଙ୍କ ପରଲୋକ

**ଗାଇସିଲେଟ, ୧୨।୯ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ନିବାସୀ ଅବସରପ୍ରାପ୍ତ ଫାର୍ମାସିଷ୍ଟ ସନ୍ତୋଷ ପୁରୋହିତଙ୍କ ସହଧର୍ମିଣୀ ଜାହ୍ନବୀ ପୁରୋହିତ (୭୫)ଙ୍କ ଗାଇସିଲେଟ ସ୍ଥିତ



ବାସଭବନରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ସଞ୍ଜୀବ, ସୁନୀଲ ଓ ସୁଜିତ ବୋହୁ ନଳିନୀ, ମୁନି ଓ ଲଳିତା, ଝିଅ ନିବେଦିତା ଓ ନିହାରିକା, ଜ୍ୱାଇଁ ଶୁଭ୍ରାଂଶୁ ଓ ଉମାକାନ୍ତ, ନାତି, ନାତୁଣୀ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ବିୟୋଗ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଆଜି ସକାଳେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ସଞ୍ଜୀବ ପୁରୋହିତ ମୁଖାଗ୍ନି ଦେଇଥିଲେ।

# ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୧୨।୯ (ସମିସ) :** ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟର ୩୨ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ଯୁକ୍ତ-୨ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ




ଓଡ଼ିଆ ବିଭାଗୀୟ ମୁଖ୍ୟ ଡ.ଶ୍ୟାମ ଭୋଇ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା ପରିଷଦ ସଭାପତି ଦିଲୀପ ମହାପାତ୍ର ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ସଂସ୍କାର ନରହିଲେ ସବୁ ପାଠପଢ଼ା ବ୍ୟର୍ଥ ହୁଏ ତେଣୁ ପାଠପଢ଼ା ସହ ଶିକ୍ଷାର୍ଥୀମାନେ ନିଜକୁ ସଂସ୍କାରଶୀଳ କରିବାକୁ ଚେଷ୍ଟିତ ହେବା ଉଚିତ। ସମ୍ମାନିତ ଅତିଥି ଭାବେ ଯୁକ୍ତ -୩ର ପୂର୍ବତନ ପରିଚାଳନା ପରିଷଦ ସଭାପତି ଲଳିତ ମୋହନ ଶତପଥୀ, ପୂର୍ବତନ ଉପସଭାପତି ପରମାନନ୍ଦ ସିଟ, ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ହରିବୋଲ ସେଠ, ତ୍ରିବିକ୍ରମ ମିର୍ଦ୍ଧା, ଗୋପରଞ୍ଜନ ବେହେରା ଓ ନରେଶ ଚନ୍ଦ୍ର ସେଠ ଯୋଗ ଦେଇଥିଲେ। ଅଧ୍ୟାପକ ଡଃ ସିଦ୍ଧାର୍ଥ ପଣ୍ଡା ଓ ସଂସାର ପ୍ରଧାନ ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପିକା ତନ୍ମୟା ବେହେରା ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ। ଅଧ୍ୟାପକ ପଣ୍ଡିତ ବ୍ୟାସଦେବ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ଏବଂ ଅଧ୍ୟାପିକା ମିନତି ଦାଶ, ସ୍ମାରକୀ ମାହାରଙ୍କ ପରିଚାଳନାରେ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଗତ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଯୁକ୍ତ-୨ କଳାର ହେଲିନା କୁଅଁର, ଲିପ୍‌ସା ସାହୁ, ଜ୍ୟୋତିମଞ୍ଜରୀ ଡିଲା; ଯୁକ୍ତ-୨ ବିଜ୍ଞାନର ନିୟତି ନେଗୀ, ଆଭାଷ ପଶାୟତ, ପ୍ରୀତମ ପ୍ରଧାନ ଏବଂ ଯୁକ୍ତ -୩ ର ରେବତୀ ପଣ୍ଡା, ପ୍ରାଚୀସ୍ମିତା ପୁରୋହିତ ଓ ବିଶ୍ୱନାଥ ପୋଢ଼ଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ୨୦୨୪-୨୫ ଶିକ୍ଷାବର୍ଷର ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡକ୍ରସର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ଯୁକ୍ତ-୨ର ଶିବାସ ନାଗ ଓ ଦିବାକର ସାହୁ, ଯୁକ୍ତ -୩ର ଇନ୍ଦ୍ରାଣୀ ଭୁଏ ଓ ଭରତ ଡିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ -୩ ଅଧ୍ୟକ୍ଷ ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୁଦୀପ୍ତା ଦାଶଙ୍କ ସଂଯୋଜନାରେ ଅଦିତି ପୁରୋହିତ, ହିମାଦ୍ରି ସେଠ, ନାତିନା ସ୍ରିଷ୍ଟି ହେମରମ, କିରନ ବେହେରା, ବନ୍ଦିତା ସିଂ ପ୍ରମୁଖ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବାବେଳେ ମୌସୁମୀ ଷଡ଼ଙ୍ଗୀଙ୍କ ସଂଯୋଜନାରେ ସଞ୍ଜୀବନୀ ପ୍ରଧାନ, ଭାବନା ସାହୁ, ଶ୍ୟାମା ବେହେରା, ସେଲିନା ମହାପାତ୍ର, ଅଙ୍କିତା ସାହୁ ଓ ଅଲିଭା ଭୋଇ ସମାପନୀ ସଙ୍ଗୀତ ପରିବେଷଣ କରିଥିଲେ। ସଂଗ୍ରାମ କେଶରୀ ମିଶ୍ର, ଲମ୍ବୋଦର ପାଢ଼ୀ, ରବିଶଙ୍କର ହୋତା, ନିର୍ମଳ ତ୍ରିପାଠୀ, ଦିଲୀପ କୁମାର ଗୁରୁ, ଦିପ୍ତୀରେଖା ପଣ୍ଡା, ସ୍ୱାତି ପତି, ଆନନ୍ଦିନୀ ପଣ୍ଡା, ସୁଶ୍ରୀତ ଷଡ଼ଙ୍ଗୀ, ଚୈତନ୍ୟ ସେନାପତି, କୁଶ ଲୁହୁରା ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ହିନ୍ଦୀ ଦିବସ

**ଭଟଲି, ୧୨।୯ (ସମିସ):** ଭଟଲି ବ୍ଲକ ହିନ୍ଦୀ ଶିକ୍ଷକ ସଂଘ ତରଫରୁ ସ୍ଥାନୀୟ ଭଟଲି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତା ଓ ହିନ୍ଦୀ ଶିକ୍ଷକ ଲଳିତ ବିଶ୍ୱାଲଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ ହିନ୍ଦୀ ଶିକ୍ଷକ ଭଗବାନ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କବି, ସୁବକ୍ତା ସଦାଶିବ କର ଯୋଗ ଦେଇ ହିନ୍ଦୀ ପଖୱାଡା ପାଳନର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରବଣ ସାହୁ ହିନ୍ଦୀ ପୃଥିବୀର ଲୋକପ୍ରିୟ ଭାଷା ବୋଲି ମତବ୍ୟକ୍ତ କରିଥିଲେ। ତେଜରୁ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତୀହାରୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ଶେଷରେ ଶିକ୍ଷକ ନୋଦିତ ସାହୁ ଧନ୍ୟବଦ ଅର୍ପଣ କରିଥିଲେ।

# ଝିଲିମିଣ୍ଡାରେ ମାତୃ ସମ୍ମିଳନୀ

**ବରଗଡ଼, ୧୨।୯ (ସମିସ):** ବରଗଡ଼ ଜିଲ୍ଲା ଅତାବିରା ଥାନା ଅଧୀନ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏ ଅବସରରେ ଭଗବତୀ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମକୁନ୍ଦ ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣପ୍ରଦାନ କରିଥିଲେ। ଶିଶୁବାଟିକା ପ୍ରମୁଖ କୁନ୍ତୀ ପ୍ରଧାନ ମାତୃ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ମଞ୍ଜରୀ କର୍ଣ୍ଣ ପରିଚାଳନା କରିଥିଲେ। ଶିଶୁ ଭଉଣୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷିତ ହୋଇଥିଲା। ଶେଷରେ ବାସନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ସାହାଯ୍ୟ ଓ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ାରେ ଚମକିଲେ ବୈତାଳି କ୍ଲଷ୍ଟରର ଛାତ୍ରଛାତ୍ରୀ

**ଝାରବନ୍ଧ, ୧୨।୯ (ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ ପୁଣିଥରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ବୈତାଳି କ୍ଲଷ୍ଟରର ଛାତ୍ରଛାତ୍ରୀ। ବିଗତ ଦୁଇ ତିନି ବର୍ଷ ମାନଙ୍କରେ ଯେଉଁଭଳି ଭାବେ ବୈତାଳି କ୍ଲଷ୍ଟରରେ ସିଆରସିସି ଦିବସ ସାହୁଙ୍କ ନେତୃତ୍ୱରେ କ୍ରୀଡା ଏବଂ କ୍ରୀଡାବିତଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ



ଦିଆଯାଇ ଆସୁଛି ତାହାର ପ୍ରତିଫଳନ ବ୍ଲକରୁ ଆରମ୍ଭ କରି ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ଦେଖିବାକୁ ମିଳୁଛି। ଗୌଡମାଲ ଅଞ୍ଚଳ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଝାରବନ୍ଧ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳିକା ବିଭାଗ ଯୋଗାସନ ପ୍ରତିଯୋଗିତାରେ ପୁଟୁକିଡୁଙ୍ଗୁରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସ୍ନେହା ନାଏକ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା କ୍ଲଷ୍ଟରର ଗୌରବ ବୃଦ୍ଧି କରିଛନ୍ତି। ସେହିଭଳି ୧୪ ବର୍ଷରୁ କମ ବାଳିକା ବିଭାଗ ଖୋ ଖୋ ପ୍ରତିଯୋଗିତାରେ ଡୁଙ୍ଗୁରିଚଢ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ଜୟସ୍ମିତା ଅମରି ଏବଂ ଆଦ୍ୟାଶା ହାତୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ସେହିପରି ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ସ୍ନେହା ଭୁଏ ଏବଂ ଅଞ୍ଜନା ଭୋଇ ଜିଲ୍ଲା ସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁରୂପ ଭାବେ ୧୪ ବର୍ଷରୁ କମ ବାଳକ ବିଭାଗ ଖୋ ଖୋ ପ୍ରତିଯୋଗିତାରେ ଡୁଙ୍ଗୁରିଚଢ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଜୁ ଅମରି ଏବଂ ମନୋଜ ପଟେଲ ଏବଂ ସନଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଟେକରାଜ ବାଗ ମଧ୍ୟ ଜିଲ୍ଲା ସ୍ତର ପାଇଁ ଚୟନ ହୋଇ ଉଭୟ ବିଦ୍ୟାଳୟ ଏବଂ କ୍ଲଷ୍ଟର ପାଇଁ ଗୌରବ ଆଣିଛନ୍ତି। ଏହା ପରେ ୧୭ ବର୍ଷରୁ କମ ବାଳିକା ବିଭାଗରେ ବୈତାଳି କ୍ଲଷ୍ଟର ଅଧୀନ ଅମଠି ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ରୀ ଜିଲ୍ଲା ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଚୟନ ହୋଇଛନ୍ତି। ଏଥି ମଧ୍ୟରୁ ଦୁଇଜଣ ଛାତ୍ରୀ ମାନିନୀ ପଟେଲ ଏବଂ ପୁନମ ନାଏକ ୧୭ ବର୍ଷରୁ କମ ବାଳିକା ବିଭାଗରେ ଖୋଖୋ ପ୍ରତିଯୋଗିତାରେ ଚୟନ ହୋଇଥିବା ବେଳେ ଗୁଞ୍ଜନ ପଟେଲ ୧୭ ବର୍ଷରୁ କମ ବାଳିକା ବିଭାଗର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ଜିଲ୍ଲା ସ୍ତରରେ ଖେଳିବା ପାଇଁ ଚୟନ ହୋଇଛନ୍ତି। ଏହା ବ୍ୟତୀତ ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ପୀୟୂଷ ଦୂତକଅଁରିଆ ଏବଂ ଡୁଙ୍ଗୁରିଚଢ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ମନୋଜ ପଟେଲ ୧୭ ବର୍ଷରୁ କମ ହକି ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି ଏବଂ ଡୁଙ୍ଗୁରିଚଢ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରରାଜ କେଉଁଟ ୧୪ ବର୍ଷରୁ କମ ବାଳକ ବିଭାଗ ଚେସ ପ୍ରତିଯୋଗିତାରେ ବ୍ଲକର ଚାମ୍ପିଅନ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପଛରେ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ସନାତନ ବରିହା, ରାଜେଶ୍ ପ୍ରଧାନ, ସୋନୁ ରୋହିଦାସ, ସବିତ ମହାଲିଙ୍ଗ, ଅମିତା ନାୟକ ତଥା ଯୋଗୀନ୍ଦ୍ର ପ୍ରଧାନଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି ସିଆରସିସି ଶ୍ରୀ ସାହୁ କହିଛନ୍ତି

# ଶ୍ରୀମଦ ଭାଗବତ ଗୀତା ଆବୃତ୍ତି ପ୍ରତିଯୋଗିତା

**ସମ୍ବଲପୁର, ୧୨।୯ (ସମିସ) :** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଯୁଯୋମୁରା ବ୍ଲକର ସମସ୍ତ ହାଇସ୍କୁଲ ପିଲାଙ୍କୁ ନେଇ ଏକ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଫୁଲଝରଣ ଶ୍ରୀ ଅରବିନ୍ଦ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଲାଇବ୍ରେରୀର ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ମୁଖ୍ୟ କୁଳଧର ପ୍ରଧାନ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଆୟୋଜିତ ସଭାରେ ପବ୍ଲିକ ଲାଇବ୍ରେରୀର କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର ପଣ୍ଡା ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ନିୟମାବଳୀ ଉପରେ ସୂଚନା ଦେବାସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ସେବକ ତ୍ରିପାଠୀ, ଇଂ. ବିଭୂତି ନାରାୟଣ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଯୁଯୋମୁରା ବ୍ଲକର ୧୮ଟି ହାଇସ୍କୁଲ ଓ ୨ଟି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ମୋଟ ୪୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଯୁଯୋମୁରା ସରକାରୀ ହାଇସ୍କୁଲର କୁମୋଦିନୀ ବିଶ୍ୱାଳ, ଟାମ୍ପରଗଡ଼ ପଞ୍ଚାୟତ ହାଇସ୍କୁଲର ଇପ୍ସିତା କୁମ୍ଭାର ଓ କବରାପାଲି ଭିଏସଏସ ହାଇସ୍କୁଲର ସୌମ୍ୟା ସୋହାନୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରଛନ୍ତି। ବିଚାରକ ଭାବେ ଚିନ୍ତାମଣି ଭୋଇ, ଦୁର୍ଗା ଶଙ୍କର ପାଣିଗ୍ରାହୀ ଓ ରାମକୃଷ୍ଣ ଦୋରା ପ୍ରମୁଖ ମୂଲ୍ୟାୟନ କରିଥିଲେ। ସମସ୍ତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଲାଇବ୍ରେରୀ ତରଫରୁ ସୁଶାନ୍ତ ଗୁରୁ, ଶ୍ରୀବତ୍ସ ପଣ୍ଡା, ରାହାସ ବିହାରୀ ପଣ୍ଡା, ଅଭେଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କବରାପାଲି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମୁନା ଆବୃତ୍ତି କରିଥିଲେ। ସଂସ୍କୃତ ସାହିତ୍ୟ ବିଦୁଷୀ ଡଃ ସରିତା ମାଝୀଙ୍କ ସ୍ମରଣରେ ଏହି ପ୍ରତିଯୋଗିତା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇ ପିଲାଙ୍କୁ ପୁରସ୍କାର ପ୍ରଦାନସହ ସଂସ୍କୃତ ଭାଷାର ପ୍ରସାର ପାଇଁ ଉଦ୍ୟମ ହେଉଥିବା ଉଦ୍ୟୋକ୍ତା ବିଭୂତି ନାରାୟଣ ମାଝୀ ସୂଚନା ଦେଇଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟ୍‌ଘାଟ୍





**ଗାଇସିଲେଟ, ୧୨।୯ (ସମିସ)**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ ଅଧୀନ କେନ୍ଦୁମାଲ ଗାଁରେ ଗାଁର ମନରେଗା ଯୋଜନାରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମନରେଗା କୋର୍ଡିନେଟର ମୁରଲି ଦେଓ ପିଲ୍ଲି, ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀଷ୍ମଦେବ ମାଝୀ, କଟାବାହାଲ ସରପଞ୍ଚ ଅର୍ପିତା ପଣ୍ଡା, ଗାଇସିଲେଟ ସରପଞ୍ଚ ଶରତ ଚନ୍ଦ୍ର କାଲୋ, ଆସିଷ୍ଟାଣ୍ଟ କମ୍ପ୍ୟୁଟର ପ୍ରୋଗ୍ରାମର ରାକେଶ ବାଗ, ସହକାରୀ ଯନ୍ତ୍ରୀ ପ୍ରଭାତ ତ୍ରିପାଠୀ, ବିପିସି ଆରଏଚ ଅଭୟ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଅନୁଜ ଚନ୍ଦନ, ବିକାଶ ଅଡ଼ା, ଏପିଓ କେତନ ପଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକେଶ୍ୱର ବେହେରା, ଗ୍ରାମ ରୋଜଗାର ସେବକ ରୀନା ପାଣ୍ଡେ, ନାଏବ ସରପଞ୍ଚ ଉପେନ୍ଦ୍ର ବିଭାର, ଗୌନ୍ତିଆ ଦୁର୍ଯ୍ୟୋଧନ ସାହୁ, ସମାଜସେବୀ ସୁଶାନ୍ତ ପଣ୍ଡା, ଗ୍ରାମ ସାଥି ସରୋଜ ମିଶ୍ର, ଦେବରାଜ ପ୍ରଧାନ, ହେମସାଗର ବଢ଼େଇ, ସାବିତ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କମିଟି ତରଫରୁ ସମସ୍ତଙ୍କୁ ଫୁଲ, ଚନ୍ଦନ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ବ୍ଲକର ଏକ ଛୋଟିଆ ଗାଁରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଭବ୍ୟ କାର୍ଯ୍ୟକ୍ରମକୁ ଦେଖି ଅତିଥି ମାନେ ଖୁବ୍ ପ୍ରଶଂସା କରିଥିଲେ। ସରପଞ୍ଚ ଅର୍ପିତା ପଣ୍ଡା ଗାଁରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଅତିଥି ମାନଙ୍କୁ ଅବଗତ କରିବା ସହ ମନରେଗା ଯୋଜନାରେ ଶ୍ରମିକ ମାନଙ୍କୁ ୩୦୦ ଦିନ କାମ ଯୋଗାଇବା ଏବଂ ଗାଇ, ଛେଳି ପାଳନ କରୁଥିବା ଲୋକଙ୍କୁ ତୁରନ୍ତ ଗାଇ ଗୁହାଳ, ଛେଳି ଗୁହାଳ ଯୋଗାଇଦେବା ପାଇଁ ଜିଲ୍ଲା ମନରେଗା କୋର୍ଡିନେଟରଙ୍କୁ ଅନୁରୋଧ କରିଥିଲେ। ଖୁବ୍‌ଶୀଘ୍ର ଏସବୁ ସମସ୍ୟାର ସମାଧାନ କରିବା ପାଇଁ ମୁରଲି ଦେଓ ପ୍ରତିଶ୍ରୁତି ଦେଇଥିଲେ। ଉପସ୍ଥିତ ବ୍ଲକ ଅଧ୍ୟକ୍ଷ ସାହୁ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଝୀ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏହି ଅବସରରେ କୁଲିଆରୀ ଗାଇ ଗୋଠ ଠାରେ ବୃକ୍ଷରୋପଣ ହୋଇଥିଲା। ସଭା କାର୍ଯ୍ୟକ୍ରମକୁ ସମାରୁ ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


**ଦହିତା:** ପଦ୍ମପୁର ଉପଖଣ୍ଡ ଦହିତା ଜୋନସ୍ତରୀୟ ଯାଦବ ସମାଜର ନୂଆଁଖାଇ ଭେଟଘାଟ ଜମରତଲା ପଞ୍ଚାୟତର ବେହେରାଟାଲ ଗାଁରେ ଅନୁଷ୍ଠିତ ହୋଇଛି। ଜୋନ ସଭାପତି ମୋତିଲାଲ ପୋଢ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମାଜର ସଦସ୍ୟ ତୁଲାରାମ ପାଣ୍ଡେ, ସମ୍ପାଦକ ମକରଧ୍ୱଜ ବଗାର, ଧନମାଳୀ ହାତୀ, ସହସମ୍ପାଦକ ଅମୃତଲାଲ ମହାକୁର, ରାମଚନ୍ଦ୍ର ନାଗ, ଚନ୍ଦ୍ର ନିଆଳ, ଜୟନ୍ତ ମାଝୀ, ଶ୍ୟାମ ଭୋଇ, ମିତ୍ରଭାନୁ ବଗର୍ତି, ପଶ୍ଚିମ ଜୁଏଡ, ସାମନ୍ତ ବିଶି, ବିନୋଦ ସାହୁ, ତ୍ରିଲୋଚନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ଠାରେ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକର ଆଦିବାସୀ ମହିଳା ଓ ପୁରୁଷ ମାନଙ୍କୁ ନେଇ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ବରଗଡ଼ ଜିଲ୍ଲା ସଭାପତି ଗୋବିନ୍ଦ ବରିହାଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାଇସିଲେଟ ବ୍ଲକର ବ୍ଲକ ସଭାପତି ଶଶୀଭୂଷଣ ବରିହା, ବ୍ଲକ ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ ଏବଂ ସମସ୍ତ ବ୍ଲକର ସଭାପତି ଓ ସମ୍ପାଦକ, ସଭାନେତ୍ରୀ ଓ ସମ୍ପାଦିକା ମାନେ ମଞ୍ଚାସୀନ ଥିଲେ। ସଭା ପରିଚାଳନା କରିଥିଲେ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ। ଶେଷରେ ସଞ୍ଜୟ ଜରଜରିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭଟଲି ପଞ୍ଚାୟତ ସମିତିରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି

**ଭଟଲି, ୧୨।୯ (ସମିସ):** ଭଟଲି ପଞ୍ଚାୟତ ସମିତି ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ସ୍ୱାଗତ ଭାଷଣ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ, ଜିଲ୍ଲା ସାମାଜିକ ସମୀକ୍ଷକ ଆନନ୍ଦ ପଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋସ୍ନାରାଣୀ ଗଡ଼ତିଆ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଜିତ୍ ହାଁସଦା ଯୋଗ ଦେଇଥିଲେ। ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁ ସାମାଜିକ ସମୀକ୍ଷା ପ୍ରକ୍ରିୟା ସହିତ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅକ୍ଟୋବର ୨୦୨୪ରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ପଞ୍ଚାୟତ ସମିତି, ଗାଁ ପଞ୍ଚାୟତ, ବନବିଭାଗ, ଉଦ୍ୟାନବିଭାଗ, ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିଭାଗ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରକଳ୍ପର ନଥିପତ୍ର ତଥା କ୍ଷେତ୍ର ପରିଦର୍ଶନ ଯାଞ୍ଚ ସମୟରେ ବାହାରିଥିବା ୧୦୮ ଗୋଟି ଅଭିଯୋଗ ଓ ସମସ୍ୟାର ସମାଧାନ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅପ୍ରେଲ ୨୦୨୪ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ପଞ୍ଚାୟତର ନଥିପତ୍ର ଯାଞ୍ଚ ତଥା ଗୃହ ପରିଦର୍ଶନ ସମୟରେ ବାହାରିଥିବା ୮୬ ଗୋଟି ସମସ୍ୟା ଉପସ୍ଥାପନ କରାଯାଇଥିଲା। ଗତ ସାମାଜିକ ଜନ ଶୁଣାଣିରେ ବାହାରିଥିବା ସମସ୍ୟାର ସମାଧାନ ରିପୋର୍ଟ ଆଜି ପର୍ଯ୍ୟନ୍ତ ଦେଇ ନଥିବାରୁ ଶୀଘ୍ର ଦେବାକୁ ଗୋଷ୍ଠୀ ସାମାଜିକ ସମୀକ୍ଷକ ଶ୍ରୀ ପ୍ରଧାନ କହିଥିଲେ। ଏହି ଅବସରରେ ମନରେଗା ଯୋଜନାରେ ୧୦୦ ଦିନ କାମ ସମ୍ପୂର୍ଣ୍ଣ କରିଥିବାରୁ ଅଣ କୁଶଳୀ ଶ୍ରମିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। 'ମାଁ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ପାଳନ ଅବସରରେ ଅତିଥି ମାନଙ୍କୁ ଚାରା ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଟଲି ବ୍ଲକର ଯୋଗାଣ ନିରୀକ୍ଷକ ଶାନ୍ତାକାର ପଧାନ, ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ, ଗ୍ରାମ୍ୟ ରୋଜଗାର ସେବକ, ଯୋଗାଣ ସହାୟକ, ଗ୍ରାମ୍ୟ ସମ୍ବଳ କର୍ମୀ, କନିଷ୍ଠ ଯନ୍ତ୍ରୀ, ବନପାଳ, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ଏବଂ ମୃତ୍ତିକା ସଂରକ୍ଷଣ ତଥା ଜଳଛାୟା ବିଭାଗର କର୍ମଚାରୀ ମାନେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋସ୍ନାରାଣୀ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ କମ୍ପ୍ୟୁଟର କାର୍ଯ୍ୟକ୍ରମ ମୁଖ୍ୟ ଗିରିଧାରୀ ଭୋଇ, ଏସିପି ପ୍ରଭାତ ପଣ୍ଡା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ସରୋଜ ପାତ୍ର ଏବଂ ଅଂଶୁ ସାହୁ ସହଯୋଗ କରିଥିଲେ।

# ସମ୍ପାଦକୀୟ



ମନ୍ଦବୁଦ୍ଧିରୁ ହିଁ ସନ୍ଦେହ ଜନ୍ମ ନିଏ।
-ୱିଲିୟମ ସେକ୍ସପିୟର

ସକାଳ
THE SAKALA

## ଟ୍ରମ୍ପଙ୍କ ଅସ୍ଥିର ମନ ଓ ମତ

ଆମେରିକାର ଅତିରିକ୍ତ ଶୁଳ୍କକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ତିକ୍ତତାରୁ କୂଟନୈତିକ ସ୍ତରରେ ଭାରତ ସହ ସଂପର୍କ କେବଳ କ୍ଷୁଣ୍ଣ ହୋଇନି, ଅଚଳାବସ୍ଥା ପରିଲକ୍ଷିତ ହୋଇଛି। ଏପରିକି ବାଣିଜ୍ୟ ଚୁକ୍ତିକୁ ନେଇ ଦ୍ୱିପାକ୍ଷିକ ଆଲୋଚନାକୁ ସ୍ଥଗିତ ରଖାଯାଇଛି। ଏହାକୁ କେନ୍ଦ୍ରକରି ଭାରତ ପାଇଁ ସୃଷ୍ଟି ହୋଇଥିବା ବିକଳ୍ପ ପନ୍ଥାର ବାଧ୍ୟବାଧକତା ଯେ ଆମେରିକା ସ୍ୱାର୍ଥର ପରିପନ୍ଥୀ ହେବ ତାହା ତ ଜଣାଶୁଣା କଥା। ତେଣୁ ସ୍ଥିତି ସୁଧାରିବା ସକାଶେ ଘଡ଼ିଘଡ଼ିକେ ମତ ପରିବର୍ତ୍ତନ କରିବାରେ ମାହିର ଟ୍ରମ୍ପ ଉଦ୍ୟମ ଆରମ୍ଭ କରିଛନ୍ତି। ମୋଦୀଙ୍କୁ ନିକଟତମ ବନ୍ଧୁ ରୂପେ ଗତ ସପ୍ତାହକ ମଧ୍ୟରେ ଦୁଇ ଦୁଇ ଥର ସୂଚନା ଦେବା ସହ ଦ୍ୱିପାକ୍ଷକ କଥାବାର୍ତ୍ତା ପାଇଁ ପଥ ପରିଷ୍କାର କରିଛନ୍ତି। ବାଣିଜ୍ୟ କଥାବାର୍ତ୍ତାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହେବା ସହ ଦୁଇଦେଶ ପରସ୍ପରର ନିକଟବର୍ତ୍ତୀ ହେବାର ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଅପରପକ୍ଷରେ ଭାରତ ସହିତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ନ କରିବା ପାଇଁ ୟୁରୋପୀୟ ରାଷ୍ଟ୍ର ସଂଘ ଉପରେ ପରୋକ୍ଷ ଚାପ ସୃଷ୍ଟି କରିଛନ୍ତି।

ୟୁରୋପୀୟ ରାଷ୍ଟ୍ରସଂଘ ସହ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ସଂଘ ଉପରେ ଟ୍ରମ୍ପଙ୍କ ନାକାରାତ୍ମକ ଚାପ ଏକ ବିଷମ ପରିଣତି ସୃଷ୍ଟି କରିଛି। ୟୁରୋପୀୟ ରାଷ୍ଟ୍ରସଂଘର ବାଣିଜ୍ୟ ଆୟୁକ୍ତ ମାରୋସ୍ ସେଫକୋଭିକ୍‌ଙ୍କ ଭାରତ ଗସ୍ତର ସକାରାତ୍ମକ ଦିଗ ସଂପର୍କରେ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଯେଉଁ ସୂଚନା ଦେଇଛନ୍ତି ସେଥିରେ ବିଭ୍ରାଟ ଘଟାଇବା ପାଇଁ ଟ୍ରମ୍ପଙ୍କ ଶେଷ ମୂହୂର୍ତ୍ତରେ ଉଦ୍ୟମ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ହେଲେ ଭାରତ ଓ ଚୀନ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବା ଉଚିତ। ୟୁରୋପୀୟ ରଷ୍ଟ୍ରସଂଘକୁ ସେ ଏପ୍ରକାର ପରାମର୍ଶ ଦେଇ ଭାରତ ସହ ହେବାକୁ ଥିବା ଚୁକ୍ତିନାମାରେ ପାଣି ଢାଳି ହେଇଛନ୍ତି କହିଲେ ଭୁଲ ହେବ ନାହିଁ। ଆଗପଛ ଏହି ଦୁଇଟି ଘଟଣାକ୍ରମର ଅସଲ ଭିତିରି ଉଦ୍ଦେଶ୍ୟ କ'ଣ ହଠାତ୍ ଆକଳନ କରିବା କଷ୍ଟକର।

ଟ୍ରୁଥ ସାମାଜିକ ଗଣମାଧ୍ୟମର ପୋଷ୍ଟରେ ଟ୍ରମ୍ପ ଅବଗତ କରାଇଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟ ସୃଷ୍ଟି ହୋଇଥିବା ବାଣିଜ୍ୟ ପ୍ରତିବନ୍ଧକ ଆଲୋଚନା ମାଧ୍ୟମରେ ଦୂର ହେବ। ମୋଦି ତାଙ୍କର ଉତ୍ତମ ବନ୍ଧୁ। ଖୁବ୍‌ଶୀଘ୍ର ଦୁଇ ମହାନ ରାଷ୍ଟ୍ରମଧ୍ୟରେ ସଫଳ ବୁଝାମଣା ହେବା ନେଇ ସେ ଆଶାବାଦୀ। ମୋଦୀ ମଧ୍ୟ କହିଛନ୍ତି ଦୁଇଦେଶ ପରସ୍ପରର ଉତ୍ତମ ବନ୍ଧୁ ଓ ସ୍ୱାଭାବିକ ସହଯୋଗୀ। ଦ୍ୱିପାକ୍ଷିକ ଆଲୋଚନାର ସଫଳତା ପାରସ୍ପରିକ ସହଭାଗିତାକୁ ସୁଦୃଢ଼ କରିବାର ସହାୟକ ହେବ। ଏହାବ୍ୟତୀତ ଦୁଇନେତାଙ୍କ ମଧ୍ୟରେ ଖୁବ୍‌ଶୀଘ୍ର ପ୍ରତ୍ୟକ୍ଷ କଥାବାର୍ତ୍ତାର ସୂଚନା ମିଳିଛି। କିନ୍ତୁ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଟ୍ରମ୍ପଙ୍କ କଥାରେ ଭାରତ ଭାସିଯିବା ଉଚିତ୍ ନୁହେଁ। କୂଟନୈତିକ ସ୍ତରରେ ଘନ ଘନ ମତପରିବର୍ତ୍ତନ କରୁଥିବା ନେତୃତ୍ୱ ଯେ ଅସ୍ଥିର ଓ ବିଚଳିତ ଏକଥା ଯେ କେହି ସ୍ୱୀକାର କରିବ। ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ଆମେରିକାର ପ୍ରାଧାନ୍ୟ, ପତିଆରା ଓ ଟ୍ରମ୍ପଙ୍କ ନେତୃତ୍ୱ ବାଜିରେ ଲାଗିଥିବା ଭଳି ମନେ ହୁଏ। ତେଣୁ ତାଙ୍କ କଥାବାର୍ତ୍ତାରୁ ସ୍ପଷ୍ଟ ଯେ ସେ ବିଚଳିତ ଓ ବିବ୍ରତ।

## ହିଂସାର ୮୭୨ ଦିନ ପରେ

ମଣିପୁରରେ ହିଂସା କ୍ରମେ ପ୍ରଶମିତ ହେଉଥିଲେ ହେଁ ପରସ୍ପର ବିରୋଧୀ ଦୁଇଗୋଷ୍ଠୀ ମଧ୍ୟରେ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ହୋଇପାରିନାହିଁ। ରାଜ୍ୟରେ ବୀରେନ ସିଂ ସରକାରକୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି ହେବା ପରେ ଶାନ୍ତି ପ୍ରସ୍ତାବକୁ ଆଗେଇ ନେବାର ସୁଯୋଗ ସୃଷ୍ଟି ହେଲା। ୨୦୨୩ ମେ ମାସରେ ଆରମ୍ଭ ହୋଇଥିବା ହିଂସାକାଣ୍ଡ ଭୟଙ୍କର ରୂପ ନେଇଥିଲେ ମଧ୍ୟ ରାଜ୍ୟରେ କ୍ଷମତାସୀନ ସରକାରର ଆଭିମୁଖ୍ୟ କାର୍ଯ୍ୟଧାରା ପ୍ରଶମନ ବଦଳରେ ପ୍ରୋତ୍ସାହିତ କରିବାରୁ ସ୍ଥିତି ଆଣାୟତ୍ତ ହୋଇପଡ଼ିଥିଲା। ତତ୍କାଳୀନ ରଜ୍ୟପାଳ ଅନୁସୂୟା ୟୁକେ ପରିସ୍ଥିତିର ଗମ୍ଭୀରତା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲେ। ଏପରିକି ସୁପ୍ରିମକୋର୍ଟ ନିଜ ଆଡ଼ୁ ହସ୍ତକ୍ଷେପ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଭଳି ପରିସ୍ଥିତି ଉପୁଜିଥିଲା। ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି କେନ୍ଦ୍ର ସରକାର ସେବା ନିବୃତ୍ତ ଘରୋଇ ସଚିବ ଅଜୟ କୁମାର ଭାଲ୍ଲାଙ୍କୁ ରାଷ୍ଟ୍ରପତି ଶାସନକାଳର ସ୍ଥିତି ସମ୍ଭାଳିବା ସକାଶେ ରାଜ୍ୟପାଳ ଦାୟିତ୍ୱରେ ଅବସ୍ଥାପିତ କଲେ।

ଘଟଣାକ୍ରମର ୮୭୨ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଣିପୁର ଗସ୍ତରେ ଯାଉଛନ୍ତି। ସଂଘର୍ଷରତ ମୈତେଇ ଓ କୁକି ଗୋଷ୍ଠୀ ଉଭୟ ଏହି କାର୍ଯ୍ୟକ୍ରମକୁ ନେଇ ଆଶାବାଦୀ। ସଂଘର୍ଷ ଓ ହିଂସାକାଣ୍ଡର ପୃଷ୍ଠଭୂମିରେ ହାଇକୋର୍ଟ ରାୟର ଯେତେ ପ୍ରଭାବ ନଥିଲା, ତାହାଠାରୁ ଅଧିକ ଥିଲା ରାଜ୍ୟରେ ହିନ୍ଦୁ ସଂପ୍ରଦାୟ ସହ ସମ୍ପୃକ୍ତ ମୈତେଇ ଗୋଷ୍ଠୀର ସରକାର ଏବଂ ପ୍ରତିପକ୍ଷ କୁକି ଗୋଷ୍ଠୀ ଆଦିବାସୀ ସଂପ୍ରଦାୟ ମଧ୍ୟରେ ବିବାଦ। ମୈତେଇଙ୍କୁ ଜନଜାତି ମାନ୍ୟତା ବିରୋଧରେ ମୁଣ୍ଡଟେକିଥିବା ହିଂସା ବିରୋଧରେ ସରକାରଙ୍କ କଠୋର ଦମନମୂଳକ ନୀତି କ୍ରମେ ସଂପ୍ରଦାୟିକ ସଂଘର୍ଷର ରୂପ ନେଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି ସକାଶେ ବୀରେନ୍ ସିଂ ସରକାରକୁ ତୁରନ୍ତ ବରଖାସ୍ତ କରାଯିବା ପରିବର୍ତ୍ତେ ହିଂସା ଓ ବିଦ୍ୱେଷକୁ ପରୋକ୍ଷରେ ପ୍ରେତ୍ସାହିତ କରାଯାଇଥିବା ଅଭିଯୋଗ ତୀବ୍ର ହୋଇଥିଲା। ଆଶ୍ୱାସନାର ବିଷୟ ଯେ ବିଳମ୍ବରେ ହେଲେ ମଧ୍ୟ ସ୍ଥିତି ସୁଧୁରୁଛି। ୨ ନମ୍ବର ଜାତୀୟ ରାଜପଥରୁ ଅବରୋଧ ହଟିଛି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଆଗକୁ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।

ପ୍ରଧାନମନ୍ତ୍ରୀ ଚୁରାଚାନ୍ଦପୁର ଓ ଇମ୍ଫାଲ୍ ଜନତାଙ୍କୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହଛି। କୁକି ନେତା ମୋଦୀଙ୍କ ଗସ୍ତକ୍ରମକୁ ସ୍ୱାଗତ କରିଥିଲେ ମଧ୍ୟ ସେମାନଙ୍କ କହିବା କଥା ହେଲା ସେମାନଙ୍କ ଆଖିର ଲୁହ ଶୁଖିନି କି କ୍ଷତି ସରିନି। ଏଭଳି ପରିସ୍ଥିତିରେ ନୃତ୍ୟ-ଗୀତ କାର୍ଯ୍ୟକ୍ରମରେ ତାଙ୍କ ସଂପ୍ରଦାୟ ଅଂଶଗ୍ରହଣ କରିପାରିବନି। ରାଜ୍ୟରେ ଅସ୍ଥାୟୀ ରିଲିଫ ଶିବରିରେ ଅବସ୍ଥାନ କରୁଥିବା ୪୦,୦୦୦ କ୍ଷତିଗ୍ରସ୍ତଙ୍କ ଦୟନୀୟ ସ୍ଥିତି ସଂପର୍କରେ ଅବଗତ ହେବା ପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଭେଟିବା ଉଚିତ୍। ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ସକାଶେ କୁକି ଅବସ୍ଥାନ କରୁଥିବା ଅଞ୍ଚଳକୁ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ରଖିବାକୁ ଦାବି କରାଯାଇଛି। ଏଥିରୁ ସ୍ପଷ୍ଟ ଯେ ରାଜ୍ୟର ଶାସନ କ୍ଷମତା ଅଧୀନରେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ସମସ୍ୟାର ଏଭଳି ବହୁ ଦିଗ ଅଛି, ଯାହା ଏର୍ପ୍ୟନ୍ତ ସମାଧାନ ହୋଇପାରିନାହିଁ।

# ମହେନ୍ଦ୍ରଗିରିର ସଂରକ୍ଷଣ ପ୍ରକୃତି-ଧର୍ମୀ ହେବା ବାଞ୍ଛନୀୟ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ପଦ୍ମ ପୁରାଣ, ଅଗ୍ନି ପୁରାଣ, ମତ୍ସ୍ୟ ପୁରାଣରେ ଭାରତର ସାତଟି ସୁଉଚ୍ଚ ଗିରି ଶୃଙ୍ଗ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହାକୁ 'ସପ୍ତ କୁଳଗିରି' କୁହାଯାଏ। ସେଗୁଡ଼ିକ ହେଉଛି ମହେନ୍ଦ୍ରଗିରି, ମାଲ୍ୟଗିରି, ସାହ୍ୟାଦ୍ରି, ପାରିଜାତ୍ରା, ଶୁକ୍ତିମାନ, ବିନ୍ଧ୍ୟ ଓ ମାଲ୍ୟବନ୍ତ। ତନ୍ମଧ୍ୟରୁ ମହେନ୍ଦ୍ରଗିରି ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ। ମହେନ୍ଦ୍ରଗିରି ପ୍ରାଚୀନ କଳିଙ୍ଗ ସଭ୍ୟତାର ଆଦ୍ୟଭୂମି। ରାମାୟଣ, ମହାଭାରତ ଭଳି ଆହୁରି ଅନେକ ପୁରାଣରେ ମଧ୍ୟ ମହେନ୍ଦ୍ରଗିରି ବିଷୟରେ ଉଲ୍ଲେଖ ଅଛି। ମହେନ୍ଦ୍ରଗିରିକୁ 'ପର୍ଶୁରାମ କ୍ଷେତ୍ର' ମଧ୍ୟ କୁହାଯାଏ। ପିଣ୍ଡଦାନ ପାଇଁ ମହେନ୍ଦ୍ରଗିରି ଏକ ଶ୍ରେଷ୍ଠ ପବିତ୍ର ଭୂମି ଭାବରେ ବିଦିତ। ମହେନ୍ଦ୍ରଗିରିରେ କୁନ୍ତି ମନ୍ଦିର, ଯୁଧିଷ୍ଠିର ମନ୍ଦିର, ଭୀମ ମନ୍ଦିର, ଅର୍ଜୁନ ଗୁମ୍ଫା, ଦାରୁ ବ୍ରହ୍ମ, ପର୍ଶୁରାମ ବିଗ୍ରହ, ପର୍ଶୁରାମ କୁଣ୍ଡ ଆଦି ପ୍ରାଚୀନ କୀର୍ତ୍ତିରାଜିମାନ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦ୍ୱାରା ଆଣ୍ଟିକ୍ୱେଟ ମନୁମେଣ୍ଟ ଆରକିଓଲୋଜି ରିମେଇନ୍ସ ଆଣ୍ଡ ସାଇଟ୍ସ ଆକ୍ଟ ୧୯୫୮ ଆଧାରରେ ଏହିସବୁ କୀର୍ତ୍ତିରାଜିକୁ ସୁରକ୍ଷା ପ୍ରଦାନ କରାଯାଉଛି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପରିକଳ୍ପିତ 'ରାମାୟଣ ସର୍କିଟ' ଅଧୀନରେ ଚିହ୍ନିତ ପନ୍ଦରଟି ସ୍ଥାନ ତାଲିକାରେ ମହେନ୍ଦ୍ରଗିରିକୁ ଅନ୍ତର୍ଭୁକ୍ତ କରାଯାଇଛି।

୭୫,୦୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ ମହେନ୍ଦ୍ରଗିରି ପାହାଡ଼ସମୂହରୁ ଜଳସ୍ରୋତ ମହେନ୍ଦ୍ରତନୟା, ରୁଷିକୂଲ୍ୟା, ବଂଶଧାରା, ବାହୁଦା ନଦୀ ଏବଂ ବହୁ ଛୋଟବଡ଼ ଝରଣାକୁ ପ୍ରବାହିତ ହୁଏ। ମହେନ୍ଦ୍ରଗିରି ଉତ୍ତରୀ ହିମାଳୟ ଏବଂ ଦାକ୍ଷିଣାତ୍ୟ ଉପଦ୍ୱୀପ ଡେକାନ ମାଳଭୂମିର ଜୈବ ବିବିଧତାକୁ ପ୍ରତିନିଧିତ୍ୱ କରେ। ମହେନ୍ଦ୍ରଗିରି ପାହାଡ଼ ସମୂହର ବିବିଧ ଉଦ୍ଭିଦ ଭରା ଜଙ୍ଗଲକୁ ଚାରିପ୍ରକାରରେ ବିଭକ୍ତ କରାଯାଇପାରେ। ଯଥା-ଶାଳ ଜଙ୍ଗଲ, ମିଶ୍ରିତ ଜଙ୍ଗଲ, ତୃଣଭୂମି ଜଙ୍ଗଲ ଓ ବୁଦୁବୁଦିଆ ଜଙ୍ଗଲ। ଏହା ଅନେକ ଔଷଧୀୟ ଉଦ୍ଭିଦର ଗନ୍ତାଘର। ଭାରତୀୟ ହାତୀ, ମହାବଳ ବାଘ, ଚିତାବାଘ, କଲରାପତରିଆ ବାଘ, ହେଟା ବାଘ, ବଣୁଆ ଭାଲୁ, ହରିଣ, ଆଣ୍ଟେଲୋପ, ମୟୂର, ସର୍ପ, ଆହୁରି ଅନେକ ପ୍ରକାର ସ୍ଥଳଚର ପ୍ରାଣୀ ଓ ପକ୍ଷୀଙ୍କ ପାଇଁ ମହେନ୍ଦ୍ରଗିରି ପର୍ବତ ସମୂହ ପରିସଂସ୍ଥା ଏକ ସର୍ବୋତ୍ତମ ପ୍ରାକୃତିକ ବାସସ୍ଥାନ ଥିଲା। ଏକ ସର୍ବେକ୍ଷଣ ତଥ୍ୟାନୁଯାୟୀ ବର୍ତ୍ତମାନ ଏଠାରେ ୧୩୦୦ରୁ ଊର୍ଦ୍ଧ୍ୱ ବିବିଧ ଉଦ୍ଭିଦ ଜାତି ଚିହ୍ନଟ ହୋଇଥିବା ବେଳେ ୩୮୮ ଜାତିର ପ୍ରାଣୀ ରହିଥିବା ଜଣାଯାଏ। ସେଥିରେ ଅନ୍ତର୍ଭୁକ୍ତ ଅଛନ୍ତି ୨୭ ପ୍ରକାର ସ୍ତନ୍ୟପାୟୀ, ୧୬୫ ଜାତିର ପକ୍ଷୀ, ୧୦୦ରୁ ଅଧିକ ଉକ୍ଷୀ, ପ୍ରଜାପତି। ସୁଖର କଥା, ଓଡ଼ିଶା ସରକାର ମହେନ୍ଦ୍ରଗିରିର ଇଡନଗିରି ଓ ମହେନ୍ଦ୍ର ରିଜର୍ଭ ଜଙ୍ଗଲ ଅଞ୍ଚଳକୁ ନେଇ ୪, ୨୫୦ ହେକ୍ଟର ବନାଞ୍ଚଳରେ ନଭେମ୍ବର ୨୦୨୨ ରେ ଏକ ଜୈବ ବିବିଧତା ଐତିହ୍ୟ ପ୍ରତିଷ୍ଠା କରିଛନ୍ତି।

ଅଧୁନା ପୋଡୁ ଚାଷ, ଅବିଚାରିତ ବୃକ୍ଷ ଛେଦନ, ଜଙ୍ଗଲଜାତ ଦ୍ରବ୍ୟର ଅଧିକ ସଂଗ୍ରହ, ପଥର ଖଣି ଖାଦାନ, ରାସ୍ତାଘାଟ ନିର୍ମାଣ, ଅବାଧ ମୋଟରଯାନ ଚଳାଚଳ, ପର୍ଯ୍ୟଟକମାନଙ୍କ ପାଇଁ ବିଳାସମୟ ବାସଗୃହ ବା କଟେଜ ନିର୍ମାଣ ଭଳି ମାନବୀୟ କାର୍ଯ୍ୟକଳାପ ହେତୁ ବିବିଧ ପ୍ରାଣୀ ଓ ଉଦ୍ଭିଦ ଜାତି ଭରା ଘନ ବନଭୂମିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମହେନ୍ଦ୍ରଗିରି ପରିସଂସ୍ଥାର ପ୍ରାକୃତିକତା ଅବକ୍ଷୟମୁଖୀ ହୋଇ ଚାଲିଛି ଏବଂ ବନ୍ୟଜୀବଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଅନେକ ଉଦ୍ଭିଦ ଓ ପ୍ରାଣୀ ଜାତି ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ(ଆଇୟୁସିଏନ୍) ଦ୍ୱାରା ପ୍ରସ୍ତୁତ ଲାଲକିତାବରେ 'ବିପଦ', 'ଦୁର୍ବଳ', 'ବିଲୁପ୍ତ' ଓ 'ବିରଳ' ବର୍ଗରେ ସ୍ଥାନିତ ହୋଇସାରିଲାଣି ଏବଂ ଆହୁରି ଅନେକ ଏଥିରେ ଯୋଡ଼ି ହେବାର ଆଶଙ୍କା ରହିଛି। ତିତିଲି ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ମହେନ୍ଦ୍ରଗିରି ପରିସଂସ୍ଥାରେ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ପ୍ରାଣୀ ଜାତି ଏପର୍ଯ୍ୟନ୍ତ ନମନୀୟ ରହିଛନ୍ତି। ଅଧିକ କାଳ ବିଳମ୍ବ ନକରି ବଞ୍ଚି ରହିଥିବା ଜୈବ ବିବିଧତାର ସଂରକ୍ଷଣ ତଥା ପ୍ରାକୃତିକ ଆବାସ ସ୍ଥାନର ବିକାଶ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ।

ପାହାଡ଼ ସମୂହରେ ସନ୍ନିବିଷ୍ଟ ପ୍ରାକୃତିକ ସମ୍ପଦର ବିକାଶ ସ୍ଥାନୀୟ ସମ୍ପ୍ରଦାୟର ଆର୍ଥିକ ସୁରକ୍ଷା ତଥା ବିକାଶ ସହିତ ଜଡ଼ିତ। 'ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଭାରତୀୟ ବନ୍ୟଜୀବ ଅନୁଷ୍ଠାନ) 'ଭାରତରେ ବନ୍ୟ ଜୀବ ସଂରକ୍ଷିତ କ୍ଷେତ୍ର ନେଟୱାର୍କ ଯୋଜନା' ନାମକ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହି ରିପୋର୍ଟର ସୁପାରିସ ଅନୁସାରେ ଉତ୍ତର, ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବରେ ଉଦ୍ଭିଦ-ଭୌଗୋଳିକ ସମ୍ବନ୍ଧ ଆଧାରରେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ଏକ ଅଭୟାରଣ୍ୟ ଓ ସଂରକ୍ଷିତ ଜୈବମଣ୍ଡଳ ସ୍ଥାପନ କରିବା ପାଇଁ ପରାମର୍ଶ ରହିଛି। ୧୯୮୮ ମସିହାରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଉକ୍ତ ସୁପାରିସକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ସହ ଏକ ଅନୁରୋଧ ପତ୍ର ପଠାଇଥିଲା। ୨୫ ନଭେମ୍ବର ୧୯୯୫ରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ବନ୍ୟଜୀବ ପରାମର୍ଶଦାତା ବୋର୍ଡର ୧୫ତମ ବୈଠକରେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ଏକ ବନ୍ୟଜୀବ ଅଭୟାରଣ୍ୟ ସୃଷ୍ଟି ପାଇଁ ସୁପାରିସ କରାଯାଇଥିଲା। ଓଡ଼ିଶା ପରିବେଶ ସମିତିର ପ୍ରସ୍ତାବକ୍ରମେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୨୦୧୧ ମସିହାରେ ମହେନ୍ଦ୍ରଗିରି ସଂରକ୍ଷିତ ଜୈବମଣ୍ଡଳ ଗଠନ ହେବାର ସମ୍ଭାବନା ଅଧ୍ୟୟନ ପାଇଁ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟିର ୨୦. ୧୨. ୨୦୧୪ ରେ ଅନୁଷ୍ଠିତ ଚତୁର୍ଥ ବୈଠକରେ ସର୍ବସମ୍ମତି କ୍ରମେ ମହେନ୍ଦ୍ରଗିରି ପାହାଡ଼ କମ୍ପେଲକ୍ସରେ ସଂରକ୍ଷିତ ଜୈବମଣ୍ଡଳ ସୃଷ୍ଟି କରିବା ପାଇଁ ସୁପାରିସ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟ ଜୀବ) ୨୦୧୯ ଜାନୁଆରୀରେ ଓଡ଼ିଶା ସରକାରଙ୍କୁ ଏହି ସମ୍ବନ୍ଧୀୟ ଚିଠାପ୍ରସ୍ତାବ ମଧ୍ୟ ପ୍ରଦାନ କରିସାରିଛନ୍ତି।

ସଂରକ୍ଷିତ ଜୈବମଣ୍ଡଳରେ ପ୍ରାକୃତିକ ବନ୍ୟ ପ୍ରାଣୀ ଓ ଉଦ୍ଭିଦ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ସହିତ ଇକୋ-ଟୁରିଜିମ୍(ପରିସଂସ୍ଥା ପର୍ଯ୍ୟଟନ), ପର୍ଯ୍ୟଟନ, କୁଟୀର ଶିଳ୍ପ ସମେତ ସମସ୍ତ ପ୍ରକାର ପରିସଂସ୍ଥା ଅନୁକୂଳ ବିକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଇପାରିବ। ଆହୁରି ମଧ୍ୟ ପ୍ରାଚୀନ ମନ୍ଦିର ସ୍ମାରକୀଗୁଡ଼ିକର ଉପସ୍ଥିତି ଏବଂ ଗିରିଶୃଙ୍ଗର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଟ୍ରେକିଂ ମାର୍ଗର ବ୍ୟବସ୍ଥା କରାଯିବା ସହିତ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସକୁ ଏକ ପ୍ରାକୃତିକ ଐତିହ୍ୟ ସ୍ଥଳ ଭାବରେ ବିକଶିତ କରାଯାଇ ପାରିବ। ୟୁନେସ୍କୋର ପରାମର୍ଶ ଅନୁଯାୟୀ ବିଶ୍ୱ ପ୍ରାକୃତିକ ଐତିହ୍ୟ ସ୍ଥଳର 'ସମ୍ଭାବ୍ୟ ତାଲିକା'ରେ ମହେନ୍ଦ୍ରଗିରିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ପ୍ରଥମେ ଏକ ପ୍ରସ୍ତାବ ଦେବା ଉଚିତ୍। ଏହିଭଳି ପଦକ୍ଷେପ ସ୍ଥାନୀୟ ଲୋକଙ୍କ ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ସ୍ଥିତିକୁ ପରିବର୍ଦ୍ଧିତ କରିବାରେ ସହାୟକ ହେବ।

ସୂଚନା ଅନୁଯାୟୀ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଏହି ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ତୀର୍ଥକ୍ଷେତ୍ରର ପୂର୍ଣ୍ଣାଙ୍ଗ ରୂପ ବଦଳିବାକୁ ଯାଉଛି। ଏଥିପାଇଁ ଡିପିଆର ବା ନକ୍ସା ମଧ୍ୟ ପ୍ରସ୍ତୁତ ହୋଇସାରିଲାଣି। ମହେନ୍ଦ୍ରଗିରି ଶିଖରରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମହେନ୍ଦ୍ର ଆଶ୍ରମ, ସାଧନା ମଣ୍ଡପ, ଅନ୍ନପୂର୍ଣ୍ଣା ମଣ୍ଡପ, ସାଧୁସନ୍ଥ ଓ ପର୍ଯ୍ୟଟକଙ୍କ ରହିବା ପାଇଁ ଘର; କୁନ୍ତି ମନ୍ଦିର ଠାରୁ ଲଳିତା ପୁଷ୍କରିଣୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଭଳି ଅନେକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଗଣମାଧ୍ୟମ ସୂଚନା ଅନୁସାରେ ମହେନ୍ଦ୍ରଗିରିରେ ଅବସ୍ଥାପିତ ପ୍ରାଚୀନ ପର୍ଶୁରାମ ମନ୍ଦିର ସମେତ ଅନେକ ମନ୍ଦିରକୁ ଭାଙ୍ଗି ଭବ୍ୟ ମନ୍ଦିରମାନ ନିର୍ମାଣ କରାଯିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆ ହୋଇ ସାରିଲାଣି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ନିଆଯାଉଛି, ଯେଉଁଥିପାଇଁ ପ୍ରାୟ ୦.୯ ହେକ୍ଟର ସଂରକ୍ଷିତ ଜଙ୍ଗଲ କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂତ୍ରରୁ ମିଳିଥିବା ସୂଚନା ସତ୍ୟ ହୋଇଥାଏ ତେବେ ଏଭଳି ବିକାଶମୂଳକ କାର୍ଯ୍ୟ କିଭଳି ସ୍ଥାନୀୟ ପରିସଂସ୍ଥାକୁ ପ୍ରଭାବିତ କରିବ ଟିକିନିଖି ଅନୁଧ୍ୟାନ କରିବା ଆବଶ୍ୟକ।

ସମ୍ପ୍ରତି ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ଲଦାଖ୍ ଅଞ୍ଚଳର ପ୍ରାକୃତିକ ଭଙ୍ଗୁର ପରିବେଶରେ ନକାରାତ୍ମକ ମାନବିକୃତ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନର ପରିଣାମରେ ବାରମ୍ବାର ଘଟୁଥିବା ବଦଳଫଟା ବର୍ଷା, ବନ୍ୟାର ପ୍ଲାବନ ଏବଂ ଭୂସ୍ଖଳନ ପରି ବିପର୍ଯ୍ୟୟର ତାଣ୍ଡବରୁ ଶିକ୍ଷାଲାଭ କରିବାର ଆବଶ୍ୟକତା ରହିଛି। ସେହିପରି କେରଳର ପଶ୍ଚିମଘାଟସ୍ଥିତ ୱାୟାନାଡ଼ରେ ୨୦୨୪ରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ହେଉଛି ମାନବକୃତ ବିପର୍ଯ୍ୟୟର ଅନ୍ୟ ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ। ପାର୍ବତ୍ୟାଞ୍ଚଳରେ ଭିତ୍ତିଭୂମି ବିକାଶ ସମୟରେ ଆମକୁ ପର୍ଯ୍ୟଟନ ଓ ଅର୍ଥନୀତି ଅପେକ୍ଷା ପରିସଂସ୍ଥାର ସୁରକ୍ଷା ଓ ପରିଚାଳନା ପ୍ରତି ସତର୍କ ନଜର ରଖିବା ଅତ୍ୟନ୍ତ ପ୍ରୟୋଜନ। କ୍ଷଣସ୍ଥାୟୀ ଲାଭର ବଶବର୍ତ୍ତୀ ନହୋଇ ପରିସଂସ୍ଥାର ମୂଲ୍ୟାଙ୍କନ ଏବଂ ପରିବେଶୀୟ ସୁରକ୍ଷା ତଥା ପ୍ରକୃତି-ଆଧାରିତ ସମାଧାନକୁ ପ୍ରାଥମିକତା ପ୍ରଦାନ ଆମ ବିଜ୍ଞତାର ପରିଚାୟକ ହେବ। ତୀକ୍ଷ୍ଣ ଗଡ଼ାଣିରେ ପରିପୂର୍ଣ୍ଣ ଅବକ୍ଷୟମୁଖୀ ମହେନ୍ଦ୍ରଗିରି ପର୍ବତମାଳା ଅଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ଅତ୍ୟନ୍ତ ସତର୍କତାର ସହ କାର୍ଯ୍ୟାନ୍ୱୟନ କରାଯିବା ବାଞ୍ଛନୀୟ। ଏଠାରେ ପର୍ଯ୍ୟଟନ ଭିତ୍ତିଭୂମିଜନିତ ବିକାଶ ପ୍ରକ୍ରିୟା ପ୍ରକୃତି ସଂରକ୍ଷଣଧର୍ମୀ ହେବା ଏକାନ୍ତ ଅପରିହାର୍ଯ୍ୟ। ଏପରି ମନୋରମ ଜୈବବିବିଧତାର ଗନ୍ତାଘରକୁ ସଂରକ୍ଷିତ ଜୈବମଣ୍ଡଳ ତଥା ଐତିହ୍ୟସ୍ଥଳୀର ମାନ୍ୟତା ପ୍ରଦାନ ହେବ ପ୍ରାକୃତିକ ବିଭବର ସୁରକ୍ଷା ପ୍ରତି ଆମ ଅଙ୍ଗୀକାରବଦ୍ଧତାର ଶ୍ରେଷ୍ଠ ନିଦର୍ଶନ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୪୩୭୧୯୦୪୨୦

# ଜୀବନହିତରେ ଶିକ୍ଷା, ରାଷ୍ଟ୍ରହିତରେ ଜୀବନ

ଇଂ. ପ୍ରତ୍ୟୁଷ କୁମାର ବେହେରା

ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା। କାରଖାନାରେ ଯନ୍ତ୍ରାଂଶ ଖରାପ ହେଲେ ଉତ୍ପାଦ ଖରାପ ହୁଏ। ସେହିଭଳି ଶିକ୍ଷାନୁଷ୍ଠାନର ବାତାବରଣ ବିଗିଡ଼ିଲେ ଅମଣିଷ ସୃଷ୍ଟି ହେବାର ଆଶଙ୍କା ବହୁଳ। ଆଜିର ବ୍ୟଭିଚାର ଓ ଅନାଚାର ବହୁଳ ସମାଜରେ ବିଦ୍ୟାର୍ଥୀଙ୍କ ଚରିତ୍ର ନିର୍ମାଣ ଚିନ୍ତା ନିତାନ୍ତ ଜରୁରୀ। ଛାତ୍ରାବସ୍ଥା ରୂପୀ ମାହେନ୍ଦ୍ର ମୁହୂର୍ତ୍ତରେ ଦିବ୍ୟଜ୍ଞାନ ରୂପୀ ଗଙ୍ଗାର ପବିତ୍ର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ ପଡ଼ିବ।

ବିଦ୍ୟା ମନୁଷ୍ୟକୁ ପ୍ରସ୍ଫୁଟିତ କରେ ଏବଂ ପ୍ରଗତିର ମାର୍ଗରେ ଅଗ୍ରସର କରାଇଥାଏ। 'ବିଦ୍ୟା ଦଦାତି ବିନୟମ୍, ବିନୟାତ୍ ଯାତି ପାତ୍ରତାମ୍ / ପାତ୍ରତ୍ୱାଦ ଧନମାପ୍ନୋତି ଧନାତ୍ ଧର୍ମ ତତଃ ସୁଖମ୍।' ପ୍ରକୃତ ଜ୍ଞାନ ନମ୍ରତା ପ୍ରଦାନ କରେ; ନମ୍ରତାଠାରୁ ମୂଲ୍ୟବୋଧ ଆସେ। ମୂଲ୍ୟବୋଧରୁ ଧନ ପ୍ରାପ୍ତ ହୁଏ; ଧନ ଜଣେ ବ୍ୟକ୍ତିଙ୍କୁ ଭଲ କାର୍ଯ୍ୟ କରିବାକୁ ସକ୍ଷମ କରେ, ଯାହାକି ଆନନ୍ଦ ଆଣିଥାଏ। ବିଦ୍ୟା ଆମକୁ ସଠିକ୍ ଓ ମୁକ୍ତିର ମାର୍ଗ ଦେଖାଏ।

ଚାକିରି ଆଶାରେ ଡିଗ୍ରୀ ହାସଲ କରିବା କେବଳ ଶିକ୍ଷାର ଲକ୍ଷ୍ୟ ନୁହେଁ। ମାନବୀୟ ମୂଲ୍ୟବୋଧର ଅନୁଶୀଳନ ହିଁ ପ୍ରକୃତ ଶିକ୍ଷା। କେବଳ ବିଦ୍ୟା ଆହରଣ ନୁହଁ, ଚେତନାର ଉତ୍ତରଣ ହେଉଛି ପ୍ରଜ୍ଞାର ବାସ୍ତବିକ୍ ଅର୍ଥ। ଆଜି ଯାହା ସମସ୍ତଙ୍କୁ ବିଚଳିତ କରୁଛି ତାହା ହେଲା ସମାଜରେ ବଢୁଥିବା ଆତ୍ମହତ୍ୟା ପ୍ରବଣତା। ବିଦ୍ୟାର୍ଥୀମାନେ ଶିକ୍ଷା ନାମରେ କୁଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ପରିବାର, ଶିକ୍ଷକ ସମାଜ ମଧ୍ୟ ସଚେତନ କରାଇବା ଆବଶ୍ୟକ ରହିଛି। ବିବେକାନନ୍ଦ, ବାଜିରାଉତ, ଧର୍ମପଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସଙ୍କ ପରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପ୍ରେରଣା ପ୍ରଦାନ କରିବା ଉଚିତ୍।

'ଶିକ୍ଷା ଜୀବନ ପାଇଁ, ଜୀବନ ରାଷ୍ଟ୍ର ପାଇଁ। ଏହା ସମସ୍ତେ ନିଜର ବ୍ରତ ଭାବେ ପାଳନ କରିବା ଉଚିତ୍। ଆମକୁ ନେଇ ସମାଜ। ଆମେମାନେ ହିଁ ସମାଜ ପରିବର୍ତ୍ତନର କର୍ଣ୍ଣଧାର ହୋଇପାରିବା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ରାଷ୍ଟ୍ରର ହିତସାଧନ ନିମନ୍ତେ କାର୍ଯ୍ୟ କରିବା। ପିଲାମାନଙ୍କୁ ନୀତିଶିକ୍ଷା ଦେବାର ସାମ୍ପ୍ରତିକ ସମୟର ଆହ୍ୱାନ। କଞ୍ଚା ମାଟିକୁ ସୁନ୍ଦର ମୂର୍ତ୍ତିର ରୂପ ଦେବାରେ ଶିଳ୍ପୀର ଭୂମିକା ପରି ଶିକ୍ଷକ ମଧ୍ୟ ଜଣେ ସାଧାରଣ ବିଦ୍ୟାର୍ଥୀକୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରିବାରେ ସକ୍ଷମ ହୁଅନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ବିଷୟ ଆଧାରିତ ଶିକ୍ଷା ସହ ବୌଦ୍ଧିକ, ସାଂସ୍କୃତିକ ଓ ସମାଜ ପ୍ରତି ନିଜର ଦାୟିତ୍ୱ କର୍ତ୍ତବ୍ୟ ବିଷୟରେ ଶିକ୍ଷା ଦେବା ଉଚିତ୍। ଇସ୍ରାଏଲ ପରି ଗୋଟେ ଦେଶର ବିଦ୍ୟାଳୟରୁ ହିଁ ଦେଶ ସେବା ପାଇଁ ପୂର୍ଣ୍ଣ ଭାବେ ତାଲିମ୍ ପ୍ରଦାନ କରାଯାଏ। ଜାପାନରେ ମଧ୍ୟ ସମାନ ଧରଣର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ଜଣେ କେମିତି ନିଜକୁ ସଠିକ୍ ଢଙ୍ଗରେ ଗଢ଼ି ତୋଳି ପାରିବ, ସବୁ ପରିସ୍ଥିତିରେ ନିଜର ବୁଦ୍ଧି ବିବେକ ସହିତ ସମାଜର କଲ୍ୟାଣ କରିପାରିବ, ନିଜ ପାଇଁ ନୁହେଁ ବରଂ ସମାଜ ପାଇଁ ଚିନ୍ତା କରିପାରିବ ସେ ବିଷୟରେ ଗୁରୁକୁଳମାନଙ୍କରେ ଶିକ୍ଷା ପ୍ରଦାନ କରାଯାଏ। ଏହା ପ୍ରମାଣିତ କରେ ଭାରତୀୟ ଗୁରୁ-ଶିଷ୍ୟର ପରମ୍ପରା କେତେ ମହାନ୍ ଓ ତତ୍ତ୍ୱ ଆଧାରିତ। ଏବେ ଆଧୁନିକତା ନାମରେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। କେଉଁଠି ଗୁରୁ ନିଜ ପଦ ମର୍ଯ୍ୟାଦା ଭୁଲି ଯାଉଛନ୍ତି ତ ଆଉ କେଉଁଠି ଶିଷ୍ୟମାନେ ସୀମା ଲଂଘୁଛନ୍ତି।

ଜୀବନ କେବଳ ଫୁଲର ଶଯ୍ୟା ନୁହେଁ, କଣ୍ଟକିତ ମଧ୍ୟ। ଗୋଲାପର ସ୍ନିଗ୍ଧତାକୁ ଅନୁଭବ କରିବାକୁ ହେଲେ କଣ୍ଟାର ଆଘାତ ସହିବାକୁ ମଧ୍ୟ ପଡ଼ିବ। ଦୁଃଖ ଏକପ୍ରକାର ଭଗବାନଙ୍କ ହାତରେ ହାତୁଡ଼ି, ଯାହାଦ୍ୱରା ମଣିଷ ଜୀବନ ସଜାଡ଼ି ହୋଇଯାଏ। ସେଥିପାଇଁ ପ୍ରତ୍ୟେକ କାର୍ଯ୍ୟ ପଛରେ ଭଗବାନଙ୍କ ମହତ୍ ଉଦ୍ଦେଶ୍ୟ ଅଛି ବୋଲି ବିଚାର କରି ଗଭୀର ଆତ୍ମବିଶ୍ୱାସ ସହିତ ପରିସ୍ଥିତିକୁ ସାମ୍ନା କରିବା ଉଚିତ୍। ଯଦି ଗୋଟେ ରାସ୍ତା ବନ୍ଦ ହୋଇଯାଏ ଭଗବାନ ଅନ୍ୟ ଏକ ରାସ୍ତା ଆମ ପାଇଁ ରଖିଥା'ନ୍ତି। ଅର୍ଥାତ୍ ପ୍ରତିଟି ସମସ୍ୟା ଭିତରେ ସମାଧାନ ଲୁଚି କରି ରହିଥାଏ। ଆମେ ଧୈର୍ଯ୍ୟର ସହିତ ମୁକାବିଲା କରିବା ଉଚିତ୍। ଏହି ଶିକ୍ଷା ଆମକୁ ଆମର ଆଦି ଗୁରୁ ମା' ଦେଇଥା'ନ୍ତି। ସମଗ୍ର ବିଶ୍ୱରେ ଏମିତି ଜଣେ କେହି ନାହାନ୍ତି, ଯେ କେବେ ବି ବିଫଳ ହୋଇନାହାନ୍ତି। ଅନେକ ବିଫଳତାକୁ ସାମ୍ନା କରି କରି ନିଜର ଦୃଢ଼ପଣ ଦ୍ୱାରା ଶେଷରେ ସେମାନେ ଜଣେ ଜଣେ ସଫଳ ବ୍ୟକ୍ତି ହୋଇପାରିଛନ୍ତି। ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ ତ ବହୁ ଝଡ଼ଝଞ୍ଜା ଦେଇ ଗତି କରିବାକୁ ପଡ଼ିଥାଏ। ସିଏ ହେଉଛି ବୁଦ୍ଧିମାନ, ଯିଏ ବର୍ଷାର ଆଶଙ୍କା ଦେଖିଲେ ଛତାଟିଏ ମନେ କରି ନେଇଥାଏ। ଏମିତି ଶିକ୍ଷା ପ୍ରତ୍ୟେକ ଘରୁ, ବିଦ୍ୟାଳୟରେ ଓ ଗୁରୁଜନମାନଙ୍କ ଦ୍ୱାରା ଆମ ସମସ୍ତଙ୍କୁ ପ୍ରଦାନ କରିବା ନିହାତି ଜରୁରୀ

ବାଲେଶ୍ୱର, ମୋ: ୭୫୦୪୦୮୧୮୬୩

# କଞ୍ଜୁର ଓ ତଞ୍ଜୁର

ପ୍ରବୀର କୁମାର ପଟ୍ଟନାୟକ

ତିବ୍ବତରେ ବୌଦ୍ଧ ବିହାରଗୁଡ଼ିକ ମୁଖ୍ୟତଃ ଶିକ୍ଷାକେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ବୌଦ୍ଧ ବିହାରରେ ଗ୍ରନ୍ଥାଗାର ରହିଥିଲା। ଏହି ଗ୍ରନ୍ଥାଗାରରେ 'କଞ୍ଜୁର' ଓ 'ତଞ୍ଜୁର' ଶ୍ରେଣୀର ଧର୍ମପୁସ୍ତକ ଏବଂ ଅନ୍ୟାନ୍ୟ ଶାସ୍ତ୍ର ବର୍ଗର ଗୋଟିଏ ଗୋଟିଏ ପୁରା ସେଟ୍ ଗ୍ରନ୍ଥ ରଖାଯାଉଥିଲା। 'କଞ୍ଜୁର' ଶ୍ରେଣୀରେ ସାତଗୋଟି ବିଭାଗର ୧୦୦ ଅଥବା ୧୦୮ ଭାଗ ଗ୍ରନ୍ଥ ରହୁଥିବା ବେଳେ 'ତଞ୍ଜୁର'ରେ ସତରଟି ବର୍ଗର ଦୁଇଗୋଟି ବିଭାଗର ୨୨୫ ଭାଗ ଗ୍ରନ୍ଥ ରଖାଯାଉଥିଲା। ଏହିଭଳି ଭାବେ ଉଭୟ 'କଞ୍ଜୁର' ଓ 'ତଞ୍ଜୁର' ସଂଗ୍ରହରେ ୪୫୬୬ ଗୋଟି ଗ୍ରନ୍ଥର ଭଣ୍ଡାର - 'କଞ୍ଜୁର'ରେ ୧୧୦୮ ଓ 'ତଞ୍ଜୁର'ରେ ୩୪୫୮ ଗ୍ରନ୍ଥ ସଂଗୃହୀତ ହୋଇ ରହୁଥିଲା। ଏହିସବୁ ଗ୍ରନ୍ଥ ମୁଖ୍ୟତଃ ମୂଳ ସଂସ୍କୃତ ଗ୍ରନ୍ଥର ଅନୁବାଦ ହିଁ ଥିଲା। ସମସ୍ତ ଗ୍ରନ୍ଥ କାଠ ତିଆରି ବ୍ଲକ ସାହାଯ୍ୟରେ ହାତ ତିଆରି କାଗଜରେ ଛପା ଯାଇ ପ୍ରସ୍ତୁତ ହେଉଥିଲା। ସମସ୍ତ ଗ୍ରନ୍ଥ ରେଶମ କପଡ଼ାରେ ଗୁଡ଼ାଯାଇ ଥାକମାନଙ୍କରେ ସାଇତା ହୋଇ ରଖାଯାଉଥିଲା।



ଶାକ୍ୟାପ ସଂପ୍ରଦାୟର ଅନୁଗାମୀ ବ୍ରୁ-ଷ୍ଟନ୍ (ଖ୍ରୀ୧୨୯୦-୧୩୬୪) ଜଣେ ଖ୍ୟାତନାମା ତିବ୍ବତୀୟ ବୌଦ୍ଧ ତଥା ଇତିହାସକାର ମଧ୍ୟ। ତିବ୍ବତରେ ମହଜୁଦ ଥିବା ତିବ୍ବତୀୟ ଭାଷାରେ ଅନୂଦିତ ସମସ୍ତ ଧର୍ମଗ୍ରନ୍ଥକୁ ସେ ବ୍ୟବସ୍ଥିତ ଭାବେ ଦୁଇଗୋଟି ବିଭାଗରେ ତାଲିକାଭୁକ୍ତ କରିଥିଲେ। ବୁଦ୍ଧଙ୍କ ବାଣୀକୁ ନେଇ ପ୍ରସ୍ତୁତ ଗ୍ରନ୍ଥକୁ ପ୍ରଥମ ଭାଗରେ ରଖାଗଲା ଏବଂ ଏହାର ନାମ ହେଲା 'କଞ୍ଜୁର'। ଦ୍ୱିତୀୟ ଭାଗଟି ହେଲା 'ତଞ୍ଜୁର', ଯେଉଁଥିରେ

## ଦ୍ୱିତୀୟ-ବୁଦ୍ଧ କଥା

ମୁଖ୍ୟତଃ ଖ୍ୟାତନାମା ଗୁରୁମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଗ୍ରନ୍ଥର ଭାଷ୍ୟଗୁଡ଼ିକୁ ରଖାଗଲା। ଏହିଭଳି ଭାବେ ପ୍ରଥମ ଭାଗଟିରେ ମୂଳଗ୍ରନ୍ଥ ଓ ଦ୍ୱିତୀୟ ଭାଗଟିରେ ଭାଷ୍ୟ ଗ୍ରନ୍ଥଗୁଡ଼ିକ ସହ ଚିକିତ୍ସାଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ମୂଳକ ଗ୍ରନ୍ଥ, ବ୍ୟାକରଣ ଶାସ୍ତ୍ର, ନ୍ୟାୟଶାସ୍ତ୍ର, କାବ୍ୟକବିତାଦି ବିଭିନ୍ନ ଅନ୍ୟାନ୍ୟ ଗ୍ରନ୍ଥମାନ ରହିଲା। ଅନ୍ୟଭାଷାରୁ ଅନୂଦିତ ଗ୍ରନ୍ଥ ବ୍ୟତିରେକ ତିବ୍ବତୀୟ ଭାଷାର ମୂଳଗ୍ରନ୍ଥ, ଯେପରିକି ଇତିହାସମୂଳକ, ମୌଖିକ ପରମ୍ପରାମୂଳକ, ବୌଦ୍ଧଧର୍ମର ମୂଳଗ୍ରନ୍ଥ, ସାହସୀ ତଥା ବୀରୋଚିତ କାର୍ଯ୍ୟମୂଳକ, ଜୀବନ ବୃତ୍ତାନ୍ତ, ବିଭିନ୍ନ ପ୍ରକାର ଦଲିଲ୍ ଓ ତଥ୍ୟମୂଳକ, ପ୍ରାଚୀନ ଦସ୍ତାବିଜ୍, ଇତିବୃତ୍ତି ଆଦି ଗ୍ରନ୍ଥ ଓ ଦସ୍ତାବିଜ୍‌ମାନ ରଖାଗଲା।

**କଞ୍ଜୁର:** ଏଥିରେ ମୁଖ୍ୟତଃ ନଅ ଗୋଟି ବର୍ଗର ଗ୍ରନ୍ଥ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ବର୍ଗ ମଧ୍ୟରେ ଉପ-ବର୍ଗ ଶ୍ରେଣୀର ଗ୍ରନ୍ଥମାନ ରହିଛି। ନଅଗୋଟି ବର୍ଗ ହେଲା: (୧) ବିନୟ - ଏହି ବର୍ଗର ସାତଗୋଟି ଗ୍ରନ୍ଥ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କର ନୀତିନିୟମ ଓ ଆଚାର ସଂପର୍କୀୟ। ଏଥିରେ ବୌଦ୍ଧ ମହାସମ୍ମିଳନୀ ସଂପର୍କୀୟ ବିବରଣୀ ମଧ୍ୟ ରହିଛି। (୨) ପ୍ରଜ୍ଞାପାରମିତା- ଏହି ଗର୍ବ ମଧ୍ୟରେ ଛତିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୩) ଅବତଂଶକ - ଏହି ବର୍ଗରେ ମାତ୍ର ଗୋଟିଏ ଗ୍ରନ୍ଥ। (୪) ରତ୍ନକୂଟ - ଏଥିମଧ୍ୟରେ ନଅଗୋଟି ଗ୍ରନ୍ଥ ଅନ୍ତର୍ଭକ୍ତ। (୫) ସୂତ୍ରାନ୍ତ- ଏହି ବର୍ଗରେ ଦୁଇଶହ ଷାଠିଏ ଗୋଟି ଗ୍ରନ୍ଥ ରହିଛି। (୬) ତନ୍ତ୍ର- ତିବ୍ବତୀୟ ପରମ୍ପରା ମୁତାବକ ତନ୍ତ୍ର ହେଉଛି ବୁଦ୍ଧବଚନର ଅଂଶବିଶେଷ। ପଦ୍ମସମ୍ଭବ ହେଉଛନ୍ତି ତନ୍ତ୍ରର ମୁଖ୍ୟ ପ୍ରବର୍ତ୍ତକ। ତିବ୍ବତୀୟ ବୌଦ୍ଧଧର୍ମରେ ପଦ୍ମସମ୍ଭବ ହେଉଛନ୍ତି ତନ୍ତ୍ରର ବୁଦ୍ଧ। ଏହି ତନ୍ତ୍ର ଶ୍ରେଣୀରେ ଚାରିଶହ ଅଠଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୭) ପ୍ରାଚୀନ ତନ୍ତ୍ର- ଏଥିମଧ୍ୟରେ ସତର ଗୋଟି ଗ୍ରନ୍ଥ ରହିଛି ଏବଂ ଏଥିମଧ୍ୟରୁ କେତେକରେ ବୁଦ୍ଧଙ୍କ ପୂର୍ବକାଳର ପରମ୍ପରା ମଧ୍ୟ ଅନ୍ତର୍ଭୁକ୍ତ। (୮) କାଳଚକ୍ରତନ୍ତ୍ର - ଏହା କେବଳ ଗୋଟିଏ ମାତ୍ର ଶାସ୍ତ୍ର। (୯) ମନ୍ତ୍ର ସଂଗ୍ରହ - ଏହି ବର୍ଗରେ ଦୁଇଶହ ତେଷଠିଟି ଗ୍ରନ୍ଥ ରହିଛି ଏବଂ ଏହା ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ବିଶାଳ ମନ୍ତ୍ର ବର୍ଗର ସଂଗ୍ରହ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅର୍ଚ୍ଚନା ନାଗଙ୍କ ଘର ସିଲ୍ କଲା ଇଡି



ଭୁବନେଶ୍ୱର, ୧୨।୯ (ସମିସ): ଅର୍ଚ୍ଚନା ନାଗଙ୍କ ଭୁବନେଶ୍ୱର ସତ୍ୟବିହାରସ୍ଥିତ ଜି+୨ ଘର ସିଲ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଶୁକ୍ରବାର ମଞ୍ଚେଶ୍ୱର ପୁଲିସ ସହାୟତାରେ ଇଡିର ସ୍ୱତନ୍ତ୍ର ଟିମ୍ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ର ଯାଞ୍ଚ କରିବା ସହ କିଛି ସାମଗ୍ରୀକୁ ବାହାର କରିବା ପରେ ଆସବାବପତ୍ର ସହ ଘରକୁ ସିଲ୍ କରିଛି। ୨୦୦୨ ମନି ଲଣ୍ଡରିଂ ଆଇନ ଅନୁସାରେ ଗତ ୨୦୨୩ରେ ଅର୍ଚ୍ଚନାଙ୍କ ଘରକୁ ଇଡି ଆଟାଚ୍ କରିଥିଲା। ପୂର୍ବରୁ ଏହି ଘର ଛାଡ଼ିବା ପାଇ ଅଦାଲତ ଅର୍ଚ୍ଚନାଙ୍କୁ ନୋଟିସ୍ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଅର୍ଚ୍ଚନା ଘର ନ ଛାଡ଼ିବାରୁ ଇଡି ଆଜି ତାଙ୍କ ଘର ସିଲ୍ କରିଛି।

ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ବ୍ଲାକ୍‌ମେଲିଂ କରିବା ନେଇ ନୂଆପଲ୍ଲୀ ଏବଂ ପରେ ଖଣ୍ଡଗିରି ଥାନାରେ ମାମଲା ରୁଜୁ କରାଯାଇଥିଲା। ୨୦୨୨ ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ। ତାଙ୍କ ସମ୍ପତ୍ତି ଓ ଆୟ ସମ୍ପର୍କରେ ଇଡ଼ି ତଦନ୍ତ କରିଥିଲା। ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ ମଞ୍ଜୁର ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ଝାରପଡ଼ା ଜେଲରୁ ବାହାରି ଥିଲେ। ଆଜି ଇଡି ଅର୍ଚ୍ଚନାଙ୍କ ଘରକୁ ସିଲ୍ କରିବା ଘଟଣାକୁ ସମାଲୋଚନା କରିଛନ୍ତି ତାଙ୍କ ବାପା। ସେ କହିଛନ୍ତି ଯେ ଜମିବାଡ଼ି ବିକି ସେ ଘର କରିବାକୁ ଝିଅକୁ ଟଙ୍କା ଦେଇଥିଲେ। ତେଣୁ ଘର ନ ଖୋଲିବା ଯାଏ ସେମାନେ ଘରଆଗରେ ବସି ରହିବେ।

## ଭେନୁଗୋପାଳଙ୍କ ନେତୃତ୍ୱରେ ଓଡ଼ିଶାରେ ସଂସଦ ପବ୍ଲିକ୍ ଆକାଉଣ୍ଟସ କମିଟି

# ଶନିବାର ପୁରୀରେ ହେବ ଷ୍ଟାଣ୍ଡିଂ କମିଟି ବୈଠକ



ଭୁବନେଶ୍ୱର,୧୨।୯ (ସମିସ): ସଂସଦର ପବ୍ଲିକ ଆକାଉଣ୍ଟ କମିଟି (ପିଏସି)ର ଅଧ୍ୟକ୍ଷ ତଥା ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଂଗଠନ ସମ୍ପାଦକ କେସି ଭେନୁଗୋପାଳ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଙ୍ଗ କମିଟି ମଧ ଓଡ଼ିଶା ଗସ୍ତରେ ଆସିଛି। ସଂସଦର ପିଏସି ବୈଠକ ଶନିବାର ପୁରୀରେ ହେବା ନେଇ ସ୍ଥିର ହୋଇଛି। ଏହି ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ବେଣୁଗୋପାଳ ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନରେ ମଧ ଦଳୀୟ ସମୀକ୍ଷା କାର୍ଯ୍ୟକ୍ରମ ରଖିଛନ୍ତି। ଆସନ୍ତା ୧୪ ତାରିଖ

**ପିଏସି ବୈଠକ ପରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ଭେନୁଗୋପାଳ**

ଅପରାହ୍ନ ୨ଟା ୩୦ରେ ସେ ପ୍ରଥମେ ଦଳର ରାଜନୈତିକ ବ୍ୟାପାର କମିଟି ଓ ପରେ ପିସିସି କର୍ମକର୍ତ୍ତା, ସୃଜନ ପର୍ଯ୍ୟବେକ୍ଷକ , ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ରାଜନୈତିକ ବ୍ୟାପାର କମିଟି ବୈଠକରେ ଦଳର ସାଂସଦ ଓ ସମସ୍ତ ବିଧାୟକ ମଧ ଯୋଗଦେବେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପରବର୍ତ୍ତୀ ବୈଠକରେ ସମସ୍ତ କର୍ମକର୍ତ୍ତା, ସମସ୍ତ ଛାମୁଆ ସଂଗଠନ-ବିଭାଗ-ପ୍ରକୋଷ୍ଠର ମୁଖ୍ୟ ତଥା ସଦ୍ୟ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ନିୟୋଜିତ ପ୍ରତି ଜିଲ୍ଲାର ୩ ପିସିସି ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ। ଆଜି ଶ୍ରୀ ବେଣୁଗୋପାଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ପିସିସି ସଭାପତି, ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଦଳର ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ବାହିନୀପତି, ଅରବିନ୍ଦ ଦାସଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

## କପାବାଡ଼ିରେ ବଜ୍ରପାତ

# ୩ ଶ୍ରମିକ ମୃତ, ୨ ଗୁରୁତର



ରାୟଗଡ଼,୧୨।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପିତାମହଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଗୁଡା ଗାଁରେ ବଜ୍ରଘାତରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଆଜି ଅପରାହ୍ନରେ ବିଷ୍ଣୁଗୁଡା ଗାଁ ନିକଟରେ ଏକ କପା ବାଡ଼ିରେ ୫ଜଣ ଶ୍ରମିକ କାମ କରୁଥିଲେ। ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଗୁରୁତର ହୋଇଥିଲେ। ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ରାୟଗଡ଼ା ବ୍ଲକ ପୀତାମହଲ ପଞ୍ଚାୟତର ବିଷ୍ଣୁଗୁଡ଼ା ଗ୍ରାମର ସମ୍ବାରୀ ପିଡ଼ିକା(୪୫)ଙ୍କ କୁଡେଶୁ ଗାଁ ପାହାଡ଼ ତଳେ ଥିବା କପାବାଡ଼ରେ ଏହି ୫ ଶ୍ରମିକ କାମ କରୁଥିଲେ। ବଜ୍ରପାତରେ ମୃତକମାନେ ହେଲେ ସମ୍ବାରୀ ପିଡିକା, ଲେଖପୁଟ ଗାଁର ଏମେଲ ମିଣିଆକା, ଝୁମୁକା ଗାଁର ଗିରିଆ ମିଣିଆକା। ଏଥିରେ ସମ୍ବାରୀଙ୍କ ବଡ଼ଭଉଣୀ ପାଣ୍ଡେ ପିଡ଼ିକା ଓ ହରିପୁର ଗାଁର ତୁଳସୀ ପିଡିକା ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇ ଶେଷଖାଲ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଶେଷଖାଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

# ପ୍ରତି ବ୍ଲକ୍‌ରେ ଖୋଲିବ ଆଇଟିଆଇ

ଭୁବନେଶ୍ୱର, ୧୨।୯ (ସମିସ): ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ମିଳିବ। ବୈଷୟିକ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭରଶୀଳ କରାଯିବ। ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟରେ ଅନେକ ଆଇଟିଆଇ ଖୋଲାଯିବ। ୨୦୪୭ ସୁଦ୍ଧା ରାଜ୍ୟର ପ୍ରତିଟି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଆଇଟିଆଇ ଖୋଲିବାକୁ ରାଜ୍ୟ ସରକାର ଲକ୍ଷ ଧାର୍ଯ୍ୟ କରିଛନ୍ତି। ସମ୍ପ୍ରତି ହାରାହାରି ୪ଟି ବ୍ଲକ୍‌ରେ ଗୋଟିଏ ଆଇଟିଆଇରେ ଛାତ୍ରଛାତ୍ରୀମାନେ ତାଲିମ୍ ନେଉଛନ୍ତି। ଏହାକୁ ୨୦୩୬ ସୁଦ୍ଧା ଦୁଇଗୁଣା କରାଯିବ। ଭିଜନ୍ ଓଡ଼ିଶା-୨୦୩୬କୁ ଆଖିରେ ରଖି ପ୍ରତି ଦୁଇଟି ବ୍ଲକରେ ଗୋଟିଏ ସରକାରୀ ଆଇଟିଆଇ ଖୋଲିବାକୁ ଯୋଜନା ରହିଛି।

ଅନୁରୂପ ଭାବେ ଭିଜନ୍ ଓଡ଼ିଶା-୨୦୪୭କୁ ଦୃଷ୍ଟିରେ ରଖି ପ୍ରତି ବ୍ଲକ୍‌ରେ ଆଇଟିଆଇ ଖୋଲିବାକୁ ଲକ୍ଷ ରହିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏନେଇ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକଙ୍କୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ବିଭିନ୍ନ ସମୟରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସରକାରୀ ଆଇଟିଆଇ ଖୋଲିବାକୁ ଅନୁରୋଧ କରିଛନ୍ତି।

# ବିଧାନସଭାରେ ସାଧାରଣ ଲୋକଙ୍କ ସ୍ୱର ପ୍ରତିଫଳିତ ହୁଏ: ସୁରମା



ଭୁବନେଶ୍ୱର,୧୨।୯ (ସମିସ): କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆୟୋଜିତ ଏକାଦଶ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ "ବିଧାନସଭା ଗୃହରେ ବିତର୍କ ଓ ଆଲୋଚନା: ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସଭାଜନରେ ସହାୟକ' ଶୀର୍ଷକ ଆଲୋଚନା ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଧାନସଭା ହେଉଛି ଗଣତନ୍ତ୍ରର ପବିତ୍ର ସ୍ଥାନ। ସେଠାରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା, ସମସ୍ୟାର ସମାଧାନ ଓ ଏହାର ନିରାକରଣ ସମ୍ଭବ ହୋଇଥାଏ। ବିତର୍କ ମାଧ୍ୟମରେ ସହମତି ପ୍ରକାଶ ପାଏ। ସାଧାରଣ ଲୋକଙ୍କର ସ୍ୱର ପ୍ରତିଫଳିତ ହୁଏ। ସଂସଦୀୟ ପରମ୍ପରାରେ ବିତର୍କ ଓ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ୧୧ରୁ ୧୩ ପର୍ଯ୍ୟନ୍ତ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ବାଚସ୍ପତି ୟୁ ଟି, ଖାଦେର ଫରିଦ୍, ବିଭିନ୍ନ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତି ଯୋଗ ଦେଇଛନ୍ତି।

# ୬ମାସ ବଢ଼ିଲା ପିଏମ୍ କିଷାନ ଅବଧି

ଭୁବନେଶ୍ୱର,୧୨।୯ (ସମିସ): ପିଏମ୍ କିଷାନରୁ ବାଦ ପଡ଼ିଥିବା ଚାଷୀମାନଙ୍କ ପାଇଁ ପଞ୍ଜିକରଣ ଅବଧି ବୃଦ୍ଧି କଲେ କେନ୍ଦ୍ର ସରକାର। କେୱାଇସି ଅବଧିକୁ ଆଉ ୬ ମାସ ବୃଦ୍ଧି କରାଯାଇଛି। ୮ ସେପ୍ଟେମ୍ବରରୁ ଆଉ ୬ ମାସ ବୃଦ୍ଧି କରିଛନ୍ତି। ସିଏମ୍ କିଷାନ ପାଉଥିବା ହିତାଧିକାରୀ ପିଏମ୍ କିଷାନରେ କେୱାଇସି ଅପଡେଟ୍ କରି ସାମିଲ ହୋଇପାରିବେ। ଏବେ ସିଏମ କିଷାନରେ ୫୧ ଲକ୍ଷ ୫୪ ହଜାର ଥିବାବେଳେ ପିଏମ କିଷାନରେ ୩୪ ଲକ୍ଷ ୮୫ ହଜାର ହିତାଧିକାରୀ ସାମିଲ ଅଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଅଧିକ ୬ ଲକ୍ଷ ହିତାଧିକାରୀ ପିଏମ କିଷାନରେ ସାମିଲ ହୋଇଛନ୍ତି। ଅଧିକ ଚାଷୀଙ୍କୁ ଯୋଡିବାକୁ ସରକାର ଏହି ସ୍ୱତନ୍ତ୍ର ଅଭିଯାନ ଲାଗୁ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଥର ମହଙ୍ଗା...

କିଲୋ ପିଛା ହାରାହାରି ୮୦ ଟଙ୍କାରୁ କମ୍ ନାହିଁ। ସାଧାରଣ କଖାରୁ କିଲୋ ୪୦ ଟଙ୍କାରୁ ୫୦ ଟଙ୍କା ହୋଇଯାଇଛି। ପୋଟଳ, ବିନ୍ସ, ସଜନା ଛୁଇଁ, କ୍ୟାପ୍ସିକମ୍ ମୂଲ୍ୟ କିଲୋ ପିଛା ୧୦୦ ଉପରେ। ମୁଦ୍ରାସ୍ଫୀତି ବାସ୍କେଟରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରର ଯୋଗଦାନ ପ୍ରାୟ ୫୦%, ତେଣୁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ଜୁଲାଇ ମାସରେ ୧.୧୮% ରହିଥିବାବେଳେ ଅଗଷ୍ଟରେ ଏହା ୧.୬୯%କୁ ବୃଦ୍ଧି ପାଇଛି। ଅନୁସରୂପ ଭାବରେ ସହରାଞ୍ଚଳରେ ମୁଦ୍ରାସ୍ଫୀତି ୨.୧୦%ରୁ ୨.୪୭%କୁ ବୃଦ୍ଧି ପାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ଅଗଷ୍ଟ ମାସରେ ମୁଖ୍ୟ ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପଛରେ ମୁଖ୍ୟ କାରଣ ହେଉଛି ପନିପରିବା, ମାଂସ ,ମାଛ, ଅଣ୍ଡା ,ତେଲ ଏବଂ ପର୍ସନାଲ କେୟାର ଉତ୍ପାଦ ମୂଲ୍ୟରେ ଅହେତୁକ ବୃଦ୍ଧି। ଏହି ସାମଗ୍ରୀଗୁଡିକର ମୂଲ୍ୟରେ ତୀବ୍ର ବୃଦ୍ଧି ଗ୍ରାହକଙ୍କ ବଜେଟ୍‌କୁ ପ୍ରଭାବିତ କରିଛି। ଏହା ସହ ପାର୍ବଣ ସମୟରେ ଲୋକମାନେ ବ୍ୟବହାର କରୁଥିବା ଡ୍ରାଏଫ୍ରୁଟ୍ସ ମୂଲ୍ୟ ପୁଣି ବଢ଼ିଛି । କାଜୁ ବାଦାମ, କସ୍‌ମିସ୍ ଏବଂ କେସର ଭଳି ଡ୍ରାଏ ଫ୍ରୁଟ୍ ମୂଲ୍ୟ ମହଙ୍ଗା ହେବାରେ ଲାଗିଛି। କାଶ୍ମୀର କେଶର ମୂଲ୍ୟ କିଲୋ ପିଛା ୧.୫ରୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଗତ ବର୍ଷ ତୁଳନାରେ କେଶରର ବଜାର ୧୦-୧୫% ଅଧିକ ମହଙ୍ଗା ହୋଇଛି। ସେହିପରି କାଜୁ ବାଦାମ, ପିସ୍ତା ଏବଂ କିସ୍‌ମିସ୍‌ର ମୂଲ୍ୟ ୧୫-୨୦% ବୃଦ୍ଧି ପାଇଛି।

### ଘାରିଲାଣି ମିଛ...

ଏହି ସୁପାରିସ କମିଟି ବୈଠକରେ ସର୍ବସମ୍ମତକ୍ରମେ ଗୃହୀତ ହୋଇଛି। ସାମାଜିକ ଗଣମାଧମ 'ଏକ୍ସ'ରେ ଏହି ସୂଚନା ଦେଇ ସେ ଏକ ମିଥ୍ୟା ଖବରର କ୍ଲିପ୍ ମଧ ଲଗାଇଛନ୍ତି, ଯେଉଁଥିରେ ମିଥ୍ୟା ଖବର ଜରିଆରେ ସରକାରୀ ଦଳକୁ ଟାର୍ଗେଟ କରାଯାଇଛି। ଏହାର ଉଦାହରଣ ଦେଇ ସେ କହିଛନ୍ତି ଯେ ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବାର ଆବଶ୍ୟକତା ରହିଛି। ଦୁବେ 'ଏକ୍ସ'ରେ କହିଛନ୍ତି ଆହୁରି ଯେ ଭାରତକୁ ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଥାଇଲାଣ୍ଡରେ ପରିଣତ ହେବାକୁ ଦିଆଯିବ ନାହିଁ। ଲୋକମାନଙ୍କୁ ବିଭ୍ରାନ୍ତ କରିବା ଲାଗି ଯେଉଁମାନେ ରାଷ୍ଟ୍ର-ବିରୋଧୀ ଏଜେଣ୍ଡା ଚଳାଇଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖବର ସତ୍ୟ ଉପରେ ଆଧାରିତ ହେବା ଜରୁରୀ।

ମିଳିଥିବା ରିପୋର୍ଟ ଅନୁଯାୟୀ ମିଥ୍ୟା ଖବର ପରିବେଶଣ କରୁଥିବା ଗଣମାଧ୍ୟମଗୁଡ଼ିକୁ ଏଥର ଜରିମାନା ଦେବାକୁ ହେବ। ଦେଶର ସମସ୍ତ ପ୍ରିଣ୍ଟ, ଇଲେକଟ୍ରୋନିକ ଏବଂ ଡିଜିଟାଲ ମିଡିଆ ପାଇଁ ଫାକ୍ଟ ଚେକିଂ ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବାକୁ ସୁପାରିସ କରାଯାଇଛି। ସଂପାଦକ ଏବଂ ସଂପାଦକୀୟ ବିଭାଗର କଣ୍ଟେଣ୍ଟ ହେଡ୍‌ଙ୍କୁ ମିଥ୍ୟା ଖବର ପାଇଁ ଉତ୍ତରଦାୟୀ କରିବା ଲାଗି ରିପୋର୍ଟରେ ସୁପାରିସ କରାଯାଇଛି। ବିଫଳତା ପାଇଁ ସଂସ୍ଥାର ମାଲିକ ଓ ପ୍ରକାଶକଙ୍କୁ ମଧ ଦାୟୀ କରାଯାଉ। ସମ୍ବାଦପତ୍ର ଓ ଇଲେକଟ୍ରୋନିକ ଗଣମଧମ ଉପରେ ନଜର ରଖିବା ଲାଗି ଆଇନରେ ଆବଶ୍ୟକ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପ୍ରସ୍ତୁତ କେଣ୍ଟେଣ୍ଟକୁ ରୋକିବା ମଧ ଜରୁରି। ତେବେ ଗଣମାଧ୍ୟମ ଓ ଅନ୍ୟ ସଂସ୍ଥା ସହିତ ବ୍ୟାପକ ବିଚାର ଆଲୋଚନା କରାଯାଇ ସହମତି ଭିତ୍ତିରେ ଏଭଳି କଟକଣା କରାଯାଉ ବୋଲି ରିପୋର୍ଟରେ କୁହାଯାଇଛି।

### ଆମଦାନୀ ଗୁଣ୍ଡ ଦୁଗ୍ଧରେ...

ଜାତୀୟ ସ୍ତରରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୪୪୪ ଗ୍ରାମ୍ ଥିବାବେଳେ ଓଡ଼ିଶାରେ ଏହା ମାତ୍ର ୧୪୪ ଗ୍ରାମ୍ ରହିଛି। ନାବାର୍ଡର ଏକ ରିପୋର୍ଟ ଅନୁସାରେ, ୨୦୨୩ ସୁଦ୍ଧା ଓଡ଼ିଶାର ଜନସଂଖ୍ୟା ୪.୭୯ କୋଟି ହେବ ବୋଲି ଆକଳନ କରାଯାଇଥିବା ବେଳେ ରାଜ୍ୟର ଆବଶ୍ୟକତା ପୂରଣ ଲାଗି ଆଇସିଏମ୍‌ଆର୍ ସୁପାରିସ ଅନୁସାରେ ୫.୨୫ ନିୟୁତ ଟନ୍ ଦୁଗ୍ଧ ଆବଶ୍ୟକ। କିନ୍ତୁ ୨୦୨୨-୨୩ରେ ୨.୪୮ ନିୟୁତ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଛି। ଏହା ମୋଟ ଆବଶ୍ୟକତାର ମାତ୍ର ୪୭.୨୩ ପ୍ରତିଶତ। ସେହିପରି ୨୦୩୩-୩୪ ସୁଦ୍ଧା ରାଜ୍ୟର ଜନସଂଖ୍ୟା ୫.୩୫ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବା ବେଳେ ସେହି ସମୟରେ ୪.୮୬ ନିୟୁତ ଟନ୍ ଦୁଗ୍ଧ ଆବଶ୍ୟକତ ହେବ। ସେହି ଲକ୍ଷ୍ୟ ହାସଲ କରିବା ଲାଗି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବାର୍ଷିକ ୮.୯୮ ପ୍ରତିଶତ ହାରରେ ଆଗକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ରାଜ୍ୟର କ୍ଷୀର ଚାହିଦାକୁ ମେଣ୍ଟାଇବା ପାଇଁ କିଛି ଘରୋଇ ଡାଏରୀ ଅନ୍ୟ ରାଜ୍ୟରୁ ଗୁଣ୍ଡ କ୍ଷୀର ଆଣି ତାହାକୁ ଅପମିଶ୍ରଣ କରୁଥିବା ଏବଂ ଅନ୍ୟ ରାଜ୍ୟରୁ ଆମଦାନୀ ହେଉଥିବା ଅପମିଶ୍ରିତ କ୍ଷୀର ଓଡ଼ିଶା ବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ବଜାରରେ ମିଳୁଥିବା ଅଧିକାଂଶ କ୍ଷୀରରେ ଟ୍ୟାପ୍ ପାଣି, ସୋଡିଅମ୍ ହାଇଡ୍ରକ୍‌ସାଇଡ, ଲୁଣ ଏବଂ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ମିଶ୍ରଣ କରାଯାଉଥିବା ଅଭିଯୋଗ ହେଉଛି। "ଫୁଡ୍ ସେଫ୍‌ଟି ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ'(ଏଫ୍‌ଏସ୍‌ଏସ୍‌ଏଆଇ)ର ନମୁନା ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଉତ୍ପାଦିତ ୪୧ ପ୍ରତିଶତ କ୍ଷୀରରେ ଶରୀର ଲାଗି ଆବଶ୍ୟକ ସ୍ନେହସାର ମଧ ନ ଥାଏ। ପାଖାପାଖି ୭ରୁ ୧୦ ପ୍ରତିଶତ କ୍ଷୀର ମଧ ଅପମିଶ୍ରିତ, ଯହିଁରେ ହାଇଡ୍ରୋଜେନ ପେରକ୍‌ସାଇଡ, ଡିଟରଜେଣ୍ଟ, ୟୁରିଆ ଇତ୍ୟାଦି ଭଳି ମାରାତ୍ମକ ରାସାୟନିକ ପଦାର୍ଥ ମଧ ମିଶାଯାଉଥିବା ଅଭିଯୋଗ ହୋଇଛି।

ଶରୀରକୁ କ୍ଷତି ପହଞ୍ଚାଇବା ଭଳି ସାମଗ୍ରୀରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥଗୁଡ଼ିକୁ ଚିହ୍ନଟ ପାଇଁ ନା ସରକାରଙ୍କର ଆନ୍ତରିକତା ଅଛି, ନା ସରକାରୀ ଅଧିକାରୀମାନେ ଏହାପ୍ରତି କେବେ ମନଯୋଗୀ ହୋଇ ପାରୁଛନ୍ତି। ଯାହାଫଳରେ ଓଡ଼ିଶାରେ କ୍ଷୀର ବଜାର କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ହେଉଛି ଏବଂ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ନାଗରିକ ଏହି ଅପମିଶ୍ରିତ କ୍ଷୀର ଖାଇ ରୋଗଗ୍ରସ୍ତ ହେଉଛନ୍ତି ଏବଂ ସାଧାରଣ ଉପଭୋକ୍ତା ମଧ ଠକେଇର ଶିକାର ହେଉଛନ୍ତି।

### ତହସିଲଦାର, ଶ୍ରମ ଅଧିକାରୀ...

ଦେବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଡ୍ରାଇଭର ପି.ପ୍ରବୀଣ ଏବଂ ତହସିଲଦାର ଅଶ୍ୱିନୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରି ଗିରଫ କରିଛି। ଏହାପରେ ତହସିଲଦାରଙ୍କ ଭୁବନେଶ୍ୱର ମେ' ଫେୟାର ରୋଡରେ ଥିବା ଘର ଏବଂ ଅଫିସ ଚାମ୍ବର ଯାଞ୍ଚ କରିବା ପରେ ୪ଲକ୍ଷ ୭୩ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଛି। ଅଶ୍ୱିନୀ ୨୦୧୯ ରେ ଓଡ଼ିଶା ସିଭିଲ ସର୍ଭିସେସ୍‌ରେ ଟପ୍ପର ହୋଇଥିଲେ। ଜଣେ ଟ୍ରେନିଂ ରିଜର୍ଭ ଅଫିସର (ଟିଆରଓ) ୨୦୨୧ ଡିସେମ୍ବର ୩୦ ତାରିଖରୁ ସରକାରୀ ଚାକିରି ଆରମ୍ଭ କରିଥିଲେ। ପରେ ୨୦୨୫ ଜୁଲାଇ ୧ ତାରିଖରେ ସେ ସମ୍ବଲପୁର ଜିଲ୍ଲା ବାମରାରେ ତହସିଲଦାର ଭାବେ ଯୋଗ ଦେଇଥିଲେ। ଯାଜପୁର ଧର୍ମଶାଳାର ଅଶ୍ୱିନୀ ପଣ୍ଡା ଇଞ୍ଜିନିୟର୍ ଡିଗ୍ରୀ ହାସଲ କରିବା ପରେ ଏଏସ୍ଓ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ୨୦୧୮ ମସିହା ଏଏସ୍ଓ ପରୀକ୍ଷାରେ ବିଫଳ ହେବା ପରେ ୨୦୧୯ ରେ ସେ ଓପିଏସ୍‌ସି ଟପ୍ପର ହୋଇଥିଲେ।

ସେହିପରି ୬ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଛନ୍ତି ଶ୍ରମ ଅଧିକାରୀ। ଶ୍ରମ କାର୍ଡ କରାଇଦେବା ପାଇଁ ନୟାଗଡ଼ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଲେଖାଏଁ ଲାଞ୍ଚ ମାଗିଥିଲେ। ଏହିପରି ୨୨ଟି ଶ୍ରମ କାର୍ଡ କରିବା ପାଇଁ ସେ ୬ ହଜାର ୬୦୦ ଟଙ୍କା ଦାବି କରିଥିଲେ। ସେ ଆଜି ୨୧ଟି କାର୍ଡ କରାଇଦେବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲା ନୟାଗଡ଼ ଭିଜିଲାନ୍ସ ଟିମ୍। ସେହିପରି ସରକାରୀ ଅର୍ଥ ହେରଫେର ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ବିଜାତୋଳା ବ୍ଲକ ଲୁହାଶିଳା ପଞ୍ଚାୟତର ପୂର୍ବତନ ପିଇଓ ପୁଷ୍ପିତା ମହାକୁଡ଼। ବାର୍ଦ୍ଧକ୍ୟ ଭତ୍ତା ବାବଦରେ ସେ ପ୍ରାୟ ୬ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏହାର ତଦନ୍ତ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବା ପରେ ତାଙ୍କୁ ଆଜି ଗିରଫ କରାଯାଇଛି।


**AFFIDAVIT**

I, Vinith Patnaik, S/o Malaya Ranjan Pattanayak, Resident of Plot no. 939/6710 Sidheswar Nagar Jagamara, Po/Ps Khandagiri, Dist- Khordha Pin-751030, Odisha declare by this affidavit No. 6672 dtd.- 07/02/2025 that now onwards I shall be known as **Vinith Pattnaik** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 12/09/2025. I, **Reeta Rana,** D/O- Satya Rana, resident of Village At/Po- Belgaon, PS- Saintala, Dist- Balangir, Odisha, PIN- 767032. That, the deponent actual name is **Reeta Rana** as per her School Certificate issued by BSE, Odisha vide No. 1902007010, Roll No. 030EG0042, but in the Aadhar Card vide No- 7834 3461 6335 her name has been wrongly mentioned as **Rita Rana.** Henceforth, **Reeta Rana** and **Rita Rana** is same and one person in the locality and I shall be known as **Reeta Rana** (new name), D/O- Satya Rana for all future purposes.

**Reeta Rana**

**AFFIDAVIT**

I, SMT. SASMITA KUMARI PANDA, W/o: Sujit Kumar Panigrahy, At: Puruna Post Office Sahi, Purushottampur, Po/P.S.: Purushottampur, Dist. Ganjam, declares by virtue of an affidavit Sl. No- 585. dated 03.09.2025 before Executive Magistrate, Purushottampur that in my Passport No: V7234959, in which my SPOUSE's name wrongly recorded as Sujit Panigrahy instead of SUJIT KUMAR PANIGRAHY. I need to be correct this. This is to be produced before the concerned authority.

**Notice**
**(Above 18 years of age)**

By virtue of an affidavit sworn before the Executive Magistrate, Udala, Mayurbhnaj, dated 04.09.2025 I, Sukulmani Soren, Address At- Andiatikira, Po- Dengam, Ps- Khunta, Dist- Mayurbhanj, Pin- 757104 declare that I have changed my name Srimati Sukulmani Soren to Sukulmani Soren . Henceforth I shall be known as **Thibu Murmu** for all purposes.

**Sukulmani Soren**

**AFFIDAVIT**

By virtue of an affidavit No. 5113 sworn before the Executive Magistrate, Champua on date- 21/08/2025. I **KAMA NAIK,** resident of Vill/Po- Kashipal, Ps- Baria, Dist- Keonjhar, Odisha, Pin-758044 declare that I have changed my name from **Kamadev Naik** (old name) to **Kama Naik** (new name). Henceforth I shall be known as **Kama Naik,** S/o- Bana Naik for all future purpose.

**Sd/- KAMA NAIK**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 12.09.2025, I Aditya Singh, Address At-Sarbeswarpur, Po- Chandanpur, Ps-Badasahi, Dist- Mayurbhanj, State-Odisha, Pin- 757017 declare that I have changed my name from Bapu Singh to Aditya Singh. Henceforth, I shall be known as **Aditya Singh** for all purposes.

**Aditya Singh**

**AFFIDAVIT**

I, Kandhu Khara, S/o- Late Miluku Khara resident of Vill.- Daba, Po.- Kasandi, Ps.- Nandapur, Dist.- Koraput, Odisha, Pin- 764037 vide affidavit no.-82, dtd.12.09.2025 state that I have changed my name from **Kandhu Gayel** to **Kandhu Khara**. Henceforth I shall be known as **Kandhu Khara** for all purposes.

**AFFIDAVIT**

By virtue of an affidavit (CF No. 06) sworn before the Executive Magistrate, Padampur on dated- 11/09/2025. I, **Sunil Kumar Behera,** S/o Late Gunanidhi Behera, permanent resident of At- Padampur, PO- Padampur, Dist- Bargarh, PIN- 768036, Odisha declare that I have changed my minor son's name from **Animesh Behera** (old name) to **Animesh Kumar Behera** (new name). Henceforth, I shall be known as **Animesh Kumar Behera** (new name) for all purposes.

**Sunil Kumar Behera**

L-63

**OFFICE OF THE EXECUTIVE ENGINEER (AGRIL.), AGRIL. ENGG. DIVISION, KEONJHAR**
AT/PO: MACHAPUR, DISTRICT: KEONJHAR-758001
E-mail ID: eeagril.kjr@gmail.com
**e-Procurement Notice: Dated 12.09.2025**
**Bid Identification No. EE(AGRIL)Keonjhar Division-01/2025-26**

The Executive Engineer (Agril.), Agril. Engg. Division, Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website www.tendersodisha.gov.in, for civil works/buildings in the district of Keonjhar as detailed below:

| Sl. No. | Nos of the work/nature of work for which Tender invited | Approximate Estimated cost put to Tender (Excluding G.S. T) (Rs.lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 03Nos (Three nos) Building works / Civil construction works/ PH Sanitary & Electrical works | Vary from Rs.11.87 lakh to Rs.15.01 lakh | Rs.6000.00 | 1% Of the Amount Put to Tender | C&D | 120Days |

1. Date & Time of availability of bid document in the portal :15.09.2025 at 10.00 AM to 22.09.2025, 5.30 PM
2. Last date / Time for receipt of bids in the portal :22.09.2025 upto 5.30 PM
3. Date of submission of original bid documents in Tender Box :15.09.2025,10.00 AM to 23.09.2025 up to 1.00 PM
4. Date & Time of opening of original Documents, Verification& Online bids– 24.09.2025 at 11.00 AM onwards

The Bidders have to participate in **ONLINE bidding only** in the e- Procurement website: https://tendersodisha.gov.inwith matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website.Authority reserve the right to reject/accept any or all of the tenders ,increase/decrease the quantities of works without assigning any reasons thereof.

Sd/- Executive Engineer (Agril.)
Agril. Engg. Division, Keonjhar

OIPR-01460/11/0007/2526

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ରେ: ନଂ: ୫୧/ ଏସ୍.ଏମ୍. ତା ୨୬/୦୬/୧୯୫୬
ବିଜ୍ଞପ୍ତି ସଂଖ୍ୟା ୨୮୫୨ / ତାରିଖ ୧୦.୦୯.୨୦୨୫

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୭ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା:୨୬.୦୯.୨୦୨୫ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବରଗଡ଼ର ରେଳୱେ ଷ୍ଟେସନ ରୋଡ୍, ଆର୍.ଏମ୍.ସି ମାର୍କେଟ ନିକଟସ୍ଥ "ଯଦୁମଣି ପ୍ରଧାନ ଅଡ଼ିଟୋରିୟମ୍" ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି: ଦ୍ର: - ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସଙ୍ଗରେ ଆଣିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୪-୨୫ ବର୍ଷର ଅଡ଼ିଟ ରିପୋର୍ଟ ପଠନ ଓ ଗ୍ରହଣ।
୪. ୨୦୨୪-୨୫ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୫. ୨୦୨୫-୨୬ ବର୍ଷର ବଜେଟ୍ ଅଟକଳ ଅନୁମୋଦନ।
୬. ୩୧.୦୮.୨୦୨୫ ପର୍ଯ୍ୟନ୍ତ ବ୍ୟାଙ୍କର ଆୟ ଓ ବ୍ୟୟର ଅନୁମୋଦନ।
୭. ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)।

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
ସ୍ୱା/-
ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ

ସକାଳ
THE SAKALA



# ପଦ୍ମପୁରରେ ୟୁରିଆ ସାରର ଘୋର ଅଭାବ

ପଦ୍ମପୁର,୧୨।୯ (ସମିସ)



**ପାକ୍ସରେ ନିଅଣ୍ଟ, ବାହାରେ ୮୦୦ରୁ ୯୦୦ ଟଙ୍କା**

ବର୍ତ୍ତମାନ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ସାରର ବର୍ତ୍ତମାନ ଆବଶ୍ୟକତା ରହୁଥିବା ବେଳେ ପ୍ରାଥମିକ ସେବା ସମିତିରେ ସାର ପର୍ଯ୍ୟାପ୍ତ ମିଳୁ ନ ଥିବାରୁ ଚାଷୀ ବାଧ ହୋଇ କଳାବଜାରର ଶିକାର ହେଉଛନ୍ତି। ଚଳିତ ବର୍ଷ ଖରିଫରେ ପଦ୍ମପୁର ବ୍ଲକ୍‌ରେ ୧୯,୨୦୦ ହେକ୍ଟରରେ ଧାନ ଚାଷ ହୋଇଛି। ଏଥିପାଇଁ ଚାଷୀଙ୍କୁ ପ୍ରାୟ ୨୨ଶହ ମେଟ୍ରିକ ଟନ ୟୁରିଆ ସାରର ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ କରିବା ପାଇଁ ପଦ୍ମପୁର ବ୍ଲକ୍‌ରେ ପ୍ରାଥମିକ ସେବା ସମବାୟ ସମିତିକୁ ମିଶାଇ ୪୪ଡିଲର ବିକ୍ରି କରୁଥିବା ବେଳେ ପଦ୍ମପୁର ସହରରେ ୧୦ ଜଣ ଡିଲରଙ୍କ ଦ୍ୱାରା ସାର ବିକ୍ରୟ ଚାଲିଛି। ସେବା ସମବାୟ ସମିତି ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ସାର ବଣ୍ଟନ କରାଯାଉଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। କାରଣ ସେମାନେ ଷ୍ଟକ ଅନୁସାରେ ଗୋଟିଏ ଚାଷୀକୁ ବସ୍ତାଏ କିମ୍ବା ଦୁଇ ବସ୍ତା ମାତ୍ର ଦେଉଛନ୍ତି। ଯାହାକି ଚାଷୀଙ୍କୁ ଅଣ୍ଟୁନାହିଁ। ସେମାନେ ବାଧ ହୋଇ ବାହାରୁ ଲାଇସେନ୍ସ ପ୍ରାପ୍ତ ଡିଲର ଠାରୁ ପୁଣି ଆଧାର କାର୍ଡ ଦେଇ ୮୦୦ ରୁ ୯୦୦ ଟଙ୍କାରେ ସାର କିଣିବା ପାଇଁ ବାଧ ହେଉଛନ୍ତି। ହୋଲସେଲର ମାନେ ଏହି ସାରକୁ ଗଚ୍ଛିତ ରଖି ସିଧାସଳଖ ବିକ୍ରି ନ କରି ଗ୍ରାମାଞ୍ଚଳର ଛୋଟ ଛୋଟ ଦୋକାନ ମାଧ୍ୟମରେ କଳାବଜାର କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ତେଣୁ କୃଷି ବିଭାଗ ତରଫରୁ ଚଢ଼ଉ ହେଲେ ପ୍ରକୃତ ସତ୍ୟତା ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ଆପ୍ରଇଜ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସକୁ ମିଳିଲା ରବୀନ୍ଦ୍ରରତ୍ନ ପୁରସ୍କାର

ବରଗଡ଼,୧୨।୯ (ସମିସ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରଇଜ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସକୁ କିଛି ଦିନ ମଧ୍ୟରେ ଶିକ୍ଷାର ବିକାଶ ତଥା ସାମାଜିକ କାର୍ଯ୍ୟକ୍ରମ ପାଇଁ ପ୍ରଶଂସାର ସୁଅ ଛୁଟିଛି। ଅନ୍ତର୍ଜାତୀୟ ପୁରସ୍କାର ସହିତ ଭାରତୀୟ ରେଡକ୍ରସ ସୋସାଇଟିରେ ମଧ୍ୟ ସଦସ୍ୟତା ସ୍ଥାନ ପାଇଛି। ପ୍ରକାଶ ଥାଉ କି ବାପା ମା ଛେଉଣ୍ଡ ପୁଅ ଝିଅ ମାନଙ୍କୁ ତଥା ସହୀଦ ହୋଇଥିବା ପରିବାରର ପୁଅ ଝିଅ ମାନଙ୍କୁ ମାଗଣାରେ ପାଠ ପଢ଼େଇ ଏକ ମହତ କାର୍ଯ୍ୟରେ ନିଜକୁ ସାମିଲ କରି ପାରିଛି। ଏଥି ପାଇଁ ଶିକ୍ଷାରତ୍ନ ସାମ୍ମାନ, ରବୀନ୍ଦ୍ରରତ୍ନ ପୁରସ୍କାର ମିଳିଛି ବୋଲି ଆପ୍ରଇଜ ଗ୍ରୁପର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ସୂଚନା ପ୍ରଦାନ କରିଛନ୍ତି। ଏହି ପରି ସମ୍ମାନ ପାଇଁ ଆପ୍ରାଇଜ ଗ୍ରୁପ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଅଣ ଶିକ୍ଷକ କର୍ମଚାରୀ ତଥା ସମସ୍ତ ଶାଖାର ଅଧ୍ୟକ୍ଷ ମାନେ ଇଂ.ଜଗଦୀଶ ଚନ୍ଦ୍ର ବେହେରାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସାଧୁବାଦ ଜଣାଇଛନ୍ତି।



## ସାମ୍ବାଦିକ ଶାନ୍ତନୁ ବିଶ୍ୱାଳଙ୍କ ଶ୍ରାଦ୍ଧ ବାର୍ଷିକୀରେ ରକ୍ତଦାନ ଶିବିର

ବରଗଡ଼,୧୨।୯ (ସମିସ): ସାମ୍ବାଦିକ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବୁଦେଲପାଲି ଗାଁରେ ବୀର ସୁଭାଷ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଳାପାଣି ପଞ୍ଚାୟତ ସରପଞ୍ଚ ଖୁଲଣା ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଂଘର ସଭାପତି ଓକିଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବୀରେନ୍ଦ୍ର ପ୍ରଧାନ, ଜାବର ସଭାପତି ରବିନାରାୟଣ ପଣ୍ଡା, ବରଗଡ଼ ନାଗରିକ ମଞ୍ଚର ସମ୍ପାଦକ ଭବାନୀ ସାହୁ, ଆର୍ଟ ଅଫ୍ ଲିଭିଙ୍ଗର ଅମରଜିତ୍ ଷଡଙ୍ଗୀ, ଗଣଦୃଷ୍ଟି ମିଡିଆର ମୁଖ୍ୟ ସମ୍ପାଦକ ଉମେଶ ଚନ୍ଦ୍ର ବିଶ୍ୱାଳ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ସମ୍ବାଦ ସେବା ଓ ସମାଜ ସେବା ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରକ୍ତଦାତା ପ୍ରଦୀପ୍ତ କର ଓ ବୁର୍ଲା ରକ୍ତଭଣ୍ଡାର ଡ.ଦେବାଶିଷ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଶେଷରେ ପ୍ରଦୀପ ମାହାର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ରି ଗ୍ରୀଡ୍‌ରୁ ଅନୁଗୋଳ ଡଭାକୁ ବିଦ୍ୟୁତ୍ ସଂଯୋଗର ଶୁଭାରମ୍ଭ



ଝାରବନ୍ଧ,୧୨।୯ (ସମିସ): ଝାରବନ୍ଧ ବ୍ଲକ୍ ସଂକ୍ରି ଠାରେ ନିର୍ମାଣାଧୀନ ଗ୍ରୀଡ଼ ସବ୍‌ଷ୍ଟେସନ ୧୩୨/୩୩ କେଭିରୁ ୩୩/୧୧ କେଭି ବିଦ୍ୟୁତ ଡଭା ପ୍ରାଇମେରୀ ସବ୍‌ଷ୍ଟେସନକୁ ସଂଯୋଗ କରିବା ପାଇଁ ଶୁକ୍ରବାର ଅନୁଗୁଳ, ବଣ୍ଡାମୁଣ୍ଡାରେ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଟାଟାପାୱାର ଝାରବନ୍ଧ ଏସଡିଓ ଗଜେନ୍ଦ୍ର ରଣା, ଆସିଷ୍ଟାଣ୍ଟ ଏକ୍‌ଜେକ୍ୟୁଟିଭ ଇଂ.ଅମରେଶ ଚନ୍ଦ୍ର କନ୍ଧ, ଏଚଓଜି ଟିକମ ସିଂ ବରଗଡ଼ ପ୍ରୋଜେକ୍ଟ, ଅନିଲ ପ୍ରଧାନ ଟିମ ଲିଡ ପ୍ରୋଜେକ୍ଟ ଇଞ୍ଜିନିଅର ପାଇକମାଳ ଉପସ୍ଥିତ ଥିଲେ। ଆଞ୍ଚଳିକ କୃଷକ ସଂଗଠନର ଅଶୋକ ସାହୁ, ହେମନ୍ତ ଚରଣ ସାହୁ, ଧନିରାମ ସାହୁ, ପ୍ରମୋଦ ସାହୁ, ଲଳିତ ପଟେଲ ପ୍ରମୁଖ ଏହାର ଉଦ୍‌ଘାଟନ କରିଥିଲେ। ଦୀର୍ଘ ୧୬ କିମି ବିଦ୍ୟୁତ ଖୁଣ୍ଟ ପୋତା କାମ ଚାଲିବ। ବର୍ତ୍ତମାନ ଯେଉଁଠାରେ ଚାଷ ନାହିଁ ସେଠାରେ କାମ ଆଗେଇବ ଏବଂ ଫସଲ ଉତ୍ପାଦନ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗ ତରଫରୁ ସୂଚନା ରହିଛି।

## ଲେଙ୍ଗୁ ମିଶ୍ରଙ୍କ ରାଜନୀତିର ପ୍ରାସଙ୍ଗିକତା ଆଜି ଅଧିକ




ବରଗଡ଼,୧୨।୯ (ସମିସ): ପ୍ରତିଶୋଧର ରାଜନୀତି ଆଜି ଭାରତୀୟ ରାଜନୀତିକୁ କଳୁଷିତ କରିବା ସମୟରେ ଲେଙ୍ଗୁ ମିଶ୍ରଙ୍କ ରାଜନୀତିର ପ୍ରାସଙ୍ଗିକତା ଆଜି ଅଧିକ ରହିଛି। ସେ ନିଜେ ଥିଲେ ଦୁସ୍ଥ ମାତ୍ର ନିଷ୍ପେସିତ ଅବହେଳିତଙ୍କ ପାଇଁ ସର୍ବଦା ସଂଗ୍ରାମରତ। ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ଆଜି ୩୧ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବରଗଡ଼ ମହିଳା ସମିତି ପକ୍ଷରୁ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଧାନସଭାରେ ବିରୋଧୀ ଦଳର ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଟି ଦୁଃଖୀ ମଣିଷର ଲେଙ୍ଗୁ ମିଶ୍ର ଥିଲେ ଅନ୍ତରର ବନ୍ଧୁ ବୋଲି ସେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ଅବସରରେ କହିଥିଲେ। ସାମାଜିକ ପ୍ରତିଷ୍ଠା କ୍ଷେତ୍ରରେ ସେ ନିଜକୁ ସବୁବେଳେ ସଂକୀର୍ଣ୍ଣ ରାଜନୀତିରୁ ଉର୍ଦ୍ଧ୍ୱରେ ରଖୁଥିଲେ। ଆଜିର ପ୍ରତିଶୋଧର ରାଜନୀତି ବଦଳରେ ଲେଙ୍ଗୁ ମିଶ୍ରଙ୍କ ପ୍ରତିରୋଧ ଓ ପ୍ରତିବାଦର ରାଜନୀତି ସଂପର୍କରେ ଯୁବ ସମାଜ ଜାଣିବା ଆବଶ୍ୟକ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ। ସମିତିର ସଭାପତି ଡ.ପ୍ରଦୀପ ହୋତା ସଭାରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଗୀତା ମିଶ୍ର, ବିଶିଷ୍ଟ କୃଷକ ନେତା କିଶୋର ଦେବତା, ବାପୁଜୀ ଭିନ୍ନକ୍ଷମ ବିଦ୍ୟାଳୟର କିଶୋର ସାହୁ, ମହିଳା ସମିତିର ସଦସ୍ୟା ଅନିମା ଚକ୍ରବର୍ତ୍ତୀ ପ୍ରମୁଖ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସମିତିର ସଭାନେତ୍ରୀ ଅଞ୍ଜନା ଦାସ ସ୍ୱାଗତ ଭାଷଣ, ସମ୍ପାଦିକା ସୁଧାଂଶୁବାଳା ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଲେଙ୍ଗୁ ମିଶ୍ର ଛକ ଏବଂ ଷ୍ଟାଡିୟମ୍ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବରଗଡ଼ ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ଓକିଲ ଶ୍ୟାମ ସୁନ୍ଦର ଅଗ୍ରୱାଲା, ନାଗରିକ ମଞ୍ଚର ସମ୍ପାଦକ ଭବାନୀ ସାହୁ, ବରଗଡ଼ ମହିଳା ସମିତିର ସଦସ୍ୟା ଗଣ ତଥା ବିଭିନ୍ନ ବର୍ଗର ନାଗରିକ, କ୍ରୀଡା ସଂସଦର ସଦସ୍ୟା ସମବେତ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଜମଲା ଡିଗ୍ରୀ କଲେଜରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




ପଦ୍ମପୁର,୧୨।୯ (ସମିସ): ଜମଲା ଡିଗ୍ରୀ କଲେଜ ଜମଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଢୋଲବନ୍ଧ ଗାଁରେ ରକ୍ତ ସିକୁଲୀ ବା ସିକିଲ୍ ସେଲ୍ ଓ ଯକ୍ଷ୍ମା ବା ଟିବି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଲେଜର ସଭାପତି କଲାକହ୍ନେଇ ପଧାନ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ରୂପେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶିବପ୍ରସାଦ ବେହେରା, ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ଶେଖ୍ ୱାସିମ୍ ରାଜା, ସିଏଚ୍‌ଓ ପଙ୍କଜିନୀ କିସାନ, ମହିଳା ସ୍ୱାସ୍ଥ୍ୟକର୍ମୀ ସୂର୍ଯ୍ୟ ଦୀପ ପ୍ରମୁଖ ଯୋଗଦେଇ ଢୋଲବନ୍ଧ ଗାଁର ବହୁ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ ଭୋଇ ସଂଯୋଜନା କରିଥିବା ବେଳେ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ସର୍ଗିବାହାଲ ଅଞ୍ଚଳରେ ମଦ ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କୁ ଦାବି

ପଦ୍ମପୁର,୧୨।୯ (ସମିସ): ସର୍ଗିବାହାଲ ଅଞ୍ଚଳରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ଗ୍ରାମବାସୀ ତଥା ବିର୍ସା ମୁଣ୍ଡା ଏଥେଲେଟିକ୍ ତରଫରୁ ସର୍ଗିବାହାଲସରପଞ୍ଚଉପଜିଲ୍ଲାପାଳପଦ୍ମପୁର, ପଦ୍ମପୁର ଥାନାଧିକାରୀଙ୍କ ସହିତ ବୃନ୍ଦାବତୀ ମହିଳା ମହାବିଦ୍ୟାଳୟ ପ୍ରିନ୍ସିପାଲଙ୍କୁ କଲେଜ ତରଫରୁ ମଧ୍ୟ ପ୍ରଶାସନକୁ ଅଭିଯୋଗ କରିବା ପାଇଁ ଅନୁରୋଧ କରି ଦାବିପତ୍ର ଦିଆଯାଇଛି। ସର୍ଗିବାହାଲ ଗ୍ରାମବାସୀ ତଥା ବିର୍ସା ମୁଣ୍ଡା ଏଥେଲେଟିକ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ତରଫରୁ ପ୍ରଶାସନ, ପୁଲିସ, ଅବକାରୀ ବିଭାଗଙ୍କୁ ବିନମ୍ର ଅନୁରୋଧ କରି ବେଆଇନ ଭାବେ ଦେଶୀ ରନ୍ଧା ମଦ ସହ ବିଦେଶୀ ମଦ ବିକୁଥିବା ସମସ୍ତ ଅସାଧୁ ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ମଦ ବନ୍ଦ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି।

## ନିଶା ବେପାରୀକୁ ଗିରଫ କରି କୋର୍ଟଚାଲାଣ

ଭେଡେନ,୧୨।୯ (ସମିସ): ଭେଡେନ ଠାରେ ଜଣେ ନିଶା ବେପାରୀକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏସଆଇ ଦୀପକ ସାହୁଙ୍କ ଅଭିଯୋଗ କ୍ରମେ ଭେଡେନ ପୁଲିସ ଟିମ ଚଢ଼ାଉ କରି ଗୁରୁବାର ଭେଡେନ ଚମାର ପଡାର ସ୍ୱର୍ଗତ ଲଳିତ କଲେତଙ୍କ ପୁଅ ଅନୁରୋଧ କଲେତ(୨୦)କୁ ଗିରଫ କରିଛି। ତା'ଠାରୁ ୧୫ ବୋତଲ ଏସକପ୍ ସିରପ, ୧୦ ମିଲି ଗ୍ରାମର ନିଶା ଟାବଲେଟ ୧୫ଟି ଟା କଫ, ଗୋଟିଏ ପ୍ଲାଷ୍ଟିକ ବୋତଲରେ ୮୦୦ ମିଲିର କଫ ସିରପ ଜବତ ହୋଇଛି। ପୁଲିସ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରିଥିବା ଭେଡେନ ଥାନା ଅଧିକାରୀ ଶୁସାନ୍ତ ଦାସ ସୂଚନା ଦେଇଛନ୍ତି।

## ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସରେ ସାଇବର ସଚେତନତା ସେମିନାର




ବରଗଡ଼,୧୨।୯ (ସମିସ): ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅଧୀନ ପାର୍ବତିଗିରି ଏକାଡେମିକ୍ ବ୍ଲକ୍ ସ୍ଥିତ କନଭେନସନ୍ ହଲ୍‌ରେ ବରଗଡ଼ ପୁଲିସ ଦ୍ୱାରା 'ସାଇବର ସଚେତନତା ସେମିନାର' ସଫଳତାର ସହିତ ଆୟୋଜିତ ହୋଇଛି। ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିବା ଏହି କାର୍ଯ୍ୟକ୍ରମରେ ବରଗଡ଼ ସାଇବର ସେଲ୍ ମୁଖ୍ୟ ମଙ୍ଗଲ କିସ୍କୋ, ବରାହାଗୁଡା ଗ୍ରାମାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ସର୍ମିଷ୍ଠା ପ୍ରଧାନ ଏବଂ ସାଇବର ଟେକ୍ନୋଲୋଜି ଯୁବ ବିଶେଷଜ୍ଞ ଚିରାଗ ରଥ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସହିତ ମୋବାଇଲର ଅପବ୍ୟବହାର, ସାଇବର ଠକାମି ଜନିତ ବିଭିନ୍ନ ସମସ୍ୟା ଏବଂ କିଭଳି ଭାବେ ସମ୍ପ୍ରତି ସମାଜରେ ଘଟିଯାଉଥିବା ଅନଲାଇନ୍ ଠକାମିରୁ ନିଜକୁ ରକ୍ଷା କରିବା ତା ସହିତ ନିଜ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କର ସନ୍ଦେହ ନିବାରଣ ମଧ୍ୟ କରିଥିଲେ। ସାଇବର ସେଲ ମୁଖ୍ୟ ମଙ୍ଗଲ କିସ୍କୋ ତାଙ୍କ ଭାଷଣରେ ଛାତ୍ରଛାତ୍ରୀଙ୍କୁ ସୋସିଆଲ୍ ମିଡିଆର ବ୍ୟବହାର ସାବଧାନତାର ସହିତ କରିବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରି କରିବା ସହିତ ବରଗଡ଼ ଏସ୍‌ପି ପ୍ରହଲାଦ ସହାଇ ମିନାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବିକାଶ ହାୟର ଇନ୍‌ଷ୍ଟିଚ୍ୟୁସନ୍ସ ଅନୁଷ୍ଠାନର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଡିନ ଆର୍‌ଏସ୍‌ଭି କ୍ରିଷ୍ଣା ସ୍ୱାଗତ ଭାଷଣ ଏବଂ ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟକ୍ଷ ଡ.ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉପାଧ୍ୟକ୍ଷ ଦୀପକ ନାୟକ ସଂଯୋଜନାରେ ସହଯୋଗ କରିଥିଲେ।

## କଫ ସିରପ୍ ସହିତ ୩ ଗିରଫ

ବରଗଡ଼,୧୨।୯ (ସମିସ): ବରଗଡ଼ ଜିଲ୍ଲାରେ ନିଶା ବେପାରୀକୁ ଧରିବା ପାଇଁ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଝାରବନ୍ଧ ଥାନା ଅଧିକାରୀ କେ.ସମାରିଆଙ୍କ ତତ୍ତ୍ୱାବଧାନରେ ଏଏସଆଇ କୌଶିକ ସାହୁ ଏବଂ ଝାରବନ୍ଧ ପୁଲିସ ଟିମ ମଧ୍ୟ ଜୋରଦାର ଅପରେସନ ଚଲାଇଛି। ଝାରବନ୍ଧର କୋତନା, ସନଦାଦର, ଅମଠି ଅଞ୍ଚଳରେ ମୋଟର ସାଇକେଲ ଯାଞ୍ଚ କରୁଥିବା ସମୟରେ ଅମଠି ବ୍ରିଜ ପାଖରେ ମୋଟର ସାଇକେଲରେ କଫ ସିରପ ମିଳିଥିଲା। ୧୯ ବୋତଲ କଫ ସିରପ, ନିଶା ବଟିକା, ମୋବାଇଲ ଫୋନ, ମୋଟର ସାଇକେଲ ପୁଲିସ ଜବତ କରିଛି। ଝାରବନ୍ଧ ଥାନା ମାମଲା ରୁଜୁ କରି ଝାରବନ୍ଧ ଥାନାର ନାଲିପାଣି ଗାଁର ନୀତେଶ ସାହୁ, ଝାରବନ୍ଧ ଗାଁର ଆଦିତ୍ୟ ପ୍ରସାଦ ବେହେରା ଏବଂ ହରେକୃଷ୍ଣ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ରହିଛି।

## ଜଗଦଳପୁର ପୁଲିସ ଦ୍ୱାରା ମହୁଲ ଫାଶ ନଷ୍ଟ

ଝାରବନ୍ଧ,୧୨।୯ (ସମିସ): ଜଗଦଳପୁର ଥାନା ଗୁଞ୍ଜାଦିହି ଅଞ୍ଚଳରେ ମହୁଲ ମଦ ପ୍ରସ୍ତୁତିର ଖବର ପାଇ ଜଗଦଳପୁର ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗାଙ୍କ ତତ୍ତ୍ୱାବଧାନରେ ଜଗଦଳପୁର ପୁଲିସ ଟିମ ଗୁଞ୍ଜାଡିହି ଜଙ୍ଗଲରେ ଅପରେସନ ଜାରି ରଖିଛି। ଏହି ସମୟରେ ହାରାହାରି ୫ କ୍ୱିଣ୍ଟାଲ ମହୁଲ ଫାଶ ଏବଂ ହାରାହାରି ୨୦ ଲିଟର ମହୁଲି ମଦ ଜଗଦଳପୁର ପୁଲିସ ଟିମ ନଷ୍ଟ କରିଛି।

## ଛାତ୍ରଙ୍କୁ 'ଫିଡ୍' ପକ୍ଷରୁ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା

ବରଗଡ଼,୧୨।୯ (ସମିସ): ବରଗଡ଼ର ଦାତବ୍ୟ ଅନୁଷ୍ଠାନ 'ଫିଡ୍' (ଫାଉଣ୍ଡେସନ୍ ଫର୍ ଏଜୁକେସନାଲ୍ ଏଣ୍ଡ ଇକୋନୋମିକ୍ ଡେଭେଲପମେଣ୍ଟ) ତରଫରୁ ପଦ୍ମପୁର ବ୍ଲକ୍ ମେଲଛମୁଣ୍ଡା ଥାନା ଅଧୀନ ପଣ୍ଡରିପାଣି ଗାଁର ୱିଲିଅମ ସାଗର, ପିତା ଗୌରାଙ୍ଗ ସାଗରଙ୍କ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୱିଲିଅମ ଗତ ବର୍ଷ ବିଏସସି ନର୍ସିଂରେ ଆଡମିସନ ପାଇଁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଳାହାଣ୍ଡିର ଏକ ସରକାରୀ କଲେଜରେ ନାମ ଲେଖାଇ ପାଠ ପଢୁଛନ୍ତି। କିନ୍ତୁ ପାରିବାରର ଆର୍ଥିକ ଦୁର୍ବଳତା ଯୋଗୁଁ ଦ୍ୱିତୀୟ ବର୍ଷ ଆଡମିସନ କରିବାକୁ ସେ ସକ୍ଷମ ହୋଇ ନ ଥିଲେ। ତେଣୁ ସେ 'ଫିଡ୍' ଟ୍ରଷ୍ଟର ଦ୍ୱାରସ୍ଥ ହୋଇଥିଲେ। ତାଙ୍କର ଆର୍ଥିକ ପରିସ୍ଥିତିକୁ ଅନୁଧ୍ୟାନ କରି ଚେୟାରମ୍ୟାନ ଫଣୀନ୍ଦ୍ର ତାଣ୍ଡିଙ୍କ ନିର୍ଦ୍ଦେଶରେ ଫିଡ୍‌ର ସଦସ୍ୟ କ୍ରୀଷ୍ଣା ସୁନା, ସୁଦନ କୁଅଁର ଓ ମମତା କୁମ୍ଭାର ପ୍ରମୁଖ ୱିଲିଅମଙ୍କ ଘରକୁ ଯାଇ ତାଙ୍କ ବାପାଙ୍କୁ ରିଆଡମିସନ୍ ବାବଦକୁ ଆବଶ୍ୟକ ଅର୍ଥରାଶି ପ୍ରଦାନ କରିଥିଲେ। ଫିଡ୍‌ର ଏହି ଉଦ୍ୟମ ୱିଲିୟମ୍‌ଙ୍କ ଉଚ୍ଚଶିକ୍ଷାକୁ ଆଗେଇ ନେବାରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି।



## ଡୁଡୁକିଝରିଆ ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ପାଇକମାଳ,୧୨।୯ (ସମିସ): ପାଇକମାଳ ଥାନା ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଜଙ୍ଗଲରୁ ଶୁକ୍ରବାର ପାଇକମାଳ ପୁଲିସ ଏକ ଝୁଲନ୍ତା ଶବ ଉଦ୍ଧାର କରିଛି। ବୁକୁରାମୁଣ୍ଡା ଗାଁର ଜଗଦୀଶ ବରିହା (୫୬) ଗତ ସେପ୍ଟେମ୍ବର ୩ରୁ ଘରୁ ବାହାରି କୁଆଡେ ଚାଲି ଯାଇଥିଲେ। ତାଙ୍କର ମାନସିକ ଦୁଶ୍ଚିନ୍ତା ଯୋଗୁଁ ସେ ପ୍ରାୟେ ଚାରି ଥର ଏପରି ଘରୁ କାହାକୁ କିଛି ନକହି ଏଣେ ତେଣେ ପଳାଇ ଯାଉଥିଲେ ବୋଲି ପରିବାର ବର୍ଗ କହିଛନ୍ତି। ଏନେଇ ଜଗଦୀଶଙ୍କୁ ଖୋଜାଖୋଜି କରି ନପାଇବାରୁ ତାଙ୍କ ପୁଅ ହାରାଧନ ବରିହା ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଶୁକ୍ରବାର ଜାମସେଠ ନିକଟସ୍ଥ ଡୁଡୁକିଝରିଆ ଜଙ୍ଗଲରେ ଏକ ଝୁଲନ୍ତା ମୃତଦେହ ଥିବା ପାଇକମାଳ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ପାଇକମାଳ ଥାନାରେ ପୁଲିସ ମାମଲା ରୁଜୁ କରିଛି। ତାଙ୍କ ପୁଅ ଶବ ଚିହ୍ନଟ ପରେ ଜବତ ଶବକୁ ପଦ୍ମପୁର ବ୍ୟବଚ୍ଛେଦ ପାଇଁ ପଠାଯାଇ ଘଟଣାର ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଜଣାଇଛନ୍ତି। ଗତ ମାସରେ ମଧ୍ୟ ପାଇକମାଳ ପୁଲିସ ଏହି ଜଙ୍ଗଲରୁ ଏକ ଝୁଲନ୍ତା ଶବ ଉଦ୍ଧାର କରିଥିଲା।

# ବିଜେପି ଉପରେ ବର୍ଷିଲେ ସ୍ନେହାଙ୍ଗିନୀ

**ଭେଡେନ ଏନ୍‌ଏସି ନ ହେବା ପ୍ରତିବାଦରେ ସାମ୍ବାଦିକ ସମ୍ମିଳନୀ**

ଭେଡେନ,୧୨।୯ (ସମିସ)



ଭେଡେନ ବ୍ଲକ୍ ସମ୍ମୁଖରେ ଥିବା ଡ୍ରାଇଭର ସଂଘ କାର୍ଯ୍ୟାଳୟ ଠାର ଭେଡେନ ବ୍ଲକ୍ ବିଜୁ ଜନତା ଦଳ ତରଫରୁ ଦଳର ବ୍ଲକ୍ ସଭାପତି ହରିଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମସ୍ତ ଗଣମାଧ୍ୟମର ପ୍ରତିନିଧି, ଇଲେକ୍ଟ୍ରିମିଡିଆ, ପ୍ରିଣ୍ଟମିଡିଆ, ସୋସିଆଲ ମିଡିଆ, ୟୁଟ୍ୟୁବର ମାନଙ୍କୁ ସ୍ୱାଗତ କରି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସମ୍ମିଳନୀର ମୁଖ୍ୟ ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜେଡିର ସଭାପତି ସ୍ନେହାଙ୍ଗିନୀ ଛୁରିଆ। ପୂର୍ବର ନବୀନ ପଟ୍ଟନାୟକ ସରକାର ପ୍ରାୟ ୫୬ଟି ମୁନିସିପାଲଟି ଓ ଏନ୍‌ଏସି ଘୋଷଣା କରିଥିବା ସେ କହିଥିଲେ। ସେଥିମଧ୍ୟରୁ ବରଗଡ଼ ଜିଲ୍ଲାର ୩ଟି ସ୍ଥାନ ଭେଡେନ, ସୋହେଲା, ପାଇକମାଲ ରହିଥିଲା। କିନ୍ତୁ ବର୍ତ୍ତମାନର ବିଜେପି ସରକାର କେବଳ ସୋହେଲାକୁ ଏନ୍‌ଏସି ଘୋଷଣା କରିଥିବା ବେଳେ ରାଜନୈତିକ ଅଭିସନ୍ଧି ରଖି ଭେଡେନ ଓ ପାଇକମାଲକୁ ବାଦ ଦେଇଛନ୍ତି। ବର୍ତ୍ତମାନ ସରକାରଙ୍କ ସ୍ଥାନୀୟ ବିଧାୟକ ପୂର୍ବ ସରକାର କେବଳ ନିର୍ବାଚନରେ ଘୋଷଣାକରି ଲୋକଙ୍କୁ ଭ୍ରମିତ କରିଥିବା ଅଭିଯୋଗ କରିଛନ୍ତି। ଏହାର ଦୃଢ଼ ପ୍ରତିବାଦ କରି ଏନ୍‌ଏସି ନ କରିବା ପାଇଁ ସରକାରଙ୍କ ଏହା ଗୋଟିଏ ଚକ୍ରାନ୍ତ ବୋଲି ଛୁରିଆ ପ୍ରକାଶ କରିଥିଲେ। ସରକାର ଘୋଷଣା କରିବା ପରେ ରାଜ୍ୟ ନଗର ଉନ୍ନୟନ ବିଭାଗ, ଜିଲ୍ଲା ନଗର ଉନ୍ନୟନ ବିଭାଗକୁ ଘୋଷଣାନାମା ପଠେଇ ଏ ସମ୍ବନ୍ଧରେ ଏକ ଫିଜିବିଲିଟି ରିପୋର୍ଟ ମାଗିଥିଲେ। ତଦନୁସାରେ ଭେଡେନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏକ ରିପୋର୍ଟ ପଠେଇଥିଲେ। ପରେ ମୋହନ ମାଝୀଙ୍କ ସରକାର ଗଠନ ହେବା ପରେ ପୁଣି ଏକ ରିପୋର୍ଟ ମଗାଯାଇଥିଲା। ପରେ ପୁଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭେଡେନ, ଭେଡେନ ପଞ୍ଚାୟତ ଓ କୁବେଡେଗା ପଞ୍ଚାୟତର ସମସ୍ତ ରାଜସ୍ୱ ଗାଁ ତଥା ପାଲିଗାଁର ଅବସ୍ଥିତିର ରିପୋର୍ଟ ପ୍ରଦାନ କରିଥିଲେ। ତତ୍‌କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁଣି ଫିଜିବିଲିଟି ରିପୋର୍ଟ ପଠାଇଥିଲେ। ଏ ସବୁ ସତ୍ତ୍ୱେ ସ୍ଥାନୀୟ ବିଧାୟକଙ୍କ ଆନ୍ତରୀକତାର ଅଭାବ ବା ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଭେଡେନ ଏନ୍‌ଏସିରୁ ବଞ୍ଚିତ ହେଲା।

ଏହାସହ ବର୍ତ୍ତମାନ ଜିରା ନଦୀ, ଦନ୍ତା ନଦୀ, ମହାନଦୀରୁ ବ୍ୟାପକ ଭାବେ ବେଆଇନ ଭାବେ ବାଲି ଚୋରି ହେବା ଦୁର୍ଭାଗ୍ୟଜନକ ବୋଲି ଛୁରିଆ ପ୍ରକାଶ କରିଥିଲେ। ଆସମାଜିକ କାର୍ଯ୍ୟକଳାପ ବୃଦ୍ଧି, ନିଶା, ମଦ, କୋରେକ୍ସ, ଜୁଆଖେଳ ବୃଦ୍ଧି କାହାର ସାହାଯ୍ୟରେ ହେଉଛି ତାର ତଦନ୍ତ ଦାବି କରିଛନ୍ତି। ଆଗାମୀ ଦିନରେ ଏସବୁକୁ ନେଇ ବ୍ୟାପକ ଆନ୍ଦୋଳନ ହେବ ବୋଲି ଛୁରିଆ ଚେତାବନୀ ଦେଇଥିଲେ। ପରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, କର୍ମୀ ମାନଙ୍କୁ ନେଇ ପଦଯାତ୍ରାରେ ବିଭିନ୍ନ ନାରାଦେଇ ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣ ସୁନାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଆଗାମୀ ୧୯ ତାରିଖ ସୁଦ୍ଧା ଯଦି ଏନ୍‌ଏସି ଘୋଷଣା ନ ହୁଏ ତେବେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଥିଲା। ଅନୁଷ୍ଠିତ ପ୍ରେସ୍‌ମିଟ୍‌ରେ ବ୍ଲକ୍‌ର ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନୀ ଗଡତିଆ, ପିଙ୍କି ବଢ଼େଇ, ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଭେଡେନ ପଞ୍ଚାୟତ ବିଜେଡି ସଭାପତି ନରସିଂହ ରଥ, ଆଇନଜୀବୀ ଭରତ ତ୍ରୀପାଠୀ, ବରିଷ୍ଠ ନେତା ଦେଲ୍ଲିପ ରଥ, ଭେଡେନ ଜମିଦାରଙ୍କ ଦାୟାଦ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୋତ୍ସ୍ନାମୟୀ ସିଂ, କୁବେଡେଗ ସମିତି ସଭ୍ୟ ପ୍ରଦ୍ୟୁତ୍ ତ୍ରୀପାଠୀ, ଭରତ ବରେଇ, ସାନନ୍ଦ ବେହେରା, ସୌମ୍ୟ ବେହେରା, ପଦ୍ମନାଭ ଦାଶ, ମାନ ମାଡପାଟି, ବଳରାମ ସାହୁ, ଘନ ମେହେର, ଭେଡେନ ବଣିକ ସଂଘର ସଭ୍ୟ, କାର୍ଯ୍ୟକର୍ତ୍ତା, ଡ୍ରାଇଭର୍ ସଂଘର କାର୍ଯ୍ୟକର୍ତ୍ତା ସମିତି ସଭ୍ୟ ତୁଷବନ୍ତ ବେହେରା, ଲକ୍ଷ୍ମୀ ଭୁଏ, ସୁଧାଞ୍ଜଳୀ ମେହେର, ଜୋତିର୍ମୟୀ ସାହୁ, ପ୍ରଶୁନ ସତପଥୀ, ଠାକୁର ଦଲେଇ, ସୁବଳ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ନରସିଂହ ରଥ ଧନ୍ୟବାଦ ଦେଇଥିଲେ।

# ଦୋଷୀଙ୍କୁ ଫାଶୀ ଓ ପୀଡ଼ିତ ପରିବାରକୁ କ୍ଷତିପୂରଣ ପାଇଁ ଦାବିପତ୍ର

କିଶୋର ହତ୍ୟାକାଣ୍ଡ ଘଟଣା

ଦେବଗଡ଼,୧୨।୯ (ସମିସ)

ତିଳେଇବଣି ବ୍ଲକ୍ ଅଧୀନ କେନ୍ଦେଇଜୁରୀ ଗାଁରେ ଗତ ୩ ତାରିଖ ଦିନ ଗାଁ ଜଙ୍ଗଲରେ ଏକ ମୃତ ଗାଈର ଚମଡା ବାହାର କରୁଥିବା ସମୟରେ କାଉଁସିଡ଼ିପ ଗାଁର କିଶୋର ଚମାର ଏବଂ ତାଙ୍କ ଅନ୍ୟ ଜଣେ ସହଯୋଗୀଙ୍କୁ ଉକ୍ତ ଅଞ୍ଚଳର କେତେକ ଗୋରକ୍ଷକ ପିଟିପିଟି ହତ୍ୟା କରିଛନ୍ତି। ଏହାର ବିରୋଧରେ ଶୁକ୍ରବାର ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ, ଜିଲ୍ଲା ଏସସି ଓ ଏସଟି ମଞ୍ଚ ଏବଂ ଅଲ ଓଡ଼ିଶା ରବୀଦାସ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏଥିସହ ଘଟଣାରେ ସଂଶ୍ଳିଷ୍ଟ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ସହ ପୀଡିତ ପରିବାରକୁ ୨୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ସହ ସରକାରୀ ଚାକିରି ଦାବି କରାଯାଇଛି। ମୃତ କିଶୋରଙ୍କ ବିଧବା ସ୍ତ୍ରୀ ଓ ତିନି ପିଲାଙ୍କୁ ନେଇ ସଂଗଠନର ରାଜ୍ୟସ୍ତରୀୟ ନେତୃବୃନ୍ଦ ଆଜି ସେଣ୍ଟର ଫର କଲଚର ପରିସରରୁ ବିକ୍ଷୋଭ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାର ଆୟୋଜନ କରିଥିଲେ। ସଭାରେ କିଶୋର ହତ୍ୟାକାଣ୍ଡ ଘଟଣାକୁ ଅତି



ଅମାନବୀୟ ଦର୍ଶାଯିବା ସହ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦଳିତ ସମାଜର ସୁରକ୍ଷାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ସେହିପରି ଘଟଣାରେ ସମ୍ପୃକ୍ତି ଥିବା ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ନଥିବାରୁ ପୁଲିସର ଭୂମିକା ଉପରେ ମିଳିତ ସଂଗଠନ ସନ୍ଦେହ ପ୍ରକାଶ କରିଛି। ହତ୍ୟାକାଣ୍ଡରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କୁ ତରନ୍ତ ଗିରଫ କରା ନଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ସଭାପତି ତଥା ଜିଲ୍ଲା ଏସସି ଏସଟି ମିଳିତ ମଞ୍ଚ ସଭାପତି ଚୌଧୁରୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଏସସି, ଏସଟି, ଓବିସି ଓ ମାଇନରିଟି ଜଏଣ୍ଟ ଆକ୍ସନ କମିଟି ସଭାପତି ଅଭିରାମ ମଲ୍ଲିକ, ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶରାବଣ, ଓଡ଼ିଶା ରବୀଦାସ ସମାଜରାଜ୍ୟ ସଭାପତି ସୀତାରାମ ମେହେର, ବିଜୟ ମେହେର, ସୀତାରାମ ରୋହିଦାସ, ଯୋଗେନ୍ଦ୍ର ରୋହିଦାସ, ଶିବାଜୀ ଭୋଜ, କ୍ଷମାନିଧି ପାତ୍ର, ସୁଜିତ ମୁଖିଙ୍କ ସମେତ ରବୀଦାସ ସମାଜ ଅନଗୁଳ ଜିଲ୍ଲା, ସମ୍ବଲପୁର ଜିଲ୍ଲା, ସୁନ୍ଦରଗଡ ଜିଲ୍ଲା, ସୋନପୁର ଜିଲ୍ଲା, ଝାରସୁଗୁଡ଼ା ଜିଲ୍ଲାର କମିଟି ସାଦସ୍ୟ ମାନେ ଯୋଗ ଦେଇଥିଲେ।

## ଦନ୍ତା ହାତୀର ମୃତଦେହ ଠାବ

ଦେବଗଡ଼,୧୨।୯ (ସମିସ): ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ପଳସମା ସେକ୍ସନ ଅଧୀନ ଚିରଗୁଣିକୁ ଦର ଗାଁର ନୂଆଁକଟା ନିକଟରେ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ଆଜି ସକାଳୁ ଗ୍ରାମବାସୀ ହାତୀଟି ମରି ପଡିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ ବିଭାଗୀୟ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରେ ହାତୀର ଆନୁମାନିକ ବୟସ ୧୦ରୁ ୧୫ ବର୍ଷ ମଧ୍ୟରେ ହୋଇଥିବା ବେଳେ ମୃତଶରୀରର ବାହ୍ୟ ଭାଗରେ କୌଣସି କ୍ଷତ ନଥିବା ଜଣାପଡିଛି। ହାତୀ ମୃତ୍ୟୁର ତଦନ୍ତ ପାଇଁ ବନଖଣ୍ଡ ଅଧିକାରିଣୀ ରଶ୍ମିଜୀ, ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ, ଅରୁଣ ବେହେରାଙ୍କ ସମେତ ପ୍ରାଣୀ ବିଭାଗ ବିଶେଷଜ୍ଞ ଓ ବିଦ୍ୟୁତ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର କାରଣ ତଦନ୍ତ କରିଥିଲେ। ମୃତ ହାତୀର ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଗୁମାଡେରା ବଜାରରେ ମାରପିଟ, ୨ ଗିରଫ

ଇବଥର୍ମାଲ,୧୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଧୀନ ଗୁମାଡେରା ମୁଖ୍ୟ ବଜାରରେ ହୋଇଥିବା ଏକ ମାରପିଟ ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ବେଲପାହାଡ ପୁଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଗୁମାଡେରା ଖଣ୍ଡାପଡାର ଅଭି ସୁନା (୩୨) ଓ ଆଦି ସୁନା (୨୨) ବୋଲି ପୁଲିସ ସୂଚନା ଦେଇଛି। ଗୁରୁବାର ସନ୍ଧ୍ୟାରେ ଗୁମାଡେରାର ହରିଶ ଅଗ୍ରୱାଲ ଗୁମାଡେରା ବଜାରରେ ଥିବାବେଳେ ଅଭିଯୁକ୍ତ ଅଭି ତାଙ୍କୁ ଧମକ ଚମକ ଦେଇ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ହରିଶ ମନା କରିବାରୁ ଅଭିଯୁକ୍ତ ଅଭି ଓ ଆଦି ମିଶି ହରିଶଙ୍କୁ ମାରପିଟ କରିଥିବା ନେଇ ବେଲପାହାଡ ଥାନାରେ ହରିଶ ଅଭିଯୋଗ କରିଥିଲେ। ହରିଶଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୬୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ଇବଥର୍ମାଲ,୧୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ସାଗରପାଲି ଛକ ନିକଟରୁ ରେଙ୍ଗାଲି ପୁଲିସ ଏକ ସ୍କୁଟି ସହ ୬୦ ଲିଟର ଦେଶୀ ମଦ ଜବତ କରିଛି। ମଦ ଚାଲାଣ କରୁଥିବା ବ୍ୟକ୍ତି ଠେବରା ଗାଁର ରାଜ ଖଣ୍ଡା ବୋଲି ପୁଲିସ ସୂଚନା ଦେଇଛି। ରାଜ ଗୁରୁବାର ରାତିରେ ଏକ ସ୍କୁଟି ଯୋଗେ ସାଗରପାଲି ଛକ ଦେଇ ବେଆଇନ ଭାବେ ଦେଶୀ ମଦ ଚାଲାଣ କରୁଥିଲା। ଏହି ସମୟରେ ପେଟ୍ରୋଲିଂ କରୁଥିବା ରେଙ୍ଗାଲି ପୁଲିସ ହାତରେ ସେ ଧରାପଡିଥିଲା। ଏନେଇ ରେଙ୍ଗାଲି ଥାନାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଛି।




## ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍



ଗାଇସିଲେଟ,୧୨।୯ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ତୈଳିକ ବୈଶ୍ୟ ସାହୁ ସମାଜର ୧୩ତମ ନୂଆଁଖାଇ ଭେଟଘାଟ ଗାଇସିଲାଟରେ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଛି। ସାହୁ ସମାଜର ଏହି ବାର୍ଷିକ ଭେଟଘାଟ କେବଳ ପରମ୍ପରାଗତ ଖାଦ୍ୟ ପର୍ବକୁ ପାଳନ କରିବା ନୁହେଁ ବରଂ ସମାଜର ଏକତା, ସଂଘଟନ ଓ ସାଧାରଣ ସମସ୍ୟାଗୁଡିକୁ ସମ୍ମିଳିତ ଭାବେ ସମାଧାନ ପାଇଁ ଆଲୋଚନା କରିବାର ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଛି। ଏଥିରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଜେପୁର ବିଧାୟକ ସନତ ଗଡତୀୟା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଗାଇସିଲାଟ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ, ପୂର୍ବତନ ମାର୍କଫେଡ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ବିଜେପି ଜିଲ୍ଲା ସଭାପତି ଡ.ଅରୁପାନନ୍ଦ ସାହୁ, ବଲାଙ୍ଗିର ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଭୂତି ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ସମାଜର ସଭାପତି ଚୈତନ୍ୟ ସାହୁ ପରିଚାଳନା କରିଥିଲେ। ଅତିଥି ପରିଚୟ କରିଥିଲେ ରୁଦ୍ର ସାହୁ, ବିବରଣୀ ପାଠ କରିଥିଲେ ଡୋଲାମଣି ସାହୁ ଏବଂ ସଂଯୋଜନାର ଦାୟିତ୍ୱ ନିଭାଇଥିଲେ ବିପିନ ବିହାରୀ ସାହୁ। ଏହି ଅବସରରେ ଶିକ୍ଷା, କ୍ରୀଡା, ସାମାଜିକ କାର୍ଯ୍ୟ, ସରକାରୀ ସେବା ଆଦି ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ସାହୁ ସମାଜର ୭ ଜଣ ସଦସ୍ୟଙ୍କୁ ମାନପତ୍ର, ପୁଷ୍ପମାଲ୍ୟ ଓ ଉପହାର ସାମଗ୍ରୀ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମାଜ ପକ୍ଷରୁ ସୁନାଧର ସାହୁ ଧନ୍ୟବାଦ ଜଣାଇଥିଲେ।

## ଜନତା ସରକାରୀ ହାଇସ୍କୁଲରେ ଜାତୀୟ ବନ ସହିଦ ଦିବସ



ଅମ୍ବାଭୋନା,୧୨।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ସରକାରୀ ହାଇସ୍କୁଲରେ ଜାତୀୟ ବନ ସହୀଦ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଜାତୀୟ ବନ ସହୀଦ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ବନ ସହୀଦମାନଙ୍କର ସ୍ମୃତିକୁ ସମ୍ମାନ ଜଣାଇବା ପାଇଁ ବନ ସୁରକ୍ଷା କାର୍ଯ୍ୟରେ ଯୋଗଦାନ କରିବା ସହିତ ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ କରିବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଉପଲବଧ ପ୍ରାକୃତିକ ସଂସାଧନ ଗୁଡିକର ସଂରକ୍ଷଣର ମହତ୍ତ୍ୱ ସ୍ମରଣ କରାଇବା ସହିତ ଯେଉଁ ବନ କର୍ମଚାରୀମାନେ ବନ ସଂରକ୍ଷଣ ଦିଗରେ ନିଜ ଜୀବନକୁ ସମର୍ପିତ କରିଥିଲେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍, ଶକ୍ତି କ୍ଲବ୍ ଓ ଜୁନିଅର୍ ରେଡ୍‌କ୍ରସର ସଦସ୍ୟ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ତେଜରାମ ସା, ପ୍ରଶାନ୍ତ ମହାପାତ୍ର ଏବଂ ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଖୋ-ଖୋ, କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ଝାରସୁଗୁଡ଼ା,୧୨।୯ (ସମିସ): ଝାରସୁଗଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଡୁଙ୍ଗ ଠାରେ ବ୍ଲକ୍‌ସ୍ତରୀୟ ଖୋ ଖୋ, କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ମେହେରଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଖୁନ୍ତାମାଲ ପଞ୍ଚାୟତ ସରପଞ୍ଚ ସବ୍ୟସାଚୀ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସିଆରସିସି ପ୍ରଦୀପ ନାଏକ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ଦେଓ, କୁବେର କୁମ୍ଭାର, ଯୁଗଳ କିଶୋର ପଟେଲ, ସୁରେଶ ଚନ୍ଦ୍ର ନାଏକ, ପିତାମ୍ବର ସାହୁ, ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଭୁବନେଶ୍ୱର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ଶାରୀରିକ ଶିକ୍ଷକ ଭାସ୍କର କିସାନ ଏବଂ ଯତୀନ ମିଶ୍ର ଲଇକେରା ବ୍ଲକ୍‌ର ୭ଟି କ୍ଲଷ୍ଟରରୁ ଆସିଥିବା ପ୍ରାୟ ପାଞ୍ଚଶହ ଜଣ ପ୍ରତିଯୋଗୀ ମାନଙ୍କୁ ନେଇ ଖେଳ ପରିଚାଳନା କରିଥିଲେ।

## ଗଙ୍ଗାଧର ମେହେର ବିଦ୍ୟାଳୟରେ 'ସ୍କୁଲ ଆସ' କାର୍ଯ୍ୟକ୍ରମ

ଦହିତା,୧୨।୯ (ସମିସ): ଦହିତା ନିକଟସ୍ଥ ଡଙ୍ଗା ଛଞ୍ଚା ଗାଁରେ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ, ଦହିତାର ସ୍କୁଲ ଆସ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପିତାମାତାଙ୍କ ସହ ଗାଁର ଭଦ୍ରକ ବ୍ୟକ୍ତି ଓ ୩୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ କ୍ଲଷ୍ଟର୍ ସଂଯୋଜକ ଆଶିଷ ବୈକାର, ଡଙ୍ଗା ଛଞ୍ଚା ଗାଁ ସଭାପତି ବନମାଳୀ ବାରିକ, ସଂପାଦକ ତଥା ଅବସରପ୍ରାପ୍ତ ଶିକ୍ଷକ ବୈଶାଖୁ ସେଠ, ଅଭିଭାବକ ବସୁଦେବ ସାହୁ, କାର୍ତ୍ତିକ ସାହା, ପୂର୍ଣ୍ଣ ସେଠ, ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ, କିଶୋର କୁମ୍ଭାର ମଞ୍ଚାସୀନ ଥିଲେ। ସଭାପତି ସୁନା ବିଦ୍ୟାଳୟର ଶୃଙ୍ଖଳା ଠାରୁ ଆରମ୍ଭ କରି, ପାଠପଢ଼ା, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା, ସମସ୍ତ ସରକାରୀ ସୁବିଧା ସୁଯୋଗ କହିବା ସହ ଡଙ୍ଗା ଛଞ୍ଚା ଗାଁର ୪୩ ଜଣ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପୋଷ୍ୟ ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ, ସାପ୍ତାହିକ ପୁନରାଆଲୋଚନା ତଥା ପରୀକ୍ଷା, ଦୈନିକ ଗୃହକାର୍ଯ୍ୟ, ବିଦ୍ୟାଳୟର ଅତିରିକ୍ତ ପାଠପଢ଼ା, ସ୍କାଉଟ୍, ଗାଇଡ୍ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ନିୟମିତ କେମିତି ବିଦ୍ୟାଳୟକୁ ଆସିବେ, ଭଲ ପଢ଼ିବେ ସେ ବିଷୟରେ ଅଭିଭାବକ ଅଭିଭାବିକା ମାନଙ୍କ ମତ ନିଆଯାଇଥିଲା।

ପିଲାମାନେ ଦୈନିକ ପାଠପଢ଼ା ସହ ମୋବାଇଲରୁ ନିବୃତ୍ତ ରହିବା ପାଇଁ ଶିକ୍ଷକ ସାହୁ ପିତାମାତାଙ୍କୁ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ମୋବାଇଲ୍, ରିଲ୍ସ ଆଦି ନ ଦେଖିବାକୁ ମତ ରଖିଥିଲେ। ଛୋଟ କୋମଳମତି ଛାତ୍ରଛାତ୍ରୀଙ୍କ ଦ୍ୱାରା କେହି ନିଶାଦ୍ରବ୍ୟ କିଣାଇବେ ନାହିଁ କି ଦୋକାନୀ ବିକ୍ରୟ କରିପାରିବ ନାହିଁ ବୋଲି ଭଦ୍ରବ୍ୟକ୍ତିମାନେ ମତ ରଖିଥିଲେ। ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ସହ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ରାଶି ପୋଷାକ ବଣ୍ଟନ, ଷ୍ଟାଇପେଣ୍ଡ, ହାତ ଖର୍ଚ୍ଚ, ମୁଖ୍ୟମନ୍ତ୍ରୀ ସାଇକେଲ ଯୋଜନା ସହ ଦହିତା ହାଇସ୍କୁଲ ଡଙ୍ଗା ଛଞ୍ଚା ଆସି ସମସ୍ତ ସରକାରୀ ସୁବିଧା ବ୍ୟବସ୍ଥା ଥିବା କଥା କହିଥିଲେ। ବନମାଳୀ ବାରିକ, ବୈଶାଖୁ ସେଠ ଗାଁର ସମସ୍ତ ପିଲା ନିୟମିତ ବିଦ୍ୟାଳୟ ଯିବାକୁ ଆମେ ବ୍ୟବସ୍ଥା କରିବୁ ବୋଲି ମତ ରଖିଥିଲେ। ଅଭିଭାବିକା ତୁଳସୀ ମହାନନ୍ଦ ବିଦ୍ୟାଳୟର ପଦକ୍ଷେପ ଯୋଗୁଁ ତାଙ୍କ ପୁଅ ନିୟମିତ ବିଦ୍ୟାଳୟ ଯାଉଥିବାରୁ ଖୁସି ବ୍ୟକ୍ତ କରିଥିଲେ। ପୁରାତନ ଛାତ୍ରୀ ପୂଜା ଚୌଧୁରୀ ଛାତ୍ରଛାତ୍ରୀ କେମିତି ନିୟମିତ ବିଦ୍ୟାଳୟ ଯିବା ସହ ସ୍ୱାଧ୍ୟାୟୀ ହୋଇ ଗୃହ କାର୍ଯ୍ୟ କରି ପରୀକ୍ଷା ଭଲ କରିପାରିବେ ବୋଲି ମତ ରଖିଥିଲେ। ଶିକ୍ଷକ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ଚତୁର୍ଥ ରାଜ୍ୟସ୍ତରୀୟ ସିନିଅର ହକିରେ ତୃତୀୟ ସ୍ଥାନରେ ଦେବଗଡ଼

ଦେବଗଡ଼,୧୨।୯ (ସମିସ): ରାଉରକେଲା ହକିଷ୍ଟାଡିୟମଠାରେ ଗତ ୬ ରୁ ଯାଏଁ ଚତୁର୍ଥ ରାଜ୍ୟସ୍ତରୀୟ ସିନିଅର ପୁରୁଷ ହକି ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ଦେବଗଡ଼ ଜିଲ୍ଲାର ଟିମ୍ ମ୍ୟାନେଜର ପ୍ରେମ ଦୀପକ୍ ଏକ୍କା ଓ କୋଚ୍ ସୁଧୀର କୁଜୁରଙ୍କ ତତ୍ତ୍ୱାବଧାନରେ ଦେବଗଡ଼ ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ଦେବଗଡ଼ ତାର ପ୍ରଥମ ମ୍ୟାଚ୍ ନୟାଗଡ ସହିତ ଖେଳି ୫-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପାରାଦ୍ୱୀପ ପୋର୍ଟକୁ ୩-୦ ଗୋଲ ଦେଇ ଟୁର୍ନାମେଣ୍ଟର କ୍ୱାଟର ଫାଇନାଲ ଖେଳିବାର ସୁଯୋଗ ପାଇଥିଲା। ତୃତୀୟ ମ୍ୟାଚ୍‌ରେ ଖୋର୍ଦ୍ଧାକୁ ୭-୧ ଗୋଲ ଦେଇ ସେମିଫାଇନାଲ ଖେଳିବାର ସୁଯୋଗ ପାଇଥିଲା। ସେମିଫାଇନାଲରେ ଗତ ବର୍ଷ ଚମ୍ପିଆନ୍ ସୁନ୍ଦରଗଡ ଦଳ ଠାରୁ ୨-୧ ଗୋଲରେ ପରାଜିତ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଦେବଗଡ଼ ଦଳ ଗାଙ୍ଗପୁର ହକି ସହିତ ଖେଳି ନିର୍ଦ୍ଧାରିତ ସମୟ ମଧ୍ୟରେ ୩-୩ରେ ଡ୍ର ହୋଇ ଶେଷରେ ପେନାଲ୍ଟି ସୁଟ୍ ଆଉଟ୍ ଜରିଆରେ ୩-୨ ଗୋଲ ଦେଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ଆଜି ଦେବଗଡରେ ଦଳ ପହଞ୍ଚିବାପରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ନଗରପାଳ ପ୍ରଜିତ୍ ଭୋଜ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ଜିଲ୍ଲା କ୍ରୀଡା ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକ୍ ଓ ବହୁ କ୍ରୀଡା ପ୍ରେମୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



## ପଞ୍ଚାୟତ ସମିତି ବୈଠକରେ ସରଳ ସହଜ ସମାଧାନର ସୂତ୍ର ଉପରେ ଆଲୋଚନା

ଦେବଗଡ/ରିଆମାଳ,୧୨।୯ (ସମିସ): ରିଆମାଳ ପଞ୍ଚାୟତ ସମିତି ସଭା ଗୃହ ଠାରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ବୀର ପ୍ରଧାନ ଓ ଜିଲ୍ଲା ପରିଷଦ ଜୋନ ଦୁଇ ସଭ୍ୟା ବାସନ୍ତି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା ସଭା ସଂଯୋଜନା କରିଥିଲେ। ବୈଠକରେ ମୁଖ୍ୟତଃ ଶିକ୍ଷକ ବଦଳି, ଜଳ ଯୋଗାଣ ବ୍ୟବସ୍ଥା, ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଗୁଡିକ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ଠିକାଦାର ମାନଙ୍କୁ ମିଳି ନଥିବା ପ୍ରାପ୍ୟ ଆଦି ଅନେକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଧାୟକ ଶ୍ରୀ ବିଶ୍ୱାଳ ଯଥାଶୀଘ୍ର ଅଟକି ରହିଥିବା ସମସ୍ତ ବିଲ ଗୁଡିକ ତୁରନ୍ତ ଯେମିତି ସମାଧାନ କରାଯିବ ତାର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ କେବଳ ପ୍ରାଣୀ ସମ୍ପଦ ବିଭାଗର କୌଣସି ଅଧିକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତ ନ ଥିବାରୁ ସମସ୍ତ ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ।

## ଗୋଟେ ରାଜସ୍ୱ ମୌଜା ନାମରେ ଅନୁଷ୍ଠାନ, ଅନ୍ୟ ମୌଜା ନାମରେ ଉନ୍ନୟନ କାର୍ଯ୍ୟ

ଦେବଗଡ଼,୧୨।୯ (ସମିସ): ବାରକୋଟ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଉନ୍ନତି ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଛି। ଏଥିପାଇଁ ଉଦ୍ଦିଷ୍ଟ ଅର୍ଥ ବ୍ଲକ୍ ପ୍ରଶାସନ ଅଧୀନରେ ରହିଛି। ତେବେ ବ୍ଲକ୍ ପ୍ରଶାସନ ଉଦ୍ଦେଶ୍ୟ ମୂଳକ ଭାବେ ସେହି ଅନୁଷ୍ଠାନକୁ ବିଜୟନଗର ପଞ୍ଚାୟତ ଅଧୀନ ଆମ୍ବକଟା ରାଜସ୍ୱ ଗାଁର ଦର୍ଶାଇ ଫାଇଲ ଖୋଲି କାର୍ଯ୍ୟାଦେଶ ଦେଇଛି। ବାସ୍ତବରେ ବାରକୋଟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନଟି ଉଆଁରା ପଞ୍ଚାୟତ ଅଧୀନ ବାସୁପାଲି ମୌଜା ଖାତା ନଂ ୧ ଓ ପ୍ଲଟ ନଂ ୧ରେ ରହିଛି। ଏଣୁ ପୂର୍ବରୁ ଖୋଲା ଯାଇଥିବା ଫାଇଲକୁ ରଦ୍ଦ କରି ବିଜୟନଗର ପଞ୍ଚାୟତ ଅଧୀନ ଆମ୍ବକଟା ପରିବର୍ତ୍ତେ ଉଆଁରା ପଞ୍ଚାୟତ ବାସୁପାଲି ଗାଁ ନାମରେ ଫାଇଲ ଖୋଲି କାର୍ଯ୍ୟାଦେଶ ଦେବାକୁ ଆଜି ଉଆଁରା ସରପଞ୍ଚ ପ୍ରକାଶ ପାଣି ଓ ସମିତି ସଦସ୍ୟା ବବିତା ପ୍ରଧାନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଦାବି କରିଛନ୍ତି।



## ବ୍ଲକ୍‌ସ୍ତରୀୟ ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କିତ ଶିକ୍ଷକ ତାଲିମ ଶିବିର

ଦେବଗଡ଼,୧୨।୯ (ସମିସ): ସମଗ୍ର ଶିକ୍ଷା ଦେବଗଡ଼ ନିର୍ଦ୍ଦେଶ କ୍ରମେ ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କିତ ପଞ୍ଚଦିବସୀୟ ତାଲିମ ଶିବିର ପାରପୋଷି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ସାଧାରଣ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷଣ ଅନୁଭୂତି ଯୋଗାଇଦେବା, ସାର୍ବଜନୀନ ଶିକ୍ଷଣ ଢାଞ୍ଚା ଅବଲମ୍ବନ ପୂର୍ବକ ବିବିଧତା ପୂର୍ଣ୍ଣ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷର ସୁପରିଚାଳନା କରିବା, ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା, ଭିନ୍ନକ୍ଷମ ପିଲାଙ୍କ ଚିହ୍ନଟ ପ୍ରକ୍ରିୟାରେ ସୁଗମତା ଆଣିବା, ବିଭିନ୍ନ ପରୀକ୍ଷାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ମିଳୁଥିବା ସୁବିଧା ସୁଯୋଗ, କ୍ରୀଡା, ଶାରୀରିକ ଶିକ୍ଷା, ଯୋଗ ଇତ୍ୟାଦି କ୍ଷେତ୍ରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସହଭାଗିତାକୁ ସୁନିଶ୍ଚିତ କରିବା ଆଦି ନେଇ ଛାତ୍ରଛାତ୍ରୀଙ୍କ ପଞ୍ଚକୋଷିୟ ବିକାଶ ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯିବ। ସାଧନକର୍ମୀ ଭାବେ ସିଆରସିସି ପ୍ରାଣବନ୍ଧୁ ଘଡେଇ, ଭେନସ ପ୍ରଧାନ, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ଶିକ୍ଷକ ଫକୀର ମୋହନ ପ୍ରଧାନ ତାଲିମ ପ୍ରଦାନ କରିବେ। ଶିବିରର ବିଭିନ୍ନ ଦିବସରେ ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପାରପୋଷି ସିଆର୍‌ସିସି ରାଜେଶ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ଝରାଗୋଗୁଆ, ପାରପୋଷି, ଲଇମୁରା ଓ ଡିମିରିକୁଦା କ୍ଲଷ୍ଟରରୁ ମୋଟ ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ।




# ନୂତନ ଦେଶୀ ମଦଭାଟିକୁ ବିରୋଧ

ବରଗଡ଼,୧୨।୯ (ସମିସ)

ନୂତନ ଭାବେ ଜିଲ୍ଲା ଅବକାରୀ ବିଭାଗ ତରଫରୁ ଦେଶୀ ମଦଭାଟି ଖୋଲା ଯିବାକୁ ବିରୋଧ କରି ଶହଶହ ଜନସାଧାରଣ ଜିଲ୍ଲାପାଳଙ୍କ ଅଫିସକୁ ଆସି ଦାବିପତ୍ର ଦେଇଛନ୍ତି। ଭେଡେନ ବ୍ଲକ୍ ରେଶମ ପଞ୍ଚାୟତର ଇଛାପଦର ଏବଂ ନନ୍ଦିନୀପୁର ଗାଁରେ ନୂତନ ଭାବେ ଦେଶୀ ମଦ ବ୍ରାଞ୍ଚ ଭାଟି ନିର୍ମାଣ ହେଉଛି। ମଦଭାଟି ଖୋଲା ଯାଉଥିବା ସ୍ଥାନ ନିକଟରେ ସରକାରୀ ସ୍କୁଲ ଓ ମନ୍ଦିର ରହିଛି। ଏପରିକି ମୁଖ୍ୟରାସ୍ତା ହୋଇଥିବାରୁ ଶହଶହ ଛାତ୍ରଛାତ୍ରୀ ଏବଂ ଲୋକ ମଧ୍ୟ ପ୍ରତ୍ୟହ ଯାତାୟାତ କରିଥାନ୍ତି। ଏପରି ସ୍ଥାନରେ ମଦଭାଟି ଖୋଲାଗଲେ ମଦ ପିଇ ଅନେକ ବିଭିନ୍ନ ପ୍ରକାର ଅସମାଜିକ କାର୍ଯ୍ୟ କରିବାର ସମ୍ଭାବନା ରହିଛି।



ଏହାଦ୍ୱାରା ପାଖ ଗାଁର ସ୍ୱାସ୍ଥ୍ୟ, ଶିକ୍ଷା ତଥା ଅର୍ଥନୀତି ପ୍ରଭାବିତ ହେବ। ଏପରିସ୍ଥଳେ ପ୍ରଶାସନ ପକ୍ଷରୁ ମଦଭାଟି କାହିଁକି ଏବଂ କାହା ସ୍ୱାର୍ଥରେ ଖୋଲାଯାଉଛି ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି। ନିଶାଦ୍ରବ୍ୟ ବନ୍ଦ କରିବା ପାଇଁ ସରକାର ସ୍କୁଲ କଲେଜ ଏବଂ ଗାଁ ଗାଁରେ ସଚେତନତା ସୃଷ୍ଟି କରୁଛନ୍ତି। ତେବେ କେଉଁ ମାନସିକତା ଆଧାରରେ ମଦଭାଟି ଖୋଲାଯାଉଛି ବୋଲି ସେମାନେ ଯୁକ୍ତି କରିଛନ୍ତି। ତୁରନ୍ତ ଏହିକାର୍ଯ୍ୟ ବନ୍ଦ କରା ନ ଗଲେ ମଦଭାଟି ଭାଙ୍ଗିବା ପାଇଁ ବାଧ ହେବୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ଉତ୍ତମ ବାଗ ଏବଂ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁବର୍ଣ୍ଣ ନାୟକ, ତହସିଲଦାର ଭେଡେନଙ୍କୁ ଦାବିପତ୍ରରେ ଉଲ୍ଲେଖ କରି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗାଁର ମହିଳା ମାନେ ଲଳିତା ପଧାନ, ସୁରେନ୍ଦ୍ରୀ ପଧାନ, ଲଳିତା ଭୋଇ, ଏବଂ ସୁନୀଲ ବାରିକ, ଅର୍ଜୁନ ଭୁଏ, ସୀତାରାମ ପଧାନ, ଝସକେତନ ପଧାନ କୃଷକ ସଂଗଠନର ସୁଦାମ ପାତ୍ର, ବିକାଶ ମାଝୀ, ସୁରେଶ ନିକେଣ୍ଟି, ରମେଶ ମହାପାତ୍ର ନେତୃତ୍ୱ ନେଇଥିବା ବେଳେ ଶହଶହ ମହିଳା ପୁରୁଷ ମାନେ ସାହାଯ୍ୟ କରିଥିଲେ।

ସକାଳ
THE SAKALA



### ଉପଜିଲ୍ଲାପାଳଙ୍କ ଅଫିସ ଘେରିଲା ବିଜେଡି

# ସରକାର ବିରୋଧୀ ନାରାରେ କମ୍ପିଲା ପାଟଣାଗଡ଼

**ପାଟଣାଗଡ଼, ୧୨।୯ (ସମିସ)**

ପାଟଣାଗଡ଼ ଏନଏସିକୁ ମ୍ୟୁନିସିପାଲଟି କରାଯାଉ। ଚାଷୀଙ୍କୁ ଯଥେଷ୍ଟ ପରିମାଣରେ ଓ ଉଚିତ ମୂଲ୍ୟରେ ୟୁରିଆ ସାର ବଣ୍ଟନ କରାଯାଉ। ଏଭଳି ଦାବି ନେଇ ଶୁକ୍ରବାର ପାଟଣାଗଡ଼ ବିଜେଡି ପକ୍ଷରୁ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଛି। ସ୍ଥାନୀୟ ବ୍ରହ୍ମପୁରାଠାରେ ଅଞ୍ଚଳର ବିଜେଡି କର୍ମୀ ଓ ଚାଷୀମାନେ ଏକତ୍ରିତ ହୋଇଥିଲେ। ସମସ୍ତେ ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସହର ପରିକ୍ରମା ସମୟରେ ସମସ୍ତେ ସରକାର ବିରୋଧୀ ବିଭିନ୍ନ ନାରା ନେଇଥିଲେ। ଡବଲ ଇଞ୍ଜିନ ସରକାର ହାଏ ହାଏ, କଳାବଜାର ବନ୍ଦ, ପିସି ନେବା ବନ୍ଦ ହେଉ ଆଦି ନାରା ଦେଇ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ପାଟଣାଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ସରୋଜ ମେହେର ରାଜ୍ୟ ସରକାର ଓ କୃଷି ମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ ପାଟଣାଗଡ଼ ଏନଏସି ବହୁତ ପୁରାତନ ହୋଇଥିଲେ ମଧ୍ୟ ମ୍ୟୁନିସିପାଲଟି ଘୋଷଣା କରାଯାଇନାହିଁ। ପୂର୍ବରୁ ବିଜେଡି ସରକାର ସମୟରେ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ ବିଜେପି ସରକାର ଏନଏସି ଘୋଷଣା କରିନାହିଁ। ପାଟଣାଗଡ଼ ଉପଖଣ୍ଡର ବେଲପଡ଼ା ଓ ଲାଠୋରକୁ ଏନଏସି ପାଇଁ ବିଜେଡି ସରକାର ପ୍ରକ୍ରିୟା ଆରମ୍ଭ କରିଥିଲା; କିନ୍ତୁ ତାହା ଘୋଷଣା କରାଗଲା ନାହିଁ। ଦୁଃଖର କଥା ବିଜେଡି ସରକାର ସମୟରେ ଯାହା ଘୋଷଣା କରାଯାଇଥିଲା ତାହା ହୋଇପାରିଲାନାହିଁ। ଅନ୍ୟପଟେ ଚାଷୀ ୟୁରିଆ ସାର ପାଇଁ ଦହଗଞ୍ଜ ହେଉଛନ୍ତି। ୟୁରିଆ ସାରର ସରକାରୀ ମୂଲ୍ୟ ୨୬୬ ଟଙ୍କା ରହିଥିଲେ ହେଁ ୮ଶହରୁ ୧୨ଶହ ଟଙ୍କାରେ କଳାବଜାର ହେଉଛି। ବିଭିନ୍ନ ପେକ୍ସରେ ହଜାର ହଜାର ଚାଷୀ ୟୁରିଆ ସାର ପାଇଁ ଲମ୍ବା ଲାଇନ ଲଗାଉଛନ୍ତି। ତଥାପି ସାର ମିଳୁନାହିଁ। ବିଜେପି ସରକାର ବିଭିନ୍ନ ରାଇସ୍ ମିଲ୍, ଛତୁଆ, ପେଟ୍ରୋଲପମ୍ପ, ଠିକାମରୁ ପିସି ଯୋଗାଡ଼ରେ ବ୍ୟସ୍ତ; କିନ୍ତୁ ଚାଷୀଙ୍କୁ ଠିକ ସମୟରେ ଉପଯୁକ୍ତ ସାର ଯୋଗାଇ ପାରୁନାହାନ୍ତି। ସ୍ଥାନୀୟ ବିଧାୟକ କୃଷି ମନ୍ତ୍ରୀ ହୋଇଥିଲେ ସୁଦ୍ଧା ଅଞ୍ଚଳର ଚାଷୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ କୃଷି ମନ୍ତ୍ରୀ ନୁହେଁ ପିସି ମନ୍ତ୍ରୀ ବୋଲି କଟାକ୍ଷ ମଧ୍ୟ କରିଥିଲେ। ଉପସ୍ଥିତ ବିଜେଡି କର୍ମୀମାନେ ନିଜ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମେନଫିଲ କେରକେଟାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଘେରଉରେ ଏନଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ପ୍ରଦୀପ ମେହେର, ସମିତି ସଭ୍ୟ ସଙ୍ଘ ସଭାପତି ଗୋବିନ୍ଦ ମେହେର, ହିମାଞ୍ଚଳ ପଧାନ, ସୁକୁମାର ବାରିକ, ସୁଜିତ ମେହେର, ଜୟନ୍ତ କୁମ୍ଭାରଙ୍କ ସହ ୫ ଶହରୁ ଅଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।






**ପାଟଣାଗଡ଼ ଏନଏସିକୁ ମ୍ୟୁନିସିପାଲିଟି ଓ ଉଚିତ ମୂଲ୍ୟରେ ସାର ପାଇଁ ଦାବି**

**ରାଜ୍ୟ ସରକାର ଓ କୃଷିମନ୍ତ୍ରୀଙ୍କ ଉପରେ ବର୍ଷିଲେ ପୂର୍ବତନ ବିଧାୟକ**

**ସ୍ଥାନୀୟ ବିଧାୟକ କୃଷିମନ୍ତ୍ରୀ ହୋଇଥିଲେ ସୁଦ୍ଧା ଅଞ୍ଚଳର ଚାଷୀ ଅସୁବିଧାର ସମ୍ମୁଖୀନ**

## ଗାଁକୁ ନିଶାମୁକ୍ତ ପାଇଁ ପଣ କରିଛନ୍ତି ମହିଳା

**କୁତ୍ରା, ୧୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁରୁଙ୍ଗା ଗ୍ରାମକୁ ମଦମୁକ୍ତ କରିବା ପାଇଁ ଏସ୍ଏଚ୍‌ଜି ମା'ମାନେ ପଣ କରିଛନ୍ତି। ବର୍ତ୍ତମାନର ସମାଜରେ ଅଧିକାଂଶ ଯୁବକ ଯୁବତୀ ନିଶା ସେବନ କରି ବିପଥଗାମୀ ହୋଇଯାଉଥିବାବେଳେ ଏହାର ନିରାକରଣ ପାଇଁ ମହିଳାଙ୍କ ଏହି ଉଦ୍ୟମ ବେଶ୍ ପ୍ରଶଂସନୀୟ।

ଗାଁମାନଙ୍କରେ ହାଣ୍ଡିଆ ଓ ମହୁଲି ଭଳି ନିଶାଦ୍ରବ୍ୟ ଅତି କମ୍ ଦାମ୍‌ରେ ଓ ସହଜରେ ମିଳୁଥିବାରୁ ଅଧିକାଂଶ ଯୁବକ ଯୁବତୀ ଶିକାର ହେଉଛନ୍ତି। ଏହାଦ୍ୱାରା ସମାଜରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଘରେ ଘରେ କଳି ଝଗଡ଼ା ହେଉଛି। ପାରିବାରିକ ଜୀବନ ଦୁଃଖମୟ ହୋଇପଡୁଛି। କୁରୁଙ୍ଗା ଗାଁରେ ମଧ୍ୟ ଏହାର ପ୍ରଭାବ ପଡୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର କୁରୁଙ୍ଗା ଗ୍ରାମ କିଶାନ ବସ୍ତିରେ ଗାଁକୁ ମଦମୁକ୍ତ କରିବା ନେଇ ଏସ୍ଏଚ୍‌ଜି ମା'ମାନେ ଏକ ସଭାର ଆୟୋଜନ କରିଥିଲେ। ସଭାର ନିଷ୍ପତ୍ତି ଅନୁଯାୟୀ ଗ୍ରାମର ଯେଉଁ ଘରେ ମଦ ବିକ୍ରି କରାଯିବ ତା' ସେ ପରିବାର ଉପରେ ୫୦ହଜାର ଟଙ୍କାର ଜରିମାନା କରାଯିବ। ଯିଏ ଏ ବିଷୟରେ ଖବର ଦେବ ତାକୁ ୧୦ହଜାର ଟଙ୍କା ପୁରସ୍କାର ଦିଆଯିବ। ମହିଳାମାନଙ୍କ ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ଚୋରକୁ ଛେଚିଲେ ଲୋକେ

**ରାଉରକେଲା, ୧୨।୯ (ସମିସ):** ଦୋକାନରୁ ଟଙ୍କା ଚୋରି କରୁଥିବା ବେଳେ ଧରା ପଡ଼ି ମାଡ଼ ଖାଇଛି ଚୋର। ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଡିଏଭି ଅଟୋ ଷ୍ଟାଣ୍ଡ ଛକ ନିକଟରେ ଶୁକ୍ରବାର ଅପରାହ୍ନ ସମୟରେ ଏହି ଘଟଣା ଘଟିଥିଲା। ସୂଚନା ମୁତାବକ, ଉକ୍ତ ଛକ ଠାରେ ଏକ ଭେରାଇଟି ଦୋକାନ ରହିଛି। ଅପରାହ୍ନ ବେଳେ ହଠାତ୍ ବର୍ଷା ହୋଇଥିଲା। ଫଳରେ ପ୍ରାୟ ୩ ଜଣ ଯୁବକ ଉକ୍ତ ଦୋକାନ ଛାତ ତଳେ ଆଶ୍ରୟ ନେଇଥିଲେ। ଦୋକାନ ମାଲିକ ଅନ୍ୟ କାମରେ ବ୍ୟସ୍ତ ଥିବା ବେଳେ ଜଣେ ଦୁର୍ବୃତ୍ତ କ୍ୟାସ କାଉଣ୍ଟର ଖୋଲି ଟଙ୍କା ବାହାର କରିଥିଲା। ଶବ୍ଦ ଶୁଣି ମାଲିକ ଦେଖିବା ବେଳକୁ ଦୁର୍ବୃତ୍ତ ଜଣକ ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ସ୍ଥାନୀୟ ଲୋକେ ଓ ମାଲିକ ତାକୁ ମାଡ ମାରି ଛାଡ଼ି ଦେଇଥିବା ସୂଚନା ମିଳିଛି।

## ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱର ବିକାଶ କର୍ମଶାଳା ଉଦ୍‌ଘାଟିତ



**ନୂଆପଡ଼ା/ଖଡ଼ିଆଳ, ୧୨।୯ (ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡ଼ିଶା ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ୩ ଦିନ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶ ଜନିତ ପ୍ରମାଣପତ୍ର କର୍ମଶାଳା ଉଦ୍‌ଘାଟିତ ହୋଇଛି। ଆହ୍ଲାଦିନି ଶବର, ମନସ୍ୱିନୀ ଦାଶ, ବିଲାସିନୀ ଭୁଈଁଆ, ଅଶ୍ୱିନୀ ଦୀପ, ମନୀଷା ରାଣୀ ମେହେର ଏବଂ ସୁଜାତା ନାଏକ ଆବାହନି ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବାସ୍ଥଳେ ଜିଲ୍ଲା ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନର ସଭାପତି ନଟବର କ୍ଷତ୍ରି ଉଦ୍‌ଘାଟନୀ ମନ୍ତବ୍ୟ ପ୍ରଦାନ କରିଥିଲେ। ଡ଼. ଅଶୋକ କୁମାର ହୋତା ଆଧୁନିକ ଯୁଗରେ ବ୍ୟକ୍ତିତ୍ୱର ବିକାଶ, ମାନବ ଜୀବନରେ ୩ଏଚ୍‌ଏସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଭଞ୍ଜନଗରରୁ ଆସିଥିବା ଉକ୍ତ ଅନୁଷ୍ଠାନର ଗଞ୍ଜାମ ଜିଲ୍ଲା ଅଧିକାରୀ ପ୍ରତାପ ସ୍ୱାଇଁ ବ୍ୟକ୍ତିତ୍ୱର ପଞ୍ଚ ବିକାଶର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ବିଜୟଲକ୍ଷ୍ମୀ ଶତପଥୀ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ସଭାପତି ସତ୍ୟ ସାଇଙ୍କ ଉପରେ ଆଧାରିତ ପୁସ୍ତକ ମହାବିଦ୍ୟାଳୟର ପାଠାଗାର ନିମନ୍ତେ ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିବାବେଳେ ବିଷୟ ସଂଯୋଜକ ଡ. ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାୟ ୧୫୦ଜଣ ଛାତ୍ରଛାତ୍ରୀ ଯୋଗଦେଇଥିବାବେଳେ ଅଧ୍ୟାପକ ଡ.ତରୁଣ କୁମାର ପ୍ରଧାନ, ଅଧ୍ୟାପକ ସୁନିଲ କୁମାର ପାଢ଼ୀ, ଅଧ୍ୟାପିକା ରୀତା ଦାଶ, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା ସଂନ୍ତୋଷୀ ଶର୍ମା, ଅଧ୍ୟାପିକା କାଜଲ ମେହେର, ଅଧ୍ୟାପିକା ରାଜେଶ୍ୱରୀ କରୁଁଆ, ଅଧ୍ୟାପିକା ତନୁଜା ସାହୁ, ଅଧ୍ୟାପିକା ପାୟଲ ପ୍ରଧାନ ମୁଖ୍ୟକିରାଣି ଅକ୍ଷୟ ଦାଶ, ଗିରିଧାରୀ ନାୟକ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ




**ଶଗଡ଼ା, ୧୨।୯ (ସମିସ):** କଣ୍ଟାମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ଶ୍ରୀନିବାସ ଭିବି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ଏମ୍‌ପି ନକୁଳ ନାୟକ, ଆକବର ଖାନ, ପ୍ରମୋଦ କୁମାର ଜେନା, ନବ କୁମାର ମିଶ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ପର୍ଯ୍ୟବେକ୍ଷକ ଶ୍ରୀ ଭିବି ତୃଣମୂଳ ସ୍ତରରୁ କିଭଳି ସଂଗଠନକୁ ସୁଦୃଢ଼ କରି ହେବ ସେନେଇ ଉପସ୍ଥିତ କର୍ମୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ, କଣ୍ଟାମାଳ ଓ ହରଭଙ୍ଗା ବ୍ଲକର ସମସ୍ତ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## କାଉନସିଲରଙ୍କ ସହ ଥାନା ଅଧିକାରୀଙ୍କ ଆଲୋଚନା



**ବୌଦ୍ଧ, ୧୨।୯ (ସମିସ):** ଆଜି ବୌଦ୍ଧ ଆଦର୍ଶ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ନଳିନୀ କାନ୍ତ ଦାସ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲରମାନଙ୍କ ଆଲୋଚନା କରିଛନ୍ତି। ସେ ସହର ତଥା ବିଭିନ୍ନ ୱାର୍ଡରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ କାଉନସିଲରଙ୍କ ସହଯୋଗ କାମନା କରିଥିଲେ। ଏଥିସହ ସହରର ରାସ୍ତା କିମ୍ବା ପଡ଼ିଆରେ ବସି ମଦ ପିଇବା ସମ୍ପୂର୍ଣ୍ଣ ମନା ଏବଂ ଯାତ୍ରା ପର୍ବରେ ଡିଜେ ବଜାଇବା ମଧ୍ୟ ମନା କରିଥିବା ଜଣାପଡ଼ିଛି।

## ଗ୍ୟାରେଜରେ ପଶିଗଲା ମିନିଟ୍ରକ୍

**କଣ୍ଟାବାଞ୍ଜି, ୧୨।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲବାହାଲି ଧରୁଆ ଗ୍ୟାରେଜ ଭିତରକୁ ଭାରସାମ୍ୟ ହରାଇ ଏକ ମିନିଟ୍ରକ୍ ପଶି ଯାଇଛି। ଗାଡିଟି ତୁରେକେଲାରୁ କଣ୍ଟାବାଞ୍ଜି ଯାଉଥିଲା। ତେବେ ଏହାଦ୍ୱାରା ଅନେକ କ୍ଷୟକ୍ଷତି ହୋଇଛି। ତୁରେକେଲା ପୋଲିସ ପହଞ୍ଚି ଡ୍ରାଇଭରକୁ ଥାନାରେ ଅଟକ ରଖିଛି।

## ଟ୍ରାନ୍ସଫର୍ମରରେ ଲାଗିଲା ନିଆଁ

**ଗୋଲାମୁଣ୍ଡା, ୧୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମରରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଥିଲେ। ଶୁକ୍ରବାର ଅପରାହ୍ନରେ ଏହି ଘଟଣା ଘଟିଥିଲା। ଏନେଇ ସମାଜସେବୀ ଆଲୋକ ଅଗ୍ରୱାଲ ବିଦ୍ୟୁତ ବିଭାଗକୁ ଯୋଗାଯୋଗ କରିଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମରାମତି କରିଥିଲେ।

## 'ଆଦି କର୍ମଯୋଗୀ' ଅଭିଯାନର ପ୍ରୟୋଗଶାଳା ଉଦ୍‌ଯାପିତ



**ଥୁଆମୂଳ ରାମପୁର, ୧୨।୯ (ସମିସ):** ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର ଦ୍ୱାରା ଆୟୋଜିତ 'ଆଦି କର୍ମ ଯୋଗୀ' ଅଭିଯାନ ଆନୁକୂଲ୍ୟରେ ୩ ଦିନିଆ ପ୍ରୟୋଗଶାଳା ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉପସ୍ଥିତ ରହି ଆଗାମୀ ଦିନରେ କିଭଳି ଭାବେ ଆଦିବାସୀ ବହୁଳ ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ତଥା ପ୍ରତ୍ୟେକ ପରିବାରକୁ ବିଭିନ୍ନ ବିଭାଗରୁ ଆସୁଥିବା ସୁବିଧା ସୁଯୋଗ ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେନେଇ ଜିଲ୍ଲା ଏବଂ ବ୍ଲକସ୍ତରରୁ ଏହି ପ୍ରୟୋଗଶାଳାରେ ଯୋଗ ଦେଇଥିବା ଅଧିକାରୀ, କର୍ମଚାରୀଙ୍କୁ ବୁଝାଇଥିଲେ। ଏଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର ପ୍ରଶିକ୍ଷିତ ହେଇଥିବା ଅଧିକାରୀଙ୍କୁ କିଭଳି ତୃଣମୂଳସ୍ତରରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ମାନସିକସ୍ତରରେ ପ୍ରସ୍ତୁତ କରିବେ ସେନେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଥୁଆମଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ସାମର୍ଥ୍ୟ ଶିବିର ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ

**କଲମପୁର, ୧୨।୯ (ସମିସ)** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସମେତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କଲମପୁର ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବ୍ଲକ ସହକାରୀ ଯନ୍ତ୍ରୀ କିରଣ କୁମାର ଷଣ୍ଢ, ଗୋଷ୍ଠୀ ଅର୍ଥ ପରାମର୍ଶଦାତା ନିଖିଳେସ ପାତ୍ର, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଘନଶ୍ୟାମ ନାଏକ, ବିଜମରା ପଞ୍ଚାୟତ ସରପଞ୍ଚ ବାଳକୃଷ୍ଣ ଧଙ୍ଗଡ଼ାମାଝୀ, ବନ୍ଧକନା ପଞ୍ଚାୟତ ସରପଞ୍ଚ ହିମାଦ୍ରି ବାଗ, ସମିତିସଭ୍ୟ ରିନା ମାଝୀ, କୋଟାଗାଁ ସରପଞ୍ଚ ଚନ୍ଦନ ପଣ୍ଡା, ମଣ୍ଡଳ ସରପଞ୍ଚ ତ୍ରୟମ୍ବକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ଲକର ୧୧ଟି ପଞ୍ଚାୟତରୁ ଆସିଥିବା ୩୮୮ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୨୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଅସ୍ଥିଶଲ୍ୟ ବିଭାଗ ପଞ୍ଜିକରଣ ୧୦୫, ମାନସିକ ବିଭାଗ ୩୧, କର୍ଣ୍ଣ ଓ ଗଳା ବିଭାଗ ୯୫, ଚକ୍ଷୁ ବିଭାଗ ୫୯ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ୯୮ ଜଣ ପଞ୍ଜିକରଣ କରିଥିବାବେଳେ ୩୦ ଜଣଙ୍କୁ ବସ୍ ପାସ, ୨୭ ଜଣଙ୍କୁ ଟ୍ରେନ୍ ପାସ ଏବଂ ଟ୍ରାଇ ସାଇକେଲ ପାଇଁ ୫ଜଣ ଆବେଦନ କରିଥିଲେ। ଏଥିସହିତ ଡିଆରଆଇ ଲୋନ୍ ପାଇଁ ୩ ଜଣ, ଚଷମା ପାଇଁ ୭ଜଣ, ଘର ପାଇବା ପାଇଁ ୫ଜଣ ଆବେଦନ କରିଥିଲେ। ମଧୁବାବୁ ଭତ୍ତା ୫୦ ଜଣଙ୍କୁ ଏବଂ ଇନ୍ଦିରାଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ୫୧ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ମିଶନ ଶକ୍ତି ବିଭାଗରୁ ୧୫ଟି ସ୍ୱୟଂସହାୟକ ଗୋଷ୍ଠୀକୁ ଆବର୍ତ୍ତନ ପାଣ୍ଠି ଦିଆଯାଇ ଥିଲା, କଲମପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧୦ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପ୍ରମୋଦେସ କଶ୍ୟପ ପଣ୍ଡା, ଚକ୍ଷୁ ବିଭାଗର ନିବେଦିତା ମହାରଣା, ମାନସିକ ବିଭାଗ ଅନନ୍ତଚରଣ ମେହେର, କର୍ଣ୍ଣ ଓ ଗଳା ବିଭାଗ ଶ୍ରିଧାର୍ଥ ଜେନା, ମାନସିକ କର୍ମୀ ଅନାୟତ ମହମ୍ମଦ, ଶ୍ରବଣ ବିଦ୍ ଆରାଧନା ବେହେରୁକ, ଟେଲି ମେଡିସିନ ନିବେଦିତା ସାହୁ, ଏମଆଇ ନିବାସ ଚନ୍ଦ୍ର ସାହୁ, ଭୌତିକ ଚିକିତ୍ସକ ସମ୍ବିତ ସ୍ୱରୂପ ପଣ୍ଡା, ପିଏଣ୍ଡଓ ମନୋଜ କୁମାର ସେଠୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଲକ୍ଷପତି ପୁଝାରୀ, କନିଷ୍ଠ ସହାୟକ ରବୀନ୍ଦ୍ର ବେହେରା, ଡାଟାଏଣ୍ଟ୍ରି ଅପ୍ରେଟର ଆଶୁତୋଷ ପ୍ରଧାନ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଜିତେନ୍ଦ୍ର କୁମାର ମଞ୍ଚ ପରିଚାଳନା କରିଥିଲେ।



## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ରାଉରକେଲା, ୧୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ପୁରୁଣାପାଣି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତକାଲି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମନି ଟୁଡୁ ଯୋଗ ଦେଇ ବ୍ଲକସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ବ୍ଲକର ଗୌରବ ଆଣିବେ ବୋଲି କହିଥିଲେ। ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲରୁ ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରୁଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନାରାଣୀ ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟୋପ୍ନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ, ଗୋଲାପ ଚନ୍ଦ୍ର ପଟେଲ, ସୁଫଳ ସୁରିନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଆଜି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମନି ଟୁଡୁ, ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନାରାଣୀ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଓଡ଼ିଆରେ ନାମ ଫଳକ ଲେଖିବା ନେଇ ସଚେତନତା ପଦଯାତ୍ରା

**ରାଉରକେଲା, ୧୨।୯ (ସମିସ)**

ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ନାମ ଫଳକକୁ ଓଡ଼ିଆରେ ଲେଖିବା ନେଇ ରାଉରକେଲାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା।

ସୂଚନାଯୋଗ୍ୟ ଯେ ଓଡ଼ିଶା ସରକାରଙ୍କ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଧାରା ୩୮ ଏବଂ ସରକାରଙ୍କ ୧୯୫୬ ଆଇନର ସଂଶୋଧିତ ରାଜପତ୍ର ୨୦୧୮ ପରିଚ୍ଛେଦ ୩୫ରେ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ ଓଡ଼ିଶାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମ ଫଳକ ଏବଂ ନଥିପତ୍ରରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ ଅନୁଧ୍ୟାନ ଏବଂ ପାଳନ କରାଯାଉ ନଥିବା ବେଳେ ଏହି ସରକାରୀ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଙ୍ଘନ। ଏହି ନିୟମରେ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡିତ କରାଯିବାର ଆଇନରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ସରକାରଙ୍କ ଶ୍ରମ ବିଭାଗ, ସଂସ୍କୃତି ବିଭାଗ, ନଗର ଉନ୍ନୟନ ବିଭାଗ ସର୍ବୋପରି ଉତ୍କଳ ସମ୍ମିଳନୀର ରାଉରକେଲା ଶାଖା ତରଫରୁ ବିଭିନ୍ନ ସମୟରେ ନିବେଦନ କରାଯାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ। ଏହା ମଧ୍ୟ ପ୍ରତୀତ ହେଉଛି ଯେ, କେତେକ ଦୋକାନ ଏବଂ ପ୍ରତିଷ୍ଠାନ ନାମ ଫଳକ ବଡ଼ ବଡ଼ ଅକ୍ଷରରେ ନିର୍ଭୁଲ ଭାବରେ ନଲେଖିବା ସରକାରଙ୍କ ନିର୍ଦ୍ଦେଶର ଅବମାନନା। ଆଜି ଉତ୍କଳ ସମ୍ମିଳନୀ, ରାଉରକେଲା ଶାଖା ପକ୍ଷରୁ ବିଶ୍ରା ଛକ ଠାରୁ ଏକ ବିଶାଳ ପଦଯାତ୍ରା ବାହାରିଥିଲା। ଏହି ଅବସରରେ ରାଉରକେଲାର ସମସ୍ତ ପ୍ରତିଷ୍ଠାନକୁ ଓଡ଼ିଆରେ ନାମ ଫଳକ ଲେଖିବାକୁ ଅନୁରୋଧ କରାଯାଇଥିଲା। ଏହି ନାମ ଫଳକ ଓଡିଆରେ ଲେଖିବାକୁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ଗୋଟିଏ ମାସ ସମୟ ଦିଆଯାଇଥିଲା। ଏଥିପାଇଁ ଏକ ସଚେତନତା ଶୋଭାଯାତ୍ରା ବିର୍ସା ଛକରୁ ଆରମ୍ଭ ହୋଇ ମୁଖ୍ୟ ରାସ୍ତାରେ ବିଭିନ୍ନ ସ୍ଲୋଗାନ ଦେଇ ଉଦିତନଗର ଆମ୍ବେଦକର ଛକରେ ପହଞ୍ଚିଥିଲା। ଏହି ସଚେତନତା ରାଲିରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ସମେତ ଉତ୍କଳ ସମ୍ମିଳନୀ ଧାମରା ସଂଘ, ସ୍ୱାଭିମାନୀ ଓଡ଼ିଆ ସଂଘ, ଜୟ ଜଗନ୍ନାଥ ରାଉରକେଲା ଶାଖା ସହିତ ବିଭିନ୍ନ ସଂଗଠନ ଏବଂ ବିଭିନ୍ନ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ଆମ୍ବେଦକର ଛକରେ ପହଞ୍ଚିବା ପରେ, ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ଲୋଗାନ ଦିଆଯାଇଥିଲା। ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ସଭାପତି ସୁଦାମ ଦାସ, ସାଧାରଣ ସମ୍ପାଦକ ଅକ୍ଷୟ ଦାସ, କୋଷାଧ୍ୟକ୍ଷ ଭଗବାନ୍ ମହାପାତ୍ର, ଉପସଭାପତି ଚିତ୍ତରଞ୍ଜନ ଦାସ, ବ୍ରିଜମୋହନ ଅଗ୍ରୱାଲ, ନବଘନ ପାଣି, ଶୈଳେନ୍ଦ୍ର ମହାନ୍ତି, ଡାକ୍ତର କିଶୋରୀ ଦାସ, ଗଗନ ପଣ୍ଡା, ଆଶିଷ ମୋହିତୀ, ବିନୋଦ ସିଂହଙ୍କ ସମେତ ସ୍କୁଲ ଓ କଲେଜର ହଜାର ହଜାର ଛାତ୍ରଛାତ୍ରୀ ତଥା ସହରର ବିଶିଷ୍ଟ ବ୍ୟକ୍ତିମାନେ ଏହି ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।





## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନେବାକୁ ଭୁଲନ୍ତୁନି। ଦୀର୍ଘ ଦିନର ଆଶା ପୂରଣ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ।

**ବୃଷ:** ବ୍ୟବସାୟଜଡ଼ିତ କଥାକୁ ଗୋପନୀୟ ରଖନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ସାମାନ୍ୟ ବିତର୍କ ହୋଇପାରେ। ଦୂର ଯାତ୍ରା ଯୋଗ ଅଛି। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନୂତନ ପ୍ରୋଜେକ୍ଟରେ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ସ୍ୱପ୍ନ ସାକାର କରିବାକୁ କଠିନ ପରିଶ୍ରମ କରିବେ। ଅଚାନକ ଦୁଃଖଦ ଖବର ମିଳିପାରେ। ମନକୁ ସ୍ଥିର ରଖିବା ଭଲ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ଅଟକିଥିବା କାର୍ଯ୍ୟ ପୂରା ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଘରେ ସୁଖ ଶାନ୍ତି ମାହୋଲ ରହିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ବିଛା:** ବ୍ୟକ୍ତିଗତ ମାମଲାକୁ ନେଇ ଚିନ୍ତିତ ରହିପାରନ୍ତି। ବିବାଦୀୟ ମାମଲାରୁ ଦୂରେଇ ରହିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ।

**ଧନୁ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରିବା ଭଲ। ଲୋକ ସମ୍ପର୍କ ବଢ଼ିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଅତିଥି ସତ୍କାର କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**ମକର:** କଠିନ ପରିଶ୍ରମ କରିବାକୁ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଧୈର୍ଯ୍ୟ ଧରନ୍ତୁ। ଉଚ୍ଚଶିକ୍ଷାପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଘରେ ଶୁଖ ଶାନ୍ତି ବଜାୟ ରଖିବେ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ବୈବାହିକ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ।

**ମୀନ:** ମନ ଖୁସି ରହିବ। ପରିବାର ସହିତ ଅଧିକ ସମୟ ବିତାଇବେ। କୋର୍ଟ କଚେରୀ ମାମଲାର ସମାଧାନ ହେବ। ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେଇପାରେ।

## ଆଜିର ଇତିହାସ

- ୧୯୪୦- ଇଟାଲୀ ମିଶର ଉପରେ ଆକ୍ରମଣ କଲା।
- ୧୯୪୫- ଭିଏତ୍‌ନାମରେ ଯୁଦ୍ଧ ଆରମ୍ଭ ହେଲା।
- ୧୯୭୧- ବିଶ୍ୱ ହକି ସଂଘର ଗଠନ କରାଗଲା।
- ୨୦୦୨- ଇସ୍ରାଏଲ୍ ଗାଜା ପଟ୍ଟି ଉପରେ ଆକ୍ରମଣ କଲା।
- ୨୦୦୮ - ଦିଲ୍ଲୀର ବିଭିନ୍ନ ସ୍ଥାନରେ ପାଞ୍ଚଥର ବିସ୍ଫୋରଣ ଯୋଗୁଁ ପାଖାପାଖି ୩୦ ଲୋକଙ୍କ ମୃତ୍ୟୁ, ଶହେରୁ ଅଧିକ ଆହତ।

## ଇମ୍ରାନ୍‌ଙ୍କ ନାୟିକା ହେବେ ଦିଶା



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଏବେ ତାଙ୍କ ଆଗାମୀ ଫିଲ୍ମ 'ଓଜି'ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। କିଛି ଦିନ ପୂର୍ବରୁ ଏହି ଫିଲ୍ମରେ ଇମ୍ରାନ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା, ଯାହାକୁ ଦେଖି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ଇମ୍ରାନ୍‌ଙ୍କ ଆଉ ଏକ ଫିଲ୍ମକୁ ନେଇ ଖବର ଆସିଛି। ଇମ୍ରାନ୍‌ଙ୍କ ଆଗାମୀ ଫିଲ୍ମ 'ଆୱାରାପନ୍ ୨'ର ନାୟିକା ଫାଇନାଲ ହୋଇ ଯାଇଛନ୍ତି। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ଦେଖାଯିବେ। ଇମ୍ରାନ୍‌ଙ୍କ ଜନ୍ମଦିନରେ 'ଆୱାରାପନ୍-୨' ବିଷୟରେ ଘୋଷଣା କରାଯାଇଥିଲା। ଏଥିରେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଗୀତ ରହିବ ବୋଲି ଇମ୍ରାନ୍ କହିଥିଲେ। ୨୦୦୭ରେ ମୋହିତ୍ ସୂରୀଙ୍କ ନିର୍ଦ୍ଦେଶିତ 'ଆୱାରାପନ୍' ଆସିଥିଲା। ଏଥିରେ ଇମ୍ରାନ୍ ହାସ୍‌ମୀ, ଶ୍ରିୟା ସରନ୍, ମୃଣାଳିନୀ ଶର୍ମା, ଆଶୁତୋଷ ରାଣା ନଜର ଆସିଥିଲେ। ତେବେ 'ଆୱାରାପନ୍ ୨' ମୂଳ ଫିଲ୍ମ 'ଆୱାରାପନ୍'ର ସିକ୍ୱେଲ। ଏହି ଫିଲ୍ମ ମାଧ୍ୟମରେ ଇମ୍ରାନ୍ ପୁଣି ଥରେ ଶିବମ୍ ପଣ୍ଡିତ ଭୂମିକାରେ ପରଦାକୁ ଫେରିବେ। ନିତିନ୍ କକ୍କଡ଼ ଏହାର ନିର୍ଦ୍ଦେଶନା ଦେବେ। ଏହାର ସୁଟିଂ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏପ୍ରିଲ୍ ୩, ୨୦୨୬ରେ ଏହା ରିଲିଜ୍ ହେବ। ତେବେ ପ୍ରଥମ ଥର ପାଇଁ ଇମ୍ରାନ୍ ଓ ଦିଶା ଏହି ଫିଲ୍ମ ମାଧ୍ୟମରେ ଏକାଠି ବଡ଼ ପରଦାରେ ନଜର ଆସିବେ।



## ମହାକାଶରେ ପୋଷାକ ସଫା କରିବ ୱାଶିଂ ମେସିନ୍

ୱାଶିଂମେସିନ୍ ମହିଳାମାନଙ୍କ ପୋଷାକ ଧୁଆ କାମକୁ ବେଶ୍ ସହଜ କରି ଦେଇଛି। ଏଥିରେ ବହୁତଗୁଡ଼ିଏ ପୋଷାକ ଖୁବ୍ କମ୍ ସମୟ ମଧ୍ୟରେ ସଫା ହୋଇଯାଏ। ୱାଶିଂ ମେସିନ୍‌ରେ ପୋଷାକ ସଫା କରିବା ସମୟରେ ଡିଟରଜେଣ୍ଟ ଆବଶ୍ୟକ ହୋଇଥାଏ। ହେଲେ ଏବେ ବିନା ଡିଟରଜେଣ୍ଟରେ ବି ୱାଶିଂମେସିନ୍‌ରେ ପୋଷାକ ସଫା ହୋଇପାରିବ। ତେବେ ଏହି ୱାଶିଂ ମେସିନ୍ ମହାକାଶଚାରୀଙ୍କ ଉଦ୍ଦେଶ୍ୟରେ ତିଆରି କରାଯାଇଛି। ଚୀନ୍‌ର 'ଆଷ୍ଟ୍ରୋନଟ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର' ଏମିତି ଏକ ନିଆରା ୱାଶିଂ ମେସିନ୍ ତିଆରି କରିଛି। ଏହା ମହାକାଶରେ ମହାକାଶଚାରୀଙ୍କ ପୋଷାକ ଧୋଇବା ପାଇଁ ବ୍ୟବହାର କରାଯିବ। ଏହି ୱାଶିଂ ମେସିନ୍ ସୁଟ୍‌କେସ୍ ଆକୃତିର ହୋଇଥିବାବେଳେ ଏହାର ଓଜନ ୧୨ କେଜି। ଏହା ଡିଟରଜେଣ୍ଟ ବଦଳରେ ଜଳୀୟ ବାଷ୍ପ ଓ ଓଜୋନ୍ ଗ୍ୟାସ୍‌ର ବ୍ୟବହାର କରିଥାଏ। ମହାକାଶରେ ପୋଷାକ ଧୋଇବାରେ ପାଣି କମ୍ ବ୍ୟବହାର କରିବା ଉଦ୍ଦେଶ୍ୟରେ ଏହାକୁ ଡିଜାଇନ୍ କରାଯାଇଛି। ଏହି ମେସିନ୍ ଥରକରେ ୮୦୦ ଗ୍ରାମ୍ ପୋଷାକ ଧୋଇପାରିବ। ଏଥିପାଇଁ ୪୦୦ ମିଲିଲିଟର (ଏକ ଛୋଟ ଗ୍ଲାସ୍‌ରୁ କମ୍) ପାଣିର ଆବଶ୍ୟକତା ରହିଛି। ଏଥିରେ ପ୍ରଥମେ ପୋଷାକରେ ପାଣିକୁ ବାଷ୍ପ ଭଳି ସ୍ପ୍ରେ କରାଯାଏ। ଏହାପରେ ଏହି ମେସିନ୍ ୟୁଭି ଲାଇଟ୍ ଦ୍ୱାରା ଓଜୋନ ଗ୍ୟାସ୍ ତିଆରି କରିଥାଏ। ଏହି ଗ୍ୟାସ୍ ପୋଷାକରୁ ଧୂଳି, ମଳି ଜୀବାଣୁ ସଫା କରିଦିଏ। ଏହାପରେ ଗରମ ହାୱା ପୋଷାକକୁ ଶୁଖାଇଦିଏ। ମୋଟାମୋଟି ୩୦ ମିନିଟ୍‌ରେ ଏହି ପ୍ରକ୍ରିୟାରେ ପୋଷାକ ସଫା ହୋଇଯାଏ। ସବୁଠୁ ବଡ଼ କଥା ହେଲା ଏହି ମେସିନ୍‌ରେ ସଫା ହେବା ପରେ ପୋଷାକକୁ ଅନ୍ତତଃ ପାଞ୍ଚଥର ନ ଧୋଇ ପିନ୍ଧି ହେବ। ତେବେ ମେସିନ୍‌ରୁ ଗ୍ୟାସ୍ ନ ଲିକ୍ ହେବା ପାଇଁ ସ୍ୱତନ୍ତ୍ର ସେନସର୍ ଲାଗିଛି। ସ୍ପେଶ୍ ମିଶନ ପାଇଁ ଏହି ୱାଶିଂ ମେସିନ୍ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

## ପୂଜାରେ ଆଇରନମ୍ୟାନ

ଘରେ ହୋମ ଯଜ୍ଞ ଆଦି କରିବା ସମୟରେ ପରିବେଶ ଧୂଆଁମୟ ହୋଇଯାଏ। ଏହି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ପୋଡ଼ାଜଳା ହୁଏ। ଏପରିକି ଆଖିରୁ ଲୁହ ବୁହେ ଏବଂ ମୁହଁ ବି ନିଆଁ ତାତିର ସଂସ୍ପର୍ଶରେ ଆସିଥାଏ। ଅବଶ୍ୟ ଏହାକୁ ଲୋକେ କଷ୍ଟେମଷ୍ଟେ ସହ୍ୟ କରିଥାନ୍ତି। ଏହି କ୍ରମରେ ଜଣେ ବାଳକ ଏହାର ସ୍ମାର୍ଟ ସମାଧାନ ବାହାର କରିଛନ୍ତି ଯାହାକି ଏବେ



ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତେବେ ଏହି ଘଟଣାଟି ହେଉଛି ଗଣେଶ ପୂଜା ସମୟର। ଘରେ ଗଣେଶ ପୂଜା ହେବା ବେଳେ ବାଳକ ଜଣକ ପରିବାର ଲୋକଙ୍କ ସହିତ ପୂଜାରେ ବସିଛନ୍ତି। ସେହିପରି ସମସ୍ତଙ୍କ ଧ୍ୟାନ ହୋମ ଉପରେ ହିଁ ରହିଛି। ଘିଅ ଓ ନିଆଁରେ ହୋମ କାଠ ଜଳି ସେଥିରୁ ଧୂଆଁ ବାହାରୁଛି। ହେଲେ ବାଳକ ଜଣକ ନିଆଁ ତାତି ଓ ଧୂଆଁକୁ ସାମ୍ନା ନ କରିବା ଲାଗି ମୁହଁରେ ଆଇରନ ମ୍ୟାନ୍ ମାସ୍କ ପିନ୍ଧିଛନ୍ତି। ସେ ହଳଦିଆ କୁର୍ତ୍ତା ପିନ୍ଧିଥିବା ବେଳେ ଧୂଆଁ ଏବଂ ତାତିରୁ ନିଜ ମୁହଁକୁ ରକ୍ଷା କରିବା ଲାଗି ସେ ଏହି ସୁପରମ୍ୟାନ୍ ମାସ୍କ ପିନ୍ଧିଛନ୍ତି। ତା'ସହ ଏହାକୁ ପିନ୍ଧି ସେ ଶାନ୍ତିରେ ପରିବାର ସହିତ ପୂଜା କରୁଥିବା ଦେଖାଯାଇଛି। ସେହିପରି ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ମଜାଦାର ପ୍ରତିକ୍ରିୟା ଦେବା ସହ ବାଳକର ବୁଦ୍ଧିକୁ ବି ପ୍ରଶଂସା କରିବାକୁ ପଛାଇ ନାହାନ୍ତି। କିଛି ଲୋକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ଜେନ୍ ଆଲ୍‌ଫା ଏବେବି ଅପରାଜିତ। ସେହିପରି ଆଉ କିଛି ଜଣ ଲେଖିଛନ୍ତି, 'ଏହି ପିଢ଼ି ଅଲଗା ପ୍ରକାରେ ତିଆରି ହୋଇଛନ୍ତି।'

## ଶିଳ୍ପୀ ବିଶ୍ୱକର୍ମା



କନ୍ୟା ସଂକ୍ରାନ୍ତିରେ ଶିଳ୍ପୀ ବିଶ୍ୱକର୍ମା
ହୋଇଥିଲେ ଆବିର୍ଭୁତ-
ମାତା ଯୋଗସିଦ୍ଧା ପିତା ପ୍ରଭାସଙ୍କ
ଥିଲେ ସେ ସୁଯୋଗ୍ୟ ସୁତ,
ବ୍ରହ୍ମାଙ୍କର ନାଭି କମଳୁ ସେ ଯାତ
କହିଥାନ୍ତି କେହି କେହି-
ତାଙ୍କ ନିରିଦେଶେ ସାରା ଜଗତକୁ
ହାତେ ଗଢ଼ିଛନ୍ତି ସେହି,
ଶିଳ୍ପୀମାନଙ୍କର କୂଳ ଦେବତା ସେ
ସକଳ ଶିଳ୍ପର ସ୍ରଷ୍ଟା-
ଦୁନିଆ ଆଖିରେ ଅଟନ୍ତି ତ ସିଏ
ନବ ନିର୍ମାଣର ଦ୍ରଷ୍ଟା,
ସେ ନବ କିଶୋର ଅତୀବ ସୁନ୍ଦର
ନୁହଁନ୍ତି କେ ତାଙ୍କ ପରି-
କନ୍ଦର୍ପଙ୍କ ସମ ତାଙ୍କ ଅଙ୍ଗେ ଥିଲା
ଦିବ୍ୟ ଆକର୍ଷଣ ଭରି,
ତିନି ହାତେ ତାଙ୍କ ବଟାଳି ମାର୍ତ୍ତୁଲି
ଚକ୍ର ଆଦି ଶୋଭାପାଏ-
ଡାହାଣ ହାତଟି ଜଗତ ଜନଙ୍କୁ
ଆଶିଷ ପ୍ରଦାନୀ ଥାଏ,
ସର୍ବ ଶିଳ୍ପକଳା ତାଙ୍କ ପାଶେ ଠୁଳ
କେ ନୁହେଁ ତ ତାଙ୍କ ସରି-
ସରଗଧାମର ଅମରାବତୀ ଯେ
ତାଙ୍କ ଶ୍ରେଷ୍ଠ କାରିଗରୀ,
ଦେବଦେବୀଙ୍କର ଅସ୍ତ୍ର ଶସ୍ତ୍ର ସାଥେ
ରହିଛି ଯେତେ ବିମାନ-
ସେସବୁ ଅଟଇ ତାଙ୍କ ସୃଜନର
ଅନୁପମ ଉପାଦାନ,
ଗଜ ବାହନରେ କରନ୍ତି ଗମନ
ହୋଇ ସେତ ସଜବାଜ-
ତାଙ୍କ ଦରଶନେ ସନ୍ତୋଷ ପ୍ରକାଶ
କରିଥାନ୍ତି ଦେବରାଜ,
ତାଙ୍କୁ ଭକତିରେ ପୂଜିବା ସଭିଏଁ
ଦେଇ ଧୂପ ଦୀପ ଭୋଗ-
ଜୀବନରେ ଆମ ପଡ଼ିବ ନିଶ୍ଚୟ
ପବିତ୍ର ମାହେନ୍ଦ୍ରଯୋଗ। ■

କଣ୍ଟାବଣିଆ, ପ୍ରୀତିପୁର, ଯାଜପୁର



ପ୍ରଦୀପ୍ତ କୁମାର ଦାସ

## ପ୍ରହେଳିକା

- ଆକାରରେ ସିନା ଫୁଲଟି ସାନ
  ବାସନାରେ ଜିଣେ ସବୁରି ମନ
  ସଞ୍ଜରେ ଫୁଟି
  ସକାଳକୁ ଯାଏ ମାଟିରେ ଲୋଟି
  ଅଳପ ଆୟୁଷ ଜୀବନ ତା'ର
  ଫୁଲ ନାଆଁ ଗୋଟି ପାଞ୍ଚଅକ୍ଷର
  ବୁଦ୍ଧି ଖଟେଇକି ଦିଅ ଉତ୍ତର ।

  ଉତ୍ତର-ଗଙ୍ଗଶିଉଳି

- ନଈପଠାରେ ଉଆସ ତୋଳି
  ମନ ଇଚ୍ଛାରେ ଖେଳୁଛି ଦୋଳି
  ସୁନ୍ଦରୀ ଝିଅଟିଏ
  ପିନ୍ଧିଛି ଧଳାଶାଢ଼ି ଛଟକି
  ପଥିକ ପାଦ ଯାଏ ଅଟକି
  ନାଆଁ କହିଦେବ ଯିଏ
  ବୁଦ୍ଧିମାନ ପିଲା ସିଏ ।

  ଉତ୍ତର- କାଶତଣ୍ଡି

- ଶରତ ଆକାଶେ ଜହ୍ନକୁ ଦେଖିଲେ
  ସରସୀରେ ଫୁଟେ ଯେଉଁ ଫୁଲଟି
  ରୂପରେ ରଙ୍ଗରେ ମନ ଚୋରି କରେ
  କହିଦବ ଯିଏ ତାଆ ନାମଟି
  ଶରଧାରେ ତାକୁ ବୁଲେଇ ନେବି ମୁଁ
  ପୁରୀ ଧାମଟି।

  ଉତ୍ତର- କଇଁ ଫୁଲ

ଜଗଦୀଶ ସାହୁ
ସଞ୍ଜପଡ଼ା, ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬



## ଏକରୁ ଦଶ ପର୍ଯ୍ୟନ୍ତ ଗଣନ ଶିକ୍ଷା



ଭୋଜରାଜ ବୁଡ଼େକ

ସୂର୍ଯ୍ୟ ଏକ ଚନ୍ଦ୍ର ଏକ ଏକ ଧ୍ରୁବତାରା,
ପିତା ଏକ ମାତା ଏକ ଏକ ପ୍ରଭୁ ପରା।
ଦୁଇ ଆଖି ଦୁଇ କାନ ଦୁଇ ଆମ ହାତ,
ଦୁଇ ଗୋଡ଼େ ଠିଆ ଆମେ ହେଉ ଆତଯାତ
ତିନି ଦିଅଁ ତିନି ରଥେ ଶ୍ରୀଗୁଣ୍ଡିଚା ଦିନ
ତିନି ଭୁବନ ଦେଖିବାକୁ ମନ ଛନଛନ।
ଚାରିବେଦ ଚାରିଯୁଗ ଚାରି ଆମ ଧାମ,
ଚାରିଗୋଡ଼ିଆ କୁକୁର ଛୁଆ ଜଗେ ଘରଆମ
ପାଞ୍ଚ ଆଙ୍ଗୁଠି ପ୍ରତି ହାତରେ ପ୍ରତି
ପ୍ରତି ଗୋଡ଼ରେ ପାଞ୍ଚ,
ପାଞ୍ଚରେ ପାଞ୍ଚ ମିଶିଲେ ଦଶ
ହେବ କି ମନେ ପାଞ୍ଚ।
ଛଅଋତୁ ଛପିଛପି ଆସନ୍ତି ଜଗତେ,
ଛଅ ସୁର ଏକ ହେଲେ କେତେ ମିଠା ସତେ
ସପ୍ତାହରେ ରହିଥାଏ ସାତଗୋଟି ବାର,
ସାତରଥୀ ମାରିଥିଲେ ଅଭିମନ୍ୟୁ ବୀର।
ଆଠ ଧାତୁ ନେଇ ସିନା ନାନା ଅଳଙ୍କାର,
ଆଠ ପାଟରାଣୀ ଥିଲେ ନନ୍ଦକୁମରର।
ନଅଗ୍ରହ ଚକ ପରି ସୂର୍ଯ୍ୟ ଚାରିପଟେ,
ଘୂରୁଛନ୍ତି ସବୁବେଳେ ନ ଗୋଟି ବାଟେ।
ଦଶଦିଗ ହସିଉଠେ ଶରତ କାଳରେ,
ଦଶଟି କାଠିରେ ବିଡ଼ା ବାନ୍ଧିଥାନ୍ତି ପିଲେ। ■

ମାଣ୍ଡୋସିଲ, ବରଗଡ଼
ମୋ- ୬୩୭୧୯୮୭୫୪୨

## ସୁମନ

## ମାଛର ବୁଦ୍ଧି



ବଗଟିଏ ଜଳାଶୟ ନିକଟରେ ଛିଡ଼ା ହୋଇଥାଏ। ତାକୁ ପ୍ରବଳ ଭୋକ। ପାଣି ଭିତରୁ କିଛି ଖାଦ୍ୟ ପାଇଲେ ଭୋକ ମେଣ୍ଟାଇବା ପାଇଁ ଏକ ଧ୍ୟାନରେ ଜଗିଥାଏ। ସେତେବେଳକୁ ଜଳ ଭିତରେ ପହଁରୁ ଥିବା ଏକ ମାଛ ତା' ନଜରକୁ ଆସିଲା। ବଗ ଜଳ ଭିତରୁ ମାଛଟିକୁ ଧରି ଆଣିଲା। ମାଛଟି ଆଉ କ'ଣ କରିବ। ତା'ର ଦୁଃଖର କଥା ଜଣାଇବାପାଇଁ ଚାହିଁଲା। ସେ କାକୁତି ମିନତି ହୋଇ କହିଲା, ଆମ ପରିବାରର ସମସ୍ତେ ଶିକାର ହୋଇ ସାରିଲେଣି। ଜଳାଶୟ ଦିନକୁ ଦିନ ଶୁଖିବାରେ ଲାଗିଛି। କେବଳ ମୁଁ ହିଁ ବଞ୍ଚିଛି। ମତେ ଯଦି ମାରି ଖାଇଦେବ, ମାଛମାନଙ୍କର ବଂଶ ବୁଡ଼ିଗଲେ ଜଗତ ଚଳିବ କେମିତି ! ଦୟା କରି ମୋତେ ଛାଡି ଦିଅ। ତା ବଦଳରେ ମୋ ପାଖରେ ଥିବା ଏକ ସୁନାର ମୁଦି ତୁମକୁ ଦେବି। ଯାହାର ମୂଲ୍ୟ ଖୁବ୍ ବେଶୀ। ବଗ କିଛି ସମୟ ଭାବିଲା। ପରେ ମାଛର କଥାରେ ବଗ ସନ୍ତୋଷ ହେଲା ଏବଂ ବଦଳରେ ସୁନାର ମୁଦି ଧରି ଆସିଲା। ସୁନା ମୁଦିକୁ ନେଇ ବଗ କ'ଣ କରିବ। ତାକୁ ତ ସେ ଖାଇ ପାରିବ ନାହିଁ। ତା ମନକୁ ଏକ ବୁଦ୍ଧି ଜୁଟିଲା। ବଗ ଏକ ମାଛ ଧରାଳି ସହିତ ସାଙ୍ଗ ହୋଇଥାଏ। ସେ ତା ପାଖକୁ ଗଲା। ଏ ସବୁକଥା ତାକୁ ଗୋଟି ଗୋଟି କରି କହିଲା। ବହୁ ମୂଲ୍ୟ ମୁଦିଟି ଦେଖି ତାର ମନରେ ଲୋଭ ହେଲା। ସେ ମୁଦିଟି ନେବା ପାଇଁ ଚାହିଁଲା। ମାଛ ଧରାଳିକୁ ବଗ ସେହି ମୁଦିଟି ଦେଲା। ବଦଳରେ ମାଛ ଧରାଳି ପ୍ରତିଦିନ ଏକ ବଡ଼ ମାଛ ତାକୁ ଖାଇବାକୁ ଦେବା ପାଇଁ ପ୍ରତିଶ୍ରୁତି ଦେଲା। ବଗ ମାଛ ଧରାଳି କଥାରେ ଖୁସି ହେଲା। ମାଛ ଧରାଳି ପରଦିନ ମୁଦିଟିକୁ ବିକିବାପାଇଁ ବଜାରକୁ ଗଲା। ମାତ୍ର ବହୁମୂଲ୍ୟ ଦେଇ ସୁନାମୁଦୀକୁ କିଣିବା ପାଇଁ ଲୋକ ବାହାରିଲେ ନାହିଁ। ବହୁ ବାର ଚେଷ୍ଟା କଲା ସତ୍ତ୍ୱେ ମୁଦିଟିକୁ ମାଛଧରାଳି ବିକିପାରିଲା ନାହିଁ। ତେଣେ କଥାଟା ରାଜ୍ୟ ସାରା ପ୍ରଘଟ ହୋଇଗଲା। ଲୋକେ ସବୁ ଆଡ଼େ ମୁଦି କଥାକୁ ଆଲୋଚନା କରିବାକୁ ଲାଗିଲେ। ଶେଷରେ କଥାଟି ରଜାଙ୍କ କାନକୁ ଗଲା। ରାଜା ମାଛ ଧରାଳିକୁ ଡକାଇଲେ। ମାଛ ଧରାଳି ପାଖରୁ ସବୁ କଥା ଶୁଣିଲେ। ସେ ମୁଦିଟିକୁ ରାଜାଙ୍କୁ ଦେଲା। ନିରୀକ୍ଷଣ କଲାପରେ ମୁଦିକୁ ରାଜା ଚିହ୍ନି ପାରିଲେ। ଅତ୍ୟନ୍ତ ଖୁସି ହେଲେ। ମୁଦିଟି ନେଇ ଅଲିଅଳ ଝିଅକୁ ଦେଖାଇଲେ। ଏତେ ଦିନ ପରେ ଝିଅ ହଜିଲା ମୁଦିକୁ ପାଇ ଖୁସିରେ ନାଚି ଉଠିଲେ। କହିଲେ ମୁଁ ଗାଧୋଉଥିବା ବେଳେ ଏ ମୁଦି ତ ଜଳାଶୟରେ ଖସି ପଡିଥିଲା, ଆଉ ମିଳି ନ ଥିଲା। ଅତ୍ୟନ୍ତ ଖୁସି ହୋଇ ରାଜା ମାଛ ଧରାଳି ସହିତ ଜଳାଶୟ ନିକଟକୁ ଗଲେ। ବିଚରା ମାଛ ନିକଟରୁ ସବୁ କଥା ଶୁଣି ରାଜା ଅତ୍ୟନ୍ତ ଦୁଃଖିତ ହେଲେ। ଉଚ୍ଚ ହିଡ଼ ଦେଇ ଜଳାଶୟ କୁ ଆହୁରି ଗଭୀର କରି ଜଳ ଭର୍ତ୍ତି କରାଇଲେ। ଜଳାଶୟ ଚର୍ତୁପାର୍ଶ୍ୱରେ ଗଛ ଲତା ଲଗାଇ ଆକର୍ଷଣୀୟ କରାଇଦେଲେ। ମାଛର ଖୁସି କହିଲେ ନସରେ। ଜଳାଶୟବାସୀ ଆନନ୍ଦରେ ରାଜାଙ୍କର ଜୟ ହେଉ ବୋଲି କହିଲେ। ଜଳାଶୟରେ ବାସ କରୁଥିବା ସମସ୍ତ ଜୀବଜନ୍ତୁ ପୁଣି ଥରେ ସୁଖରେ ବାସକଲେ। ମାଛର ଉପସ୍ଥିତ ବୁଦ୍ଧି ପାଇଁ ଏସବୁ ସମ୍ଭବ ହୋଇ ପାରିଲା। ■



ଗୋପୀନାଥ ଦାଶ


ବରପାଲିପଡ଼ା, ବଲାଙ୍ଗିର

## କୁନି ଆଙ୍କେ ତୁଳି





ରୁଦ୍ରାଣ୍ୟ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ






ସାନଭିକା ସ୍ୱାଇଁ
ପ୍ରଥମ ଶ୍ରେଣୀ
ବଚପନ ସ୍କୁଲ
ନିମାପଡ଼ା





ଗୌରବ ଦାସ
ଅଷ୍ଟମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୁରୀ






ସାଇ ଶ୍ରେୟାଂଶ
ପଞ୍ଚମ ଶ୍ରେଣୀ
ଅମିତ ଇଣ୍ଟର ନାସନାଲ ସ୍କୁଲ
ନୂଆଦିଲ୍ଲୀ

ଏସିଆ କପ୍ କ୍ରିକେଟ୍: ପାକିସ୍ତାନ ୧୮ ମ୍ୟାଚରୁ ହାରିଛି ୧୦

# ଭାରତ ସପକ୍ଷରେ ରେକର୍ଡ

ଦୁବାଇ, ୧୨।୯ (ଏଜେନ୍ସି)



ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯିବ। ଦୁବାଇରେ ହେବାକୁ ଥିବା ଏହି ମହାମୁକାବିଲାକୁ ସାରା ବିଶ୍ୱର କ୍ରିକେଟ୍‌ପ୍ରେମୀ ଅପେକ୍ଷା କରି ରହିଛନ୍ତି। ଏକାଧିକ କାରଣ ଲାଗି ଅବଶ୍ୟ ଏହି ମ୍ୟାଚର ଟିକଟ୍ ବିକ୍ରି ବର୍ତ୍ତମାନ ସୁଦ୍ଧା ବଳକା ରହିଛି। କିନ୍ତୁ ମ୍ୟାଚକୁ ନେଇ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ ସମେତ ସୋସିଆଲ୍ ମିଡିଆରେ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ଯାହାକି ଲଢ଼େଇ ପୂର୍ବରୁ ଏହି ମ୍ୟାଚର ଉଷ୍ମତାକୁ ବଢ଼ାଇ ଦେଇଛି।

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପାକିସ୍ତାନ ଚଳିତ ଏସିଆ କପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଭାରତ ପ୍ରଥମ ମ୍ୟାଚରେ ୯ ୱିକେଟ୍‌ରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ସେହିଭଳି ପାକିସ୍ତାନ ଦଳ ଶୁକ୍ରବାର ପ୍ରଥମ ମ୍ୟାଚରେ ଦୁର୍ବଳ ଓମାନକୁ ହରାଇ ଅଭିଯାନ ଆରମ୍ଭ କରିଛି। ତେଣୁ ଉଭୟ ଦଳ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରବିବାର ପଡ଼ିଆକୁ ଓହ୍ଲାଇବେ। ତେବେ ଏସିଆ କପ୍ ଇତିହାସ ଉପରେ ନଜର ପକାଇଲେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ବେଶ୍ ଭଲ ରହିଛି। ୧୯୮୪ରୁ ଏସିଆ କପ୍ ଆରମ୍ଭ ହୋଇଥିବାବେଳେ ଗତ ୨୦୨୩ ସଂସ୍କରଣ ସୁଦ୍ଧା ଉଭୟ ଭାରତ ଓ ପାକିସ୍ତାନ ୧୮ଥର ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ଭାରତ ୧୦ ମ୍ୟାଚରେ ବିଜୟୀ ହୋଇ ଆଗରେ ରହିଛି। ୬ଟି ମ୍ୟାଚରେ ପାକିସ୍ତାନ ଜିତିଥିବାବେଳେ ୨ଟି ମ୍ୟାଚର ଫଳାଫଳ ବାହାରିପାରି ନାହିଁ। ଏହି ୧୮ଟି ମ୍ୟାଚ୍ ମଧ୍ୟରୁ ଦିନିକିଆ ଫର୍ମାଟ୍‌ରେ ଭାରତ ଓ ପାକିସ୍ତାନ ୧୫ଥର ପରସ୍ପର ବିପକ୍ଷରେ ଖେଳିଛନ୍ତି। ଏଥିରେ ଭାରତ ୮ ମ୍ୟାଚରେ ପାକିସ୍ତାନକୁ ମାତ୍ ଦେଇଛି। ସେହିଭଳି ପାକିସ୍ତାନ ୫ଟି ମ୍ୟାଚ୍ ଜିତିଥିବାବେଳେ ୨ଟି ମ୍ୟାଚର ଫଳାଫଳ ବାହାରିନାହିଁ। ସେହିଭଳି ବିଭିନ୍ନ କାରଣ ଲାଗି ଏସିଆ କପ୍ ୨୦୨୩ ସୁଦ୍ଧା ଦୁଇଥର ଟି-୨୦ ଫର୍ମାଟରେ ଖେଳାଯାଇଥିଲା। ଏହି ଫର୍ମାଟ୍‌ରେ ଉଭୟ ଦେଶ ୩ଥର ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଭାରତ ୨ଥର ଓ ପାକିସ୍ତାନ ଥରେ ଜିତିଛି। ତେଣୁ ଉଭୟ ଫର୍ମାଟ୍‌ରେ ମଧ୍ୟ ରେକର୍ଡ ଭାରତ ସପକ୍ଷରେ ରହିଛି।

| ଏସିଆ କପ୍‌ରେ ଭାରତ-ପାକିସ୍ତାନ | |
|---|---|
| ସାମ୍ନାସାମ୍ନି | - ୧୮ଥର |
| ଭାରତ ଜିତିଛି | - ୧୦ଥର |
| ପାକିସ୍ତାନ ଜିତିଛି | - ୬ଥର |
| ବିନା ଫଳାଫଳ | - ୨ଟି |

## ସ୍ମରଣୀୟ ଲଢ଼େଇ

**୨୦୧୦** : ଶ୍ରୀଲଙ୍କାର ଦାମ୍ବୁଲାରେ ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୬୮ ରନର ଲକ୍ଷ୍ୟକୁ ଭାରତ ୪୯.୫ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ହରଭଜନ ସିଂ ୪୯ତମ ଓଭରର ପ୍ରଥମ ବଲରେ ସୋଏବ ଅଖତରଙ୍କୁ ଛକା ଏବଂ ଅନ୍ତିମ ଓଭରର ୫ମ ବଲରେ ମହମ୍ମଦ ଅମୀରଙ୍କୁ ଛକା ମାରି ଭାରତକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ।

**୨୦୧୪** : ବାଂଲାଦେଶର ମୀରପୁରରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୮ ରନ କରିଥିଲା। ଜବାବରେ ପାକିସ୍ତାନ ୪୯ ଓଭରରେ ୮ ୱିକେଟ୍‌ରେ ୨୩୬ ରନ କରିଥିଲା। ଶେଷ ଓଭରରେ ଜିତିବା ଲାଗି ୧୦ ରନ ଆବଶ୍ୟକ ହେଉଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ କରିବାକୁ ଆସିଥିଲେ। ପ୍ରଥମ ବଲରେ ସଇଦ ଆଜମଲ ଆଉଟ୍ ହୋଇଥିଲେ। କିନ୍ତୁ ୩ୟ ଓ ୪ର୍ଥ ବଲ୍‌ରେ କ୍ରମାଗତ ଛକା ମାରି ସାହିଦ ଆଫ୍ରିଦୀ ୧ ୱିକେଟ୍‌ରେ ରୋମାଞ୍ଚକ ଭାବେ ଦଳକୁ ଜିତାଇଥିଲେ।

**୨୦୧୨** : ବିରାଟ କୋହଲିଙ୍କ ଦମ୍‌ଦାର ୧୮୩ ରନ ବଳରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୩୦ ରନର ଲକ୍ଷ୍ୟକୁ ଭାରତ ୧୩ ବଲ୍ ଓ ୬ ୱିକେଟ୍ ବଳକା ଥାଇ ଜିତିଥିଲା। ମୀରପୁରରେ ଅନୁଷ୍ଠିତ ଏହି ମ୍ୟାଚରେ କୋହଲି ୧୪୮ ବଲରେ ୨୨ ଚୌକା ଓ ଗୋଟିଏ ଛକା ମାରିଥିଲେ।

**୨୦୦୮**: ଏସିଆ କପ୍‌ର ୨୦୦୮ ସଂସ୍କରଣରେ ଭାରତ ଓ ପାକିସ୍ତାନ ଗ୍ରୁପ୍ ଓ ସୁପର୍-୪ ପର୍ଯ୍ୟାୟରେ ଥରେ ଲେଖାଏ ସାମ୍ନାସାମ୍ନି ହୋଇଥିଲେ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ରାୱଲପିଣ୍ଡିରେ ବୀରେନ୍ଦ୍ର ସେହ୍ୱାଗ (୧୧୯)ଙ୍କ ଶତକ ବଳରେ ଭାରତ ୩୦୦ ରନର ଟାର୍ଗେଟ୍‌କୁ ୪୨.୧ ଓଭରରେ ୪ ୱିକେଟରେ ହାସଲ କରିନେଇଥିଲା। କିନ୍ତୁ ସୁପର୍-୪ରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୦୯ ରନର ଲକ୍ଷ୍ୟକୁ ଘରୋଇ ପାକିସ୍ତାନ ୨ ୱିକେଟ୍‌ରେ ବିଜୟୀ ହୋଇଥିଲା। ୟୁନିସ ଖାନ ଅପରାଜିତ ୧୨୩ ରନ କରିଥିଲେ।

| ଆଜିର ମ୍ୟାଚ୍ | ବାଂଲାଦେଶ-ଶ୍ରୀଲଙ୍କା |
|---|---|
| | ଭେନ୍ୟୁ : ଆବୁଧାବି |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ମହମ୍ମଦ୍ ହାରିସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ



ଦୁବାଇ,୧୨।୯ (ଏଜେନ୍ସି): ଚଳିତ ଏସିଆ କପ୍‌ର ୪ର୍ଥ ମୁକାବିଲାରେ ଶୁକ୍ରବାର ପାକିସ୍ତାନ ଓ ଓମାନ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୦ ରନ ସଂଗ୍ରହ କରିଛି। ୱିକେଟ୍‌ରକ୍ଷକ ମହମ୍ମଦ ହାରିସ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ୪୩ ବଲର ପାଳିରେ ହାରିସ ୭ଟି ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିବଜାଦ ଫରହାନ ୨୯, ମହମ୍ମଦ ନୱାଜ ୧୯ ଓ ଫଖର ଜମାନ ଅପରାଜିତ ୨୩ ରନ କରିଥିଲେ। ଓପନର ସମିମ ଆୟୁବ ଓ ଅଧିନାୟକ ସଲମନ ଆଘା ଖାତା ଖୋଲିବାରେ ବିଫଳ ହୋଇଥିଲେ। ଓମାନ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିବାରୁ ପାକିସ୍ତାନ ଏହି ମ୍ୟାଚରେ ଏକ ବଡ଼ ସ୍କୋର ଠିଆ କରାଇବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଦୁଇ ବାମହାତୀ ବୋଲର ଆମିର କଲିମ ଓ ଶାହ ଫୈଜଲ ୩ଟି ୱିକେଟ୍ ନେଇ ପାକିସ୍ତାନକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଓମାନ ଶେଷ ଖବର ସୁଦ୍ଧା ୧୧ ଓଭରରେ ୭ ୱିକେଟ୍ ହରାଇ ୫୦ ରନ ସଂଗ୍ରହ କରିଛି। ଓପନର ଆମିର କଲିମ ୧୩, ଅଧିନାୟକ ଜତିନ୍ଦର ସିଂହ ୧ ଓ ମହମ୍ମଦ ନଦୀମ ୩ ରନ କରି ଆଉଟ୍ ହୋଇଥିଲେ। ଶନିବାର ଗ୍ରୁପ୍-ବି'ରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଖେଳାଯିବ।

● ଦୁଲୀପ୍ ଟ୍ରଫି ଫାଇନାଲ: ପାଟିଦାର, ରାଠୋଡଙ୍କ ଶତକ

## ଦୃଢ଼ସ୍ଥିତିରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୧୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା କେନ୍ଦ୍ରାଞ୍ଚଳ ଦୁଇ ଦୁଇଟି ଶତକୀୟ ପାଳି ବଳରେ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୦୪ ଓଭରରେ ୫ ୱିକେଟ୍ ହରାଇ ୩୮୪ ରନର ବିଶାଳ ସ୍କୋର କରିଛି। ଖେଳ ଶେଷବେଳକୁ ୟଶ ରାଠୋଡ ୧୩୭ ଓ ସାରାଂଶ ଜୈନ ୪୭ ରନ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟର୍ ଅସମାପ୍ତ ୬ଷ୍ଠ ୱିକେଟ୍ ଭାଗୀଦାରିରେ ୧୧୮ ରନ ଯୋଡ଼ିଛନ୍ତି। ସେହିଭଳି ଅଧିନାୟକ ରଜତ ପାଟିଦାର ମଧ୍ୟ ୧୦୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ୧୧୨ ବଲ୍‌ର ଏହି ପାଳିରେ ରଜତ ୧୨ ଚୌକା ଓ ୨ଟି ଛକା ମାରିଥିଲେ। ଆଉଟ୍ ହୋଇଥିବା ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଓପନର୍ ଦାନିଶ ମାଲେୱାର ୫୩, ଅକ୍ଷୟ ୱାଦକର ୨୨, ଶୁଭମ ଶର୍ମା ୬ ଓ ଉପେନ୍ଦ୍ର ଯାଦବ ୫ ରନ କରିଥିଲେ। ବୋଲିଂରେ ଗୁରଜାପନୀତ ସର୍ବାଧିକ ୩ଟି ୱିକେଟ୍ ସଫଳତା ପାଇଥିଲେ। କେନ୍ଦ୍ରାଞ୍ଚଳ ବର୍ତ୍ତମାନ ସୁଦ୍ଧା ପ୍ରଥମ ପାଳିରେ ୨୩୫ ରନର ଅଗ୍ରଣୀ ହାସଲ କରିଛି। ହାତରେ ଆହୁରି ୫ ୱିକେଟ୍ ବଳକା ଥିବାରୁ କେନ୍ଦ୍ରାଞ୍ଚଳ ଏକ ବୃହତ୍ ଅଗ୍ରଣୀ ନେବ ବୋଲି ଆକଳନ କରାଯାଉଛି।



● ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ

## ସେମିରେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଚାରି କୋଟି ୪୧ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ ଏବଂ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଦୁଇ ଭାରତୀୟ ଖେଳାଳି ଲକ୍ଷ୍ୟ ଓ ଆୟୁଷ ସେଟ୍ଟୀଙ୍କ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଲକ୍ଷ୍ୟ ୨୧-୧୬, ୧୭-୨୧, ୨୧-୧୩ ଗେମରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲେ। ସେହିଭଳି ପୁରୁଷ ଡବଲ୍ସ କ୍ୱାର୍ଟର ଲଢ଼େଇରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୪, ୨୦-୨୨, ୨୧-୧୬ ଗେମରେ ମାଲେସିଆର ଆରିଫ ଜୁନୈଦ ଓ ରୟ କିଙ୍ଗ ୟାପ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଉଭୟଙ୍କୁ ଏକ ଘଣ୍ଟା ୪ ମିନିଟ୍ ସମୟ ଲାଗିଥିଲା। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମହିଳା ଡବଲ୍ସରେ ଓଡ଼ିଶାର ଦୁଇ ଭଉଣୀ ରତ୍ନପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରି-କ୍ୱାର୍ଟରରେ ହାରି ଅଭିଯାନ ଶେଷ କରିଥିଲେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ ୨ ଦିନ ଘୁଞ୍ଚିଲା

## କ୍ୟାପ୍‌ଟେନ, କୋଚ୍‌ଙ୍କ ନାମ ଘୋଷଣା

କଟକ,୧୨।୯ (ସମିସ): ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗର ୬ ଦଳର ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଆଜି ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟର ସମସ୍ତ ଫ୍ରାଞ୍ଚାଇଜଙ୍କ ଦ୍ୱାରା ଗଠିତ ଦଳର ନାମ ବିଧିବଦ୍ଧ ଭାବେ ପ୍ରକାଶ କରାଯାଇଥିଲା। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇ ଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୭ ତାରିଖରୁ ଲିଗ୍ ଆରମ୍ଭ ହେବ। ଆଜିର କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

| ଫ୍ରାଞ୍ଚାଇଜ୍ | କ୍ୟାପ୍ଟେନ | ହେଡ କୋଚ୍ |
|---|---|---|
| କଟକ ପାନ୍ଥର୍ସ | ସ୍ୱସ୍ତିକ ସାମଲ | ପ୍ରଭଞ୍ଜନ ମଲିକ |
| ସମ୍ବଲପୁର ୱାରିୟର୍ସ | ଶୁଭ୍ରାଂଶୁ ସେନାପତି | ରଶ୍ମିରଞ୍ଜନ ଦାସ |
| ପୁରୀ ଟାଇଟନ୍ସ | ସନ୍ଦୀପ ପଟ୍ଟନାୟକ | ସୌରଭ ସେହଗଲ |
| ଭୁବନେଶ୍ୱର ଟାଇଗର୍ସ | ସୂର୍ଯ୍ୟକାନ୍ତ ପ୍ରଧାନ | ପ୍ରୀତମଜିତ୍ ଦାସ |
| କେଉଁଝର ମାଇନର୍ସ | ଗୋବିନ୍ଦ ପୋଦ୍ଦାର | ସଞ୍ଜୟ ଶତପଥି |
| ରାଉରକେଲା ଷ୍ଟିଲର୍ସ | ଆଶୀର୍ବାଦ ସ୍ୱାଇଁ | ସୁବିତ ବିଶ୍ୱାଳ |

## କିଟ୍‌ରେ ସିବିଏସ୍‌ଇ ନ୍ୟାସନାଲ୍ ହକି ଆରମ୍ଭ



ଭୁବନେଶ୍ୱର,୧୨।୯ (ସମିସ): ସିବିଏସ୍‌ଇ (ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ) ନ୍ୟାସନାଲ ହକି ଚାମ୍ପିଅନସିପ୍‌ର ବାଳିକା ବିଭାଗରେ ଖେଳ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓ କିଟ୍ ୟୁନିଭର୍ସିଟିର ମିଳିତ ଆନୁକୂଲ୍ୟରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୨୬ଟି ଟିମ୍ ଓ ୪୦୦ ଖେଳାଳି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଛନ୍ତି। ଏହି ୨୬ଟି ମଧ୍ୟରୁ ୧୪ ଓ ୧୭ ବର୍ଷରୁ କମ୍ ବିଭାଗରେ ୯ଟି ଲେଖାଏଁ, ୧୯ ବର୍ଷରୁ କମ୍ ବିଭାଗରେ ୮ଟି ଟିମ୍ ଅଂଶଗ୍ରହଣ କରୁଛି। ଏହି ପ୍ରତିଯୋଗତାକୁ ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜେତା ହକି ଖେଳାଳି ଅମିତ ରୋହିଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସିବିଏସ୍‌ଇର ଦୁଇ ପର୍ଯ୍ୟବେକ୍ଷକ ଭୀମସିଂ ତ୍ୟାଗୀ ଓ ରିଣ୍ଟୋ ଟିକେ, କିଟ ୟୁଭର୍ସିଟି କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ ସଞ୍ଜୟ ସୁଆର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସିବିଏସ୍‌ଇ ବାଳିକା ହକିରେ ପ୍ରତିଯୋଗିତା ତୀବ୍ର ହେବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।

## ମାଛ ବେପାରୀଙ୍କ ଝିଅ ମୌସୁମୀ ଟପ୍ ସୁଟର୍



ଭୁବନେଶ୍ୱର,୧୨।୯ (ସମିସ): ସଫଳତା ହାସଲ ଲାଗି ଅର୍ଥ କେବେ ଅନ୍ତରାୟ ସୃଷ୍ଟି କରିପାରିନାହିଁ। ମାତାପିତାଙ୍କ ସ୍ୱଳ୍ପ ରୋଜଗାର ସତ୍ତ୍ୱେ ପାରଳାଖେମୁଣ୍ଡିର ଜଣେ ୧୪ ବର୍ଷୀୟା ବାଳିକା ମୌସୁମି ସିମଲାଇ ଜାତୀୟ ସ୍ତରୀୟ ଏନ୍‌ସିସି କ୍ୟାମ୍ପରେ ଟପ୍ ସୁଟର ହେବାର ସଫଳତା ଲାଭ କରିଛନ୍ତି। ଦେଶର ୧୫୦୦ କ୍ୟାଡେଟଙ୍କୁ ନେଇ ସର୍ବଭାରତୀୟ ସ୍ଥଳ ସୈନିକ କ୍ୟାମ୍ପ-୨୦୨୫ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏମାନଙ୍କ ମଧ୍ୟରୁ ୧୨୦୦ କ୍ୟାଡେଟ ରାଇଫଲ ସୁଟିଂରେ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଥିବା ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ୍‌ର ୯ମ ଶ୍ରେଣୀରେ ପଢ଼ୁଥିବା ମୌସୁମୀ ଦେଶର ଟପ୍ ସ୍କୁଲ୍‌ରୁ ଆସିଥିବା କ୍ୟାଡେଟ ମାନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବର ୨ରୁ ୧୧ ଯାଏ ଅନୁଷ୍ଠିତ ଏହି କ୍ୟାମ୍ପରେ ଦେଶର ୧୭ଟି ଏନ୍‌ସିସି ନିର୍ଦ୍ଦେଶାଳୟରୁ ୧୫୪୬ ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ମୌସୁମିଙ୍କ ମାତା ମାଣିକ ଓ ପିତା ବଳାଇ ଚାନ୍ଦ ପାରଳାଖେମୁଣ୍ଡିରେ ମାଛ ବେପାର କରି ପେଟ ପୋଷନ୍ତି। ସ୍ୱଳ୍ପ ରୋଜଗାର ସତ୍ତ୍ୱେ ଝିଅକୁ ଉଚ୍ଚ ଶିକ୍ଷିତ କରାଇବା ସହ ରାଜ୍ୟ ତଥା ଦେଶର ନାମ ରଖନ୍ତୁ ବୋଲି ମାଣିକ ଓ ବଳାଇ ଆଶା ରଖିଛନ୍ତି। ଏମାନେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ସଞ୍ଜୟ ଗାନ୍ଧି କଲୋନୀରେ ମାଛ ବେପାର କରି ଗୁଜରାଣ ମେଣ୍ଟାଇଥାନ୍ତି।

ଆଜିଠୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

## ନଜରରେ ନୀରଜ, ଅନିମେଶ





ଟୋକିଓ, ୧୨।୯ (ଏଜେନ୍ସି): ବିଶ୍ୱ ଦୌଡ଼କୁଦର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପର ୨୦ତମ ସଂସ୍କରଣ ଶନିବାରଠାରୁ ଜାପାନର ରାଜଧାନୀ ଟୋକିଓରେ ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ବିଶ୍ୱର ୧୯୮ ଦେଶର ପାଖାପାଖି ୨୨୦୦ ଆଥ୍‌ଲେଟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ମୋଟ୍ ଉପରେ ୪୯ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଏହି ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତର ୧୯ ଜଣିଆ ଆଥ୍‌ଲେଟ୍ ଦଳ ଅଂଶଗ୍ରହଣ କରିବ। ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଟୋକିଓ ଗସ୍ତ କରିଥିବା ଭାରତୀୟ ଦଳରେ ୧୪ଜଣ ପୁରୁଷ ଓ ୫ଜଣ ମହିଳା ଆଥଲେଟ୍ ରହିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ୧୫ ଗୋଟି ଇଭେଣ୍ଟରେ ଭାଗନେବେ। ଦୁଇଜଣ ଆଥଲେଟ୍ ଗୁଲ୍‌ବୀର ସିଂହ ଓ ପୂଜା କେବଳ ୨ଟି ଇଭେଣ୍ଟରେ ଟ୍ରାକ୍‌କୁ ଓହ୍ଲାଇବେ। ୨୦୨୩ରେ ବୁଦାପେଷ୍ଟରେ ଅନୁଷ୍ଠିତ ସଂସ୍କରଣରେ ନୀରଜ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତେଣୁ ଏଥର ସେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ପ୍ରବେଶ କରିଛନ୍ତି। ସେହିଭଳି ୨୦୨୧ରେ ଏଠାରେ ଆୟୋଜିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଜାଭେଲିନ ଥ୍ରୋ'ରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏବେ ଚାରି ବର୍ଷ ପରେ ନୀରଜ ସମାନ ଭେନ୍ୟୁରେ ପୁଣିଥରେ ତାଙ୍କ ସ୍ୱର୍ଣ୍ଣିମ ସଫଳତାକୁ ଦୋହରାଇବେ ବୋଲି ଭାରତୀୟ କ୍ରୀଡ଼ାପ୍ରେମୀ ଆଶାବାଦୀ ରହିଛନ୍ତି। ସେହିଭଳି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ଭାଗନେବେ। ଅନିମେଶଙ୍କ ଇଭେଣ୍ଟ ସେପ୍ଟେମ୍ବର ୧୭ରେ ଆରମ୍ଭ ହେବ। ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାର ଇତିହାସରେ ଭାରତ ଆଜି ପର୍ଯ୍ୟନ୍ତ ମାତ୍ର ୩ଟି ପଦକ ଜିତିବାରେ ସମର୍ଥ ହୋଇଛି। ୨୦୦୩ରେ ଅଞ୍ଜୁ ବବି ଜର୍ଜ ପ୍ରଥମ ଭାରତୀୟ ଭାବେ ପଦକ (ରୌପ୍ୟ) ବିଜୟୀ ହୋଇଥିଲେ। ଏହାପରେ ୨୦୨୨ରେ ନୀରଜ ରୌପ୍ୟ ଓ ୨୦୨୩ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ମାର୍ଶାଲ ଆର୍ଟରେ ଓଡ଼ିଶା ପୁଲିସ୍‌କୁ ୨ ସ୍ୱର୍ଣ୍ଣ



ଭୁବନେଶ୍ୱର,୧୨।୯ (ସମିସ)

ଜାତୀୟସ୍ତରରେ ଅନୁଷ୍ଠିତ ରୋଭିନାମ ମାର୍ଶାଲ ଆର୍ଟ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁଲିସ୍‌କୁ ବିଶେଷ ସଫଳତା ମିଳିଛି। ନୂଆଦିଲ୍ଲୀରେ ଆୟୋଜିତ ଏହି କ୍ରୀଡ଼ାରେ ଓଡ଼ିଶା ପୁଲିସ୍‌କୁ ୨ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ମିଳିଛି। ଏମାନେ ଓଡ଼ିଶା ପୁଲିସ୍‌ର ଗୌରବ ବଢ଼ାଇଛନ୍ତି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର କାମନା କରିଛନ୍ତି। ଏମାନଙ୍କ ମଧ୍ୟରୁ ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀ ହେଲେ ବର୍ଷା ନାଥ ଓ ବିଶ୍ୱଜିତ ରାଉତ। ଓଆଇଏସ୍‌ଏଫ୍ ଭୁବନେଶ୍ୱରରେ କାର୍ଯ୍ୟକରୁଥିବା ବର୍ଷା ରୋଭିନାମ ମାର୍ଶାଲ ଆର୍ଟ ବିଭାଗରେ ଓ ବିଶ୍ୱଜିତ ୮୧ କେଜିରୁ ଊର୍ଦ୍ଧ୍ୱ ଜାତୀୟ ରୋଭିନାମ୍ ମାର୍ଶାଲ ଆର୍ଟ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ୍ୟ ଅସିଚାଳନାରେ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। କନଷ୍ଟେବଳ ଦିବ୍ୟରଞ୍ଜନ ଦଳାଇ ୯୫ କେଜିରୁ ଉଦ୍ଧର୍ ରୋଭିନାମ ମାର୍ଶାଲ ଆର୍ଟ ସିନିୟର କାଟେଗୋରୀ ଓ କରାଟେର କାଟାରେ ଗୋଟିଏ ଲେଖାଏଁ ରୌପ୍ୟ ପଦକ ହାସଲ କରିଛନ୍ତି।

## ଡେଭିସ୍ କପ୍ : ଭାରତ ୨-୦ରେ ଆଗୁଆ

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ଯୁବ ଖେଳାଳି ଦକ୍ଷିଣେଶ୍ୱର ସୁରେଶ ଓ ସୁମିତ ନାଗଲ ପ୍ରଥମ ଦିନରେ ଖେଳାଯାଇଥିବା ଦୁଇଟିଯାକ ସିଙ୍ଗଲ୍ସ ମୁକାବିଲାରେ ବିଜୟୀ ହୋଇଛନ୍ତି। ଏହା ଫଳରେ ସ୍ୱିଜରଲାଣ୍ଡର ବିଏଲଠାରେ ଆଜି ଆରମ୍ଭ ହୋଇଥିବା ବିଶ୍ୱ ଗ୍ରୁପ୍-୧ ମୁକାବିଲାର ପ୍ରଥମ ଦିନରେ ହିଁ ଭାରତ ୨-୦ରେ ଆଗୁଆ ରହିଛି। ଆସନ୍ତାକାଲି ଶ୍ରୀରାମ ବାଲାଜୀ-ରିତ୍ୱିକ ବୋଲିପାଲିଙ୍କ ଯୋଡି ଜାକୁବ ପଲ-ଡୋମିନିକ୍ ଷ୍ଟ୍ରିକରଙ୍କ ସହ ଡବଲ୍ସରେ ମୁକାବିଲା କରିବେ। ଆଜି ପ୍ରଥମ ସିଙ୍ଗଲ୍ସରେ ତାଙ୍କ ଡେଭିସ୍ କପ୍‌ରେ ଡେବ୍ୟୁ କରିଥିବା ଦକ୍ଷିଣେଶ୍ୱର ସୁରେଶ ୭-୬, ୬-୩ ସେଟ୍‌ରେ ଜେରୋମ କିମ୍‌ଙ୍କୁ ଓ ଦ୍ୱିତୀୟ ସିଙ୍ଗଲ୍ସରେ ସୁମିତ ନାଗଲ ୬-୩, ୭-୬ରେ ଆନ୍ଦ୍ରିଆ ହୁଏସଲରଙ୍କୁ ହରାଇଥିଲେ।

ବେଙ୍ଗାଲୁରୁ ଟେନିସ୍ ଟୁର୍ଣ୍ଣାମେଣ୍ଟ

## ଆହାନଙ୍କୁ ମହିଳା ବିଭାଗରେ ଦ୍ୱିମୁକୁଟ



ଭୁବନେଶ୍ୱର,୧୨।୯ (ସମିସ): ଓଡ଼ିଶାର ଉଦୀୟମାନ ବାଳିକା ଖେଳାଳି ଆହାନ ବେଙ୍ଗାଲୁରୁରେ ଅନୁଷ୍ଠିତ ଏକ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ହାସଲ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ଚମତ୍କାର ଖେଳ ପ୍ରଦର୍ଶନକରି ଉଭୟ ମହିଳା ଏକକ ଓ ଯୁଗଳ ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ପ୍ରଥମଥର ଲାଗି ମହିଳା ବିଭାଗରେ ଆହାନ ଏତେ ବଡ଼ ସଫଳତା ହାସଲ କରିଛନ୍ତି। ଏହା ଫଳରେ ଓଡ଼ିଶାରେ ଏକ ନୂଆ ସଫଳତାର ଧାରା ସେ ଆରମ୍ଭ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକକ ଫାଇନାଲରେ ଆହାନ ୬-୦, ୬-୦ ସିଧାସଳଖ ସେଟ୍‌ରେ କର୍ଣ୍ଣାଟକର ବି. ହୃଦୟେଶୀଙ୍କୁ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଥିଲେ। ଏହା ପରେ ତାମିଲନାଡୁର ସବିତା ଭୁବନେଶ୍ୱରନଙ୍କୁ ସାଥିକରି ମହିଳା ଯୁଗଳ ବିଭାଗରେ ଗୁଜରାଟ ଯୋଡି ରିୟା ଭୂର୍ଜା ଓ ସୌମ୍ୟା ରୋଣ୍ଡେଙ୍କୁ ୭-୫, ୬-୨ରେ ପରାସ୍ତ କରିଥିଲେ। ଏହି ବାଳିକା ଖେଳାଳିଙ୍କ କୋଚ୍ ସନ୍ତୋଷ ମଲ୍ଲିକ ଓ ମେଣ୍ଟର ଚିନ୍ମୟ ପ୍ରଧାନ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ତାଙ୍କୁ ସମସ୍ତ ସହାୟତା କରାଯାଉଛି। କଠିନ ପରିଶ୍ରମର ଯେ ବିକଳ୍ପ ନାହିଁ ତାହା ଆହାନ ପ୍ରମାଣ କରି ଦେଖାଇଛନ୍ତି। ତାଙ୍କ ସଫଳତା ପରେ ଓଡ଼ିଶାର ବାଳିକା ଓ ମହିଳା ଖେଳାଳି ଟେନିସ ଖେଳିବାକୁ ଆଗେଇ ଆସିବେ ବୋଲି ଆଶା କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS